



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-285 ◆MONDAY ◆13 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୫ ◆ସୋମବାର ◆୧୩ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






## ପରଲୋକରେ ଆଶା

■ ମୁମ୍ବଇ, ୧୨।୪ (ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର ଏକ ଅବିସ୍ମରଣୀୟ ଅଧ୍ୟାୟର ଅନ୍ତ ଘଟିଛି। ନିଜର ମନ୍ତ୍ରମୁଗ୍ଧକର କଣ୍ଠସ୍ୱରରେ କୋଟି କୋଟି ଶ୍ରୋତାଙ୍କ ହୃଦୟକୁ ଅନ୍ଦୋଳିତ କରିଥିବା କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ ୯୨ ବର୍ଷ ବୟସରେ ମୁମ୍ବଇଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଛାତିରେ ସଂକ୍ରମଣ ଯୋଗୁଁ ସେ ଶନିବାର ସନ୍ଧ୍ୟାରେ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବ୍ରିଚକାଣ୍ଡି ହସ୍ପିଟାଲର ଡାକ୍ତର ପ୍ରତୀତ ସମଦାନୀଙ୍କ ଅନୁସାରେ, ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଏବଂ ମଲଟି ଅର୍ଗାନ ଫେଲ୍ୟୁଅର ବା ଏକାଧିକ ଅଙ୍ଗ ଅକାମୀ ହୋଇଯିବା ହେତୁ ତାଙ୍କର ଦେହାନ୍ତ ହୋଇଛି। ଆସନ୍ତାକାଲି ଅର୍ଥାତ ସୋମବାର ପୂର୍ବାହ୍ନ ୧୧ଟାରେ ଲୋୟର ପାରେଲସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ପାର୍ଥିବ ଶରୀର ରଖାଯିବ ଏବଂ ଅପରାହ୍ନ ୪ଟାରେ ଶିବାଜୀ ପାର୍କଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ।

୧୯୩୩ ମସିହାରେ ଜନ୍ମିତ ଆଶା ଭୋସଲେଙ୍କ ସଙ୍ଗୀତ ଯାତ୍ରା ଥିଲା ସଂଘର୍ଷ ଓ ସଫଳତାର ଅପୂର୍ବ ସମନ୍ୱୟ। ପିତା ପଣ୍ଡିତ ଦୀନନାଥ ମଙ୍ଗେସକରଙ୍କ ଦେହାନ୍ତ ପରେ ନିଜ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ସେ ପାରିବାରିକ ଦାୟିତ୍ୱ ସମ୍ଭାଳିବା ସହ ଗୀତ ଗାଇବା ଆରମ୍ଭ ▶ପୃଷ୍ଠା-୭

# ଇସଲାମାବାଦ ଆଲୋଚନା ବିଫଳ

## ପ୍ରତିବନ୍ଧକ ସାଜିଛି ଇରାନର ପରମାଣୁ କାର୍ଯ୍ୟକ୍ରମ



### ସର୍ବଶେଷ ଓ ସର୍ବୋତ୍ତମ ପ୍ରସ୍ତାବ ଦେଇ ଫେରୁଛୁ: ଆମେରିକା

### ଆମେରିକାର ଅଯୌକ୍ତିକ ଦାବି ଯୋଗୁଁ ଆଲୋଚନା ବିଫଳ: ଇରାନ

■ ୱାସିଂଟନ/ତେହେରାନ, ୧୨।୪ (ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସଲାମାବାଦରେ ଇରାନ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଦୁଇ ଦେଶର ପ୍ରତିନିଧି ଦଳ ଦୀର୍ଘ ୨୧ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ ଉଭୟ ନିଜ ନିଜ ଜିଦରେ ଅଟଳ ରହିବାରୁ କଥାବାର୍ତ୍ତା ବିଫଳ ହୋଇଛି। ଏହି ବିଫଳତା ପାଇଁ ଉଭୟ ପରସ୍ପରକୁ ଦାୟୀ କରିଛନ୍ତି। କଥାବାର୍ତ୍ତା ବିଫଳ ହେବାପରେ ମଧ୍ୟପ୍ରାଚ୍ୟରେ ପୁଣି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଉଭୟ ପକ୍ଷ ଦୁଇ ସପ୍ତାହ ଲାଗି ଯୁଦ୍ଧବିରତି ଘୋଷଣା କରିଥିଲେ ମଧ୍ୟ ହର୍ମୁଜ ଅବରୋଧ ଲାଗି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେବାପରେ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଉଭୟ ପକ୍ଷ ପୁଣି ମୁକାବିଲା ଲାଗି ପ୍ରସ୍ତୁତ ହେଉଥିବା ବେଳେ ରୁଷ ରାଷ୍ଟ୍ରପତି ପୁତିନ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛନ୍ତି।

ଇସଲାମାବାଦ ଆଲୋଚନା ବିଫଳ ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି ଯେ ହର୍ମୁଜ ସମୁଦ୍ର ପଥକୁ ତାଙ୍କ ▶ପୃଷ୍ଠା-୭

## ଚୀନକୁ ଧମକ ଦେଲେ ଟ୍ରମ୍ପ

**ଭୟଙ୍କର ହେବ ଇରାନକୁ ସାମରିକ ସହାୟତା ପରିଣତି**

■ ୱାସିଂଟନ, ୧୨।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଅସ୍ଥିରତା ମଧ୍ୟରେ ଓ ଶାନ୍ତି ଆଲୋଚାନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନକୁ ଏକ ଶକ୍ତ ଚେତାବନୀ ଦେଇଛନ୍ତି। ଯଦି ଚୀନ୍ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଇରାନକୁ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର କିମ୍ବା ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଦିଏ, ତେବେ ଚୀନ୍‌କୁ ଭୟଙ୍କର ସମସ୍ୟା ଓ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଆମେରିକା ଗୁଇନ୍ଦା ସଂସ୍ଥାର ରିପୋର୍ଟ ଅନୁଯାୟୀ, ଇରାନ ନିଜର କ୍ଷତିଗ୍ରସ୍ତ ସାମରିକ ଶକ୍ତିକୁ ▶ପୃଷ୍ଠା-୭

### ଇଣ୍ଟିଗ୍ରେଟେଡ୍ ବିଇଡି ପ୍ରବେଶିକା ପରୀକ୍ଷା

# ଓଡ଼ିଆ ପରୀକ୍ଷାର୍ଥୀଙ୍କ ବିରୋଧରେ ଷଡ଼ଯନ୍ତ୍ର !

### ରାଜ୍ୟ ବାହାରେ ପରୀକ୍ଷା କେନ୍ଦ୍ରକୁ ନେଇ ଛାତ୍ରଛାତ୍ରୀ ନିରାଶ

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଧ୍ୟାପକ-ଅଭିଭାବକ

■ ଭୁବନେଶ୍ୱର, ୧୨।୪ (ସମିସ): ଆସନ୍ତା ୧୭ ଓ ୧୮ ତାରିଖରେ ୪ ବର୍ଷିଆ ଇଣ୍ଟିଗ୍ରିଟେଡ୍ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହେବ ପ୍ରବେଶିକା ପରୀକ୍ଷା। ମାତ୍ର ଏହି ସମୟରେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବିରୋଧରେ ଆସିଛି ସାଂଘାତିକ ଷଡ଼ଯନ୍ତ୍ର । ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ନାମଲେଖାରୁ ବଞ୍ଚିତ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ହୋଇଥିବା ଅଭିଯାଗ ହୋଇଛି । ରାଜ୍ୟରେ ପରୀକ୍ଷା ପାଇଁ ପର୍ଯ୍ୟାପ୍ତ ପରୀକ୍ଷାକେନ୍ଦ୍ର ଉପଲବ୍ଧ ଥିବା ସତ୍ତ୍ୱେ ଅନେକ ପରୀକ୍ଷାର୍ଥୀଙ୍କ ପ୍ରବେଶିକା ପରୀକ୍ଷା କେନ୍ଦ୍ର ରାଜ୍ୟ ବାହାରେ କରାଯାଇଛି । ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିଏଡ଼ ନାମଲେଖାରୁ ବଞ୍ଚିତ କରିବା ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଗତ ୯ ତାରିଖରେ ପରୀକ୍ଷା ହେବାକୁ ଥିବା ସହରର ନାମ ପ୍ରକାଶ ପାଇଛି। ଅର୍ଥାତ୍ କେଉଁ ସହରରେ ଓ କେତେବେଳେ ପରୀକ୍ଷା ହେବ ତାହା ପ୍ରକାଶ ପାଇଛି। ଆବେଦନ ସମୟରେ ଛାତ୍ରଛାତ୍ରୀମାନେ ନିଜର ପସନ୍ଦ ଅନୁଯାୟୀ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
■ Electrical and Electronics Engineering
■ Electronics and Communication Engineering

APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes

NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category

INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026

To apply for admission through SAAT,
Please visit: www.soa.ac.in


**୪୦ ଡିଗ୍ରୀ ଉପରେ ୩ ସହର**

## ପଣା ସଂକ୍ରାନ୍ତିରୁ ପ୍ରବଳ ତାତି

■ ଭୁବନେଶ୍ୱର, ୧୨।୪ (ସମିସ): ରାଜ୍ୟରେ ଧିରେ ଧିରେ ତାତିର ମାତ୍ରା ବଢ଼ୁଥିବା ବେଳେ ପଣା ସଂକ୍ରାନ୍ତିଠାରୁ ଆସନ୍ତା ୧୮ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ରବିବାର ରାଜ୍ୟର ୩ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ କିମ୍ବା ତଦୁର୍ଦ୍ଧ୍ୱ ଅତିକ୍ରମ କରିଥିବା ଜଣାପଡ଼ିଛି।

### ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

### ୨ ଜିଲ୍ଲାରେ ହିଟୱେଭ୍ ଆଶଙ୍କା

କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ସୋମବାର ୧୧ଟି ଜିଲ୍ଲାରେ ଜଳବାୟୁ ଉଷ୍ଣ ଏବଂ ଆଦ୍ର ରହିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ଗୁଳୁଗୁଳି ଅନୁଭୂତ ହେବାକୁ ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଏପ୍ରିଲ ୧୪ ଅର୍ଥାତ୍ ପଣା ସଂକ୍ରାନ୍ତିଠାରୁ ଆସନ୍ତା ୫ ଦିନ ଯାଏଁ ପ୍ରବଳ ଗରମ ଅନୁଭୂତ ହେବ। ମଙ୍ଗଳବାର ବରଗଡ଼ ଏବଂ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ▶ପୃଷ୍ଠା-୭


15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

## ସ୍ମୃତିରେ...






# ସଙ୍ଗୀତର 'ଆଶା'

ଆଉ ନାହାନ୍ତି ଭାରତୀୟ ସଙ୍ଗୀତର 'ଉମରାଓ ଜାନ୍' ଆଶା ଭୋସଲେ । ୯୨ ବର୍ଷ ବୟସରେ ମୁମ୍ବଇରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଛାତିରେ ସଂକ୍ରମଣ ଯୋଗୁଁ ଶନିବାର ସନ୍ଧ୍ୟାରେ ତାଙ୍କୁ ମୁମ୍ବଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଓ ଏକାଧିକ ଅଙ୍ଗ ଅକାମୀ ହୋଇଯିବା ହେତୁ ତାଙ୍କର ପରଲୋକ ଘଟିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସୋମବାର ପୂର୍ବାହ୍ନ ୧୧ଟାରେ ଲୋୟର ପାରେଲସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ପାର୍ଥିବ ଶରୀର ରଖାଯିବ ଏବଂ ଅପରାହ୍ନ ୪ଟାରେ ଶିବାଜୀ ପାର୍କଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ । ୧୯୩୩ ମସିହାରେ ଜନ୍ମିତ ଆଶା ଭୋସଲେଙ୍କ ସଙ୍ଗୀତ ଯାତ୍ରା ଥିଲା ସଂଘର୍ଷ ଓ ସଫଳତାର ବିଚିତ୍ର ସମନ୍ୱୟ । ପିତା ପଣ୍ଡିତ ଦୀନନାଥ ମଙ୍ଗେସକରଙ୍କ ଦେହାନ୍ତ ପରେ ନିଜ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ସେ ପାରିବାରିକ ଦାୟିତ୍ୱ ସମ୍ଭାଳିବା ସହ ଗୀତ ଗାଇବା ଆରମ୍ଭ କରିଥିଲେ । ଶାସ୍ତ୍ରୀୟ ସଙ୍ଗୀତଠାରୁ ଆରମ୍ଭ କରି ସେ ପପ୍, ଗଜଲ୍, ଭଜନ, କ୍ୟାବରେ ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗରେ ସେ ନିଜର ପାରଦର୍ଶିତା ପ୍ରମାଣିତ କରିଥିଲେ । ଓପି ନାୟାର, ଆରଡି ବର୍ମନ, ଲକ୍ଷ୍ମୀକାନ୍ତ ପ୍ୟାରିଲାଲ, ଖୟାମଙ୍କଠାରୁ ଆରମ୍ଭ କରି ଏଆର ରହମାନଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ସେ କାମ କରି ହଜାର ହଜାର କାଳଜୟୀ ସଙ୍ଗୀତ ଭେଟି ଦେଇଛନ୍ତି । ସଙ୍ଗୀତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲେକ' ଏବ 'ପଦ୍ମ ବିଭୂଷଣ'ରେ ସମ୍ମାନରେ ସମ୍ମାନିତ କରାଯାଇଛି । ଆଧୁନିକ ସଙ୍ଗୀତ ସହ ଖାପ ଖୁଆଇ ଚାଲିବାର ଅଦ୍ଭୂତ କ୍ଷମତା ତାଙ୍କ ପାଖରେ ଥିଲା, ତାହା ଅତ୍ୟନ୍ତ ବିରଳ । ତାଙ୍କ ପରଲୋକରେ ଭାରତୀୟ ସଙ୍ଗୀତ ଜଗତ ଶୋକରେ ମ୍ରିୟମାଣ ହୋଇଛି । ହିନ୍ଦୀ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ।

**୮ ସେପ୍ଟେମ୍ବର ୧୯୩୩ - ୧୨ ଏପ୍ରିଲ ୨୦୨୬**











## ୮୨ ବର୍ଷର କ୍ୟାରିୟର; ୧୨ ହଜାର ଗୀତ

ଭଉଣୀ ଲତା ମଙ୍ଗେସକରଙ୍କ ପଥକୁ ଅନୁସରଣ କରି ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ ଆଶା । ମାତ୍ର ୧୦ ବର୍ଷ ବୟସରେ ସେ ନିଜର ପ୍ରଥମ ଗୀତ ରେକର୍ଡ କରିଥିଲେ ଯାହା ଏକ ମରାଠୀ ଗୀତ ଥିଲା । ଆଶା ଭୋସଲେ ତାଙ୍କର କ୍ୟାରିୟର ଆରମ୍ଭରେ ଭଜନ ଏବଂ ମରାଠୀ ସିନେମା ଗୀତ ଗାଉଥିଲେ । ଏହାପରେ ସେ କେବେ ପଛକୁ ଫେରି ଚାହିଁ ନଥିଲେ । ନିଜର ୮୨ ବର୍ଷର କ୍ୟାରିୟରରେ ପ୍ରାୟ ୧୨ ହଜାର ଗୀତ ସେ ଗାଇଥିଲେ । ଏହି ଗୀତଗୁଡ଼ିକ ତାଙ୍କୁ ସବୁ ବୟସର ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ବଲିଉଡ୍, ପପ୍, ଗଜଲ, କୱାଲି, ରବୀନ୍ଦ୍ର ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ ସବୁଥିରେ ସେ ତାଙ୍କର ପରାକାଷ୍ଠା ଦେଖାଇଛନ୍ତି । ୧୯୯୭ ମସିହାରେ ତାଙ୍କ ଆଲବମ୍ 'ଲିଗାସି' ପାଇଁ ସେ ଗ୍ରାମୀ ପୁରସ୍କାର ପାଇଁ ମଧ୍ୟ ମନୋନୀତ ହୋଇଥିଲେ । ୧୯୯୭ ଏବଂ ୨୦୦୬ରେ ଆଶା ଭୋସଲେ ହେଉଛନ୍ତି ପ୍ରଥମ ଭାରତୀୟ ସଙ୍ଗୀତ ଶିଳ୍ପୀ ଯିଏ କି ଗ୍ରାମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ସଙ୍ଗୀତ ଜଗତରେ ସର୍ବାଧିକ ଗୀତ ରେକର୍ଡ କରିଥିବା ଗାୟିକା ଭାବରେ ୨୦୧୧ ମସିହାରେ ଆଶା ଭୋସଲେ ଗିନିଜ ବୁକ୍‌ରେ ସ୍ଥାନ ହାସଲ କରିଥିଲେ । ■

## ଦୁଇଟି ଚର୍ଚ୍ଚିତ ବିବାହ

କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କର ବୃତ୍ତିଗତ ଜୀବନ ଯେତିକି ସଫଳ ଥିଲା, ତାଙ୍କ ବ୍ୟକ୍ତିଗତ ଜୀବନ ଉତ୍ଥାନ-ପତନରେ ପରିପୂର୍ଣ୍ଣ ଥିଲା । ନିଜ ବାପାଙ୍କ ଦେହାନ୍ତ ଯୋଗୁଁ, ୧୦ ବର୍ଷ ବୟସରୁ ଗୀତ ଗାଇବା ଆରମ୍ଭ କରିଥିବା ଆଶା ଭୋସଲେ ପ୍ରଥମେ ୧୯୪୯ ମସିହାରେ ପରିବାରର ଇଚ୍ଛା ବିରୋଧରେ ୧୬ ବର୍ଷ ବୟସରେ ଗଣପତରାଓ ଭୋସଲେଙ୍କୁ ବିବାହ କରିଥିଲେ । ବିବାହର ୧୪ ବର୍ଷ ପରେ ଉଭୟ ଅଲଗା ହୋଇ ଯାଇଥିଲେ । ପରେ ଆଶା ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଆର.ଡି. ବର୍ମନଙ୍କୁ ବିବାହ କରିଥିଲେ । ଏହି ବିବାହ ତାଙ୍କ ବୃତ୍ତିଗତ ଜୀବନର ଏକ ସଫଳ ଅଧ୍ୟାୟ ଥିଲା । ଉଭୟ ବଲିଉଡ୍‌କୁ ଅନେକ ହିଟ୍ ଗୀତ ଦେଇଥିଲେ । ଆଶା ଓ ଗଣପତ୍‌ଙ୍କର ତିନୋଟି ସନ୍ତାନ ଥିଲେ । ଦୁଇଟି ପୁତ୍ର ହେମନ୍ତ, ଆନନ୍ଦ ଓ ଝିଅ ବର୍ଷା । ୧୯୬୦ ରେ ଗଣପତ୍‌ଙ୍କ ଠାରୁ ଅଲଗା ହୋଇଯିବା ପରେ ସେ ତିନୋଟି ପିଲାଙ୍କୁ ଏକାକି ପାଳିଥିଲେ । ୨୦୧୫ରେ ଆଶାଙ୍କ ବଡ଼ ପୁଅ ହେମନ୍ତଙ୍କର କ୍ୟାନ୍ସରରେ ମୃତ୍ୟୁ ହୋଇଥିଲା । ସେହିପରି ଝିଅ ବର୍ଷାଙ୍କର ୨୦୧୨ରେ ଦେହାନ୍ତ ହୋଇଥିଲା । ■

## ସଫଳ ବ୍ୟବସାୟୀ

ଆଶା ଭୋସଲେ ଜଣେ ସଫଳ ବ୍ୟବସାୟୀ ମଧ୍ୟ ଥିଲେ । ତାଙ୍କର 'ଆଶା ଏସ୍' ନାମରେ ଅନ୍ତର୍ଜାତୀୟ ରେସ୍ତୁରାଁ ବ୍ରାଣ୍ଡ ରହିଛି । ସାରା ବିଶ୍ୱରେ ତାଙ୍କର ୧୦ଟି ରେସ୍ତୁରାଁ ଅଛି । ଦୁବାଇ, ମାଞ୍ଚେଷ୍ଟର, ଦୋହା, କତାର, ବାହାରିନ୍, ବର୍ମିଂଘମ୍, ଲଣ୍ଡନ, ଆବୁଧାବି ଆଦିରେ ତାଙ୍କ ରେସ୍ତୁରାଁ ରହିଛି । ରନ୍ଧନ କଳାରେ ମଧ୍ୟ ଥିଲେ ସିଦ୍ଧହସ୍ତା । ସହକର୍ମୀ ସିନ ତାରକାଙ୍କୁ ସେ ନିଜ ହାତରେ ରାନ୍ଧି ପରଷିଥିବା କୁହାଯାଏ । ତାଙ୍କ ହାତର ଚିଙ୍ଗୁଡ଼ି ତରକାରୀ ସ୍ୱାଦ ଅଭୁଲା ଥିବା ଅନେକ କହିଥାଆନ୍ତି । ତାଙ୍କର ୨୫୦ କୋଟି ଟଙ୍କାର ସମ୍ପତ୍ତି ରହିଛି । ■

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ

ଆଶାଙ୍କ ପରଲୋକ ଭାରତୀୟ ସଙ୍ଗୀତ ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ନିଜର ନିଜସ୍ୱ ଶୈଳୀରେ ସେ ଜୀବନ ଯାପନ କରିଥିଲେ । ତାଙ୍କର ମଧୁର ଓ ଅମର କଣ୍ଠସ୍ୱର ଦଶନ୍ଧି ଧରି ଭାରତୀୟ ସଙ୍ଗୀତକୁ ସମୃଦ୍ଧ କରିଥିଲା । ତାଙ୍କ ଗୀତ ସଦାକାଳ ପାଇଁ ବଞ୍ଚି ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ତାଙ୍କ ଗୀତଗୁଡ଼ିକ କୋଟି କୋଟି ଭାରତୀୟଙ୍କ ଜୀବନରେ ଚିରଦିନ ପାଇଁ ପ୍ରତିଧ୍ୱନିତ ହେବ । ଆଶା ଭୋସଲେ ଦେଶର ଜଣେ ସ୍ୱନାମଧନ୍ୟ ଗାୟିକା ଥିଲେ । ଦଶନ୍ଧି ଦଶନ୍ଧି ବ୍ୟାପୀ ତାଙ୍କର ଅସାଧାରଣ ସଙ୍ଗୀତ ଯାତ୍ରା ଆମର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥିଲା । ■

## ଓଡ଼ିଆ ଗୀତରେ ଆଶା

ଆଶା ଭୋସଲେ ଆଉ ନାହାନ୍ତି । ମାତ୍ର ତାଙ୍କ ଅବଦାନକୁ ଭାରତର ଭାଷା ସମୂହ କେବେ ଭୁଲି ପାରିବ ନାହିଁ । ହିନ୍ଦୀ ଓ ଅନ୍ୟ ପ୍ରାନ୍ତୀୟ ଭାଷା ସହ ଓଡ଼ିଆରେ ଅନେକ ଗୀତ ଗାଇଥିଲେ ସେ । ତାହା ମଧ୍ୟରୁ ଅନେକ ବେଶ୍ ଲୋକପ୍ରିୟ ହୋଇ ପାରିଥିଲା ।

୧୯୬୮ରେ ପ୍ରଥମେ ଆଶା ଅରୁନ୍ଧତୀ ଚଳଚ୍ଚିତ୍ର ପାଇଁ ଏକ ଗୀତ ଗାଇଥିଲେ । ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜିତ 'ରସିଆରେ, ଯା'ରେ ଯା' କହିଯା' ତୀର ତରବାରୀ ଶାଣଦିଆ ଛୁରୀ ଅବା ଏ ରସିଲା ଆଖିର କଟାରି କିଏ କାଟି ପାରେ କଲିଜା, ରାଣ ତତେ କହିଯା' ।

ଏହାପରେ 'ସମୟ' ଚଳଚ୍ଚିତ୍ରରେ ଭୁବନ ହରିଙ୍କ ସଂଯୋଜନାରେ ସେ ଗାଇଥିଲେ 'ଝିମି ଝିମି ଝିମିକା ମଜା, ଚାଖିଲେ ନ ଛାଡିବୁ ରଜା' । ୧୯୮୧ରେ ମୁକ୍ତିଲାଭ କରିଥିବା 'ଆରତି'ରେ ସୁରେନ୍ଦ୍ର ବିଦ୍ୟାଧରଙ୍କ ରଚିତ ତଥା ବାସୁଦେବ ରଥଙ୍କ ସ୍ୱର ସଂଯୋଜିତ 'ଜହ୍ନ ଗୋ ତୁମେ ଝରନା, ଝରାଇ ଲୁହ ଜୋଛନା' ଅଶାଙ୍କ ଅନ୍ୟତମ ଓଡିଆ ଗୀତ । ୧୯୮୪ରେ ସ୍ୱ ରୁ ମହାନ୍ତି ଓ କମଳ ପଟ୍ଟନାୟକଙ୍କ ଯୁଗ୍ମ ସଙ୍ଗୀତ ନିର୍ଦ୍ଦେଶିତ 'ରାଧା' ପାଇଁ ଅମିତ କୁମାରଙ୍କ ସହ ଆଶା ଗାଇଥିଲେ କମଳ ପଟ୍ଟନାୟକଙ୍କ ରଚିତ 'ଏ ମନ ପିଆଲାରେ ଭରିଦିଅ ପୀରତି ମଦିରା । ୧୯୮୯ରେ ସ୍ୱରୂପ ନାୟକ ନିର୍ଦ୍ଦେଶିତ ଟୋପାଏ ସିନ୍ଦୂର ଦି ପଟ ଶଙ୍ଖା ଫିଲ୍ମ ପାଇଁ ସେ ଗାଇଥିଲେ ମଇନା ମଇନା ଗୀତ । ସେହିପରି ରାହୁଲ ଦେବ ବର୍ମନଙ୍କ ସଙ୍ଗୀତ ନିର୍ଦ୍ଦେଶିତ ୧୯୯୨ର ଓଡିଆ ଚଳଚ୍ଚିତ୍ର 'ମା' ପାଇଁ ମଧ୍ୟ ସେ କଣ୍ଠଦାନ କରିଛନ୍ତି ।

ଅନ୍ୟପକ୍ଷରେ ବାସୁଦେବ ରଥଙ୍କ ସଂଗୀତ ନିର୍ଦ୍ଦେଶିତ 'ସଂଧ୍ୟାତାରା' ପରଦାକୁ ଆସି ପାରିଲା ନାହିଁ; କିନ୍ତୁ 'ସଂଧ୍ୟାତାରା' ଗୀତର ଗ୍ରାମୋଫୋନ୍ ରେକର୍ଡ ବଜାରକୁ ଆସିଥିଲା । ସେଥିରେ ଥିଲା ଆଶା ଗାଇଥିବା ଗୀତ 'ମୁଁ ହଜିଛି ତୁମ ଆଖିରେ, ମୁଁ ଖୋଜୁଛି ସପନରେ' ଆଦର ସାଉଁଟିଥିଲା ।



ଅପରପକ୍ଷରେ ୨୦୧୬ରେ ଓଡ଼ିଆ ଚଳଚ୍ଚିତ୍ର ଚିନି ପାଇଁ ସେ ଗାଇଥିଲେ ସମ୍ବଲପୁରୀ ଗୀତ 'ଉଆଁସର୍ ଅନ୍ଧାରେ ନାଇଁ ଦିଶେ ସିନା, ହଜି ନାଇଁଯାଏ ଜନ୍, ଘିନି ନାଇଁ ହୁଏ,ବିକି ନାଇଁ ହୁଏ,ଦେଇହେସି ଖାଲି ମନ୍' । ଶଙ୍କର ପ୍ରଧାନ ଓ ହେମନ୍ତ ପାଣ୍ଡେଙ୍କ ସଙ୍ଗୀତ ନିର୍ଦ୍ଦେଶନାର ଏହି ଗୀତକୁ ରଚନା କରିଥିଲେ ଦୁର୍ଗାମାଧବ ପଣ୍ଡା ।

## ସଂକ୍ଷେପରେ ଆଶା ଭୋସ୍‌ଲେ

**ପ୍ରକୃତ ନାମ** : ଆଶା ମଙ୍ଗେସକର
**ଜନ୍ମ** : ୧୯୩୩, ସେପ୍ଟେମ୍ବର ୮, ଗୋଆର, ସାଙ୍ଗଲି, ବ୍ରିଟିଶ ଇଣ୍ଡିଆ (ବର୍ତ୍ତମାନର ମହାରାଷ୍ଟ୍ର)
**ମୃତ୍ୟୁ** : ୨୦୨୬ ଏପ୍ରିଲ ୧୨ (୯୨ ବର୍ଷ)
**ପେସା** : ପ୍ରଚ୍ଛଦପଟ ଗାୟିକା, ଅଭିନେତ୍ରୀ, ଉଦ୍ୟୋଗୀ, ଟେଲିଭିଜନ ବ୍ୟକ୍ତିତ୍ୱ
**ପିତା** : ପଣ୍ଡିତ ଦୀନନାଥ ମଙ୍ଗେଶକର
**ପରିବାର**: ମଙ୍ଗେସକର ପରିବାର
**ବିବାହ** : ଗଣପତରାଓ ଭୋସଲେ (୧୯୪୯ - ୧୯୬୦) ଆରଡି ବର୍ମନ (୧୯୮୦-୧୯୯୪)
**ସନ୍ତାନ** : ୩ (ବର୍ଷା ଭୋସଲେଙ୍କ ସମେତ)
**ସକ୍ରିୟ ସମୟ**: ୧୯୪୩ରୁ ୨୦୨୬
**ସଙ୍ଗୀତ ଶୈଳୀ** : ସେ ଚଳଚ୍ଚିତ୍ର ସଙ୍ଗୀତ, କବାଲି, ଗଜଲ, ଲୋକଗୀତ, ଭଜନ, ପପ୍, ଶାସ୍ତ୍ରୀୟ ସଙ୍ଗୀତ, ଗୁରବାଣୀ, ନଜରୁଲ ଗୀତ ଓ ରବୀନ୍ଦ୍ର ସଙ୍ଗୀତ ଗାନ କରିବାରେ ପାରଙ୍ଗମ ଥିଲେ ।

### ପ୍ରମୁଖ ସମ୍ମାନ ଓ ପୁରସ୍କାର

- ଦାଦାସାହେବ ଫାଲକେ ପୁରସ୍କାର (୨୦୦୦)
- ପଦ୍ମ ବିଭୂଷଣ (୨୦୦୮)
- ବଙ୍ଗ ବିଭୂଷଣ (୨୦୨୮)
- ମହରାଷ୍ଟ୍ର ଭୂଷଣ (୨୦୨୧)
- **ଫିଲ୍ମ ଫେୟାର ପୁରସ୍କାର** : ୯, ୧୮ ନୋମିନେସନ
- **ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର**: ୧ଟି
- **ଜାତୀୟ ଚଳଚ୍ଚିତ୍ର ପୁରସ୍କାର**: ୨ଟି

### ଲୋକପ୍ରିୟ ହିନ୍ଦୀ ଗୀତ


- ଦମ୍ ମାରୋ ଦମ୍ (ହରେ ରାମା ହରେ କ୍ରିଷ୍ଣା),
- ପିୟା ତୁ ଅବତୋ ଆଜା (କାରୱାଁ),
- ଦିଲ୍ ଚିଜ୍ କ୍ୟା ହେ (ଉମରାଓ ଜାନ),
- ଚୁରାଲିଆ ହେ ତୁମ୍‌ନେ ଯୋ ଦିଲ୍‌କୋ (ୟାଦୋଁ କି ବାରାତ),
- ମେରା କୁଛ ସାମାନ (ଇଜାଜତ),
- ତନ୍‌ହା ତନ୍‌ହା (ରଙ୍ଗିଲା),
- ରାଧା କୈସେ ନା ଜଲେ (ଲଗାନ)

### ଲୋକପ୍ରିୟ ଓଡ଼ିଆ ଗୀତ

- ଜହ୍ନ ଗୋ ତୁମେ ଝରନା (ଆରତି)
- ଝିମି ଝିମକା ମଜା (ସମୟ)
- ତୋ ନାଁରେ ପିନ୍ଧିଲି ସାଢ଼ି (ମା)
- ଏମନ ପିଆଲାରେ (ରାଧା)
- ବନ୍ଦେ ଉତ୍କଳ ଜନନୀ
- ମଇନା ମଇନା

## ହିନ୍ଦୀ ସଙ୍ଗୀତର 'ଉମରାଓ ଜାନ'

ଉମରାଓ ଜାନ୍ ଚଳଚ୍ଚିତ୍ର ଅଭିନେତ୍ରୀ ରେଖାଙ୍କୁ ଦେଇଥିଲା ନୂଆ ପରିଚୟ । ମାତ୍ର ଆଶା ଭୋସଲେଙ୍କ କଣ୍ଠରେ ଖୟାମଙ୍କ ସଙ୍ଗୀତ ଏହି ଚଳଚ୍ଚିତ୍ରଟିକୁ କରିଥିଲା କାଳଜୟୀ । ଉମରାଓ ଜାନ୍‌ପାଇଁ ସଙ୍ଗୀତ ଲେଖିବା ସମୟରେ ଖୟାମଙ୍କ କଠୋର ସର୍ତ୍ତ ଥିଲା- 'ଆଶା କଦାପି ନୁହେଁ' । ଅର୍ଥାତ୍ ଆଶାଙ୍କୁ ତାଙ୍କ ସ୍ୱର ବଦଳାଇବାକୁ ପଡ଼ିବ । 'ପାକିଜା'ର ପ୍ରସିଦ୍ଧିକୁ ଅତିକ୍ରମ କରିବାକୁ ଖୟାମଙ୍କ ଜିଦ୍ ଆଶାଙ୍କୁ ଆହୁରି ଜିଦ୍‌ଖୋର କରିଥିଲା । ଆଠ ଦିନର କଠିନ ପରିଶ୍ରମ ପରେ ଆଶାଙ୍କ କଣ୍ଠରେ ଉମରାଓ ଜାନ୍‌ର 'ଦିଲ୍ କ୍ୟା ଚିଜ୍...' ଓ 'ଇନ୍ ଆଖୋଁ କି ମସ୍ତି...' ହିନ୍ଦୀ ସଙ୍ଗୀତ ଇତିହାସରେ ନୂଆ ଇତିହାସ ସୃଷ୍ଟି କରିଥିଲା । ଖୟାମ ବଲିଉଡ୍ ସଙ୍ଗୀତ ଶିଳ୍ପରେ ଆଶାଙ୍କୁ ଦେଇଥିଲେ ନୂଆ ପରିଚୟ । ଓ.ପି.ନାୟାରଙ୍କ ଅନୁପ୍ରେରଣା ଆଶାଙ୍କ ଜୀବନକୁ ଦେଇଥିଲା ନୂଆ ଦିଶା । ପଞ୍ଚମ ଦା ଓ କିଶୋର କୁମାର ତାଙ୍କ ସଙ୍ଗୀତକୁ ଅଧିକ ସ୍ୱଙ୍ଗ ସମ୍ପୂର୍ଣ୍ଣ କରିଥିଲେ ।





କିଂବଦନ୍ତୀ ବଲିଉଡ୍ ଗାୟିକା ଆଶା ଭୋସ୍‌ଲେଙ୍କ ସ୍ମୃତିରେ ପୁରୀ ବେଳାଭୂମିରେ ବାଲୁକା କଳା

# କାହା ପକେଟକୁ ଯିବ ୪୦୦ କୋଟି ?

■ ବିଜେଡି ସରକାର ସମୟରେ ଅଟକଳ ୬୦୦ କୋଟି
■ ବିଜେପି ସରକାରରେ ପ୍ରକଳ୍ପ ହେଲା ୧୦୦୦ କୋଟି
■ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ପ୍ରଦାନ ଲାଗି କାରସାଦି
■ ହାଇକୋର୍ଟରେ ମାମଲା, ରାଷ୍ଟ୍ରପତିଙ୍କୁ ଅଭିଯୋଗ

ଭୁବନେଶ୍ୱର,୧୨।୪(ସମିସ): ତତ୍‌କାଳୀନ ବିଜେଡି ସରକାର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏଆଇ ଆଧାରିତ ଶିକ୍ଷାଦାନ ପାଇଁ ଯୋଜନା କରିଥିଲେ। ଏଥିପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଫାଇବର ଓ ସାଟେଲାଇଟ୍ ସଂଯୋଗ ମାଧ୍ୟମରେ ଅତ୍ୟାଧୁନିକ ଶିକ୍ଷାଦାନ ପାଇଁ ପ୍ରାୟ ୬୦୦ କୋଟି ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇ ଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଏହାପରେ ସରକାର ବଦଳିଲା, ମାତ୍ର ପ୍ରକଳ୍ପର ମୂଲ୍ୟ ରାତାରାତି ବଢ଼ିଗଲା ୪୦୦ କୋଟି ଟଙ୍କା । ଅର୍ଥାତ୍ ସମାନ ପ୍ରକଳ୍ପକୁ ୧୦୦୦ କୋଟିରେ ଠିକା ଦେବା ପାଇଁ ଏବେ ଓକାକ୍ ପକ୍ଷରୁ ପ୍ରକାଶ ପାଇଛି ଟେଣ୍ଡର । ଯେଉଁ ପ୍ରକଳ୍ପକୁ ବିଜେଡି ସରକାର ୬୦୦ କୋଟିରେ କରିବା ପାଇଁ ବ୍ୟବସ୍ଥା କରି ଅର୍ଥ ବରାଦ କରିଥିଲା, ସେହି ପ୍ରକଳ୍ପର ମୂଲ୍ୟ ୧୦୦୦ କୋଟି କେମିତି ହେଲା ଓ କାହାକୁ ତୋଷ କରିବା ପାଇଁ ଏପରି ବ୍ୟବସ୍ଥା କରାଯାଇଛି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏପରିକି କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ନିଶାଣ କରିଛି ।

ଅଭିଯୋଗ ଅନୁସାରେ ଏହି ପ୍ରକଳ୍ପ ଅଧୀନରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୮ଟି ଜୋନାଲ ସ୍ତରୀୟ ଷ୍ଟୁଡିଓ ରହିବ। ଫାଇବର ଓ ସାଟେଲାଇଟ୍ ସଂଯୋଗ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବ। ଓଡିଆ ଓ ଇଂରାଜୀ ଭାଷାରେ ଡିଜିଟାଲ କଟେଣ୍ଟ ଯୋଗାଇବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ, ଏଆଇ ଆଧାରିତ ଭର୍ଚୁଆଲ୍ ଶ୍ରେଣୀଗୃହ, ଇଣ୍ଟରାକ୍ଟିଭ୍ ଫ୍ଲାଟ୍ ପ୍ୟାନେଲ୍, ଡିଜିଟାଲ୍ ମୂଲ୍ୟାୟନ ଡିଭାଇସ୍, ଛାତ୍ର ଆପ୍, କାର୍ଯ୍ୟଦକ୍ଷତା ଆନାଲିଟିକ୍ସ ଡ୍ୟାସବୋର୍ଡ ଭଳି ସୁବିଧା ରହିବ। ଏଥିପାଇଁ ଓକାକ୍ ପକ୍ଷରୁ ୧୦୦୦ କୋଟିର ଟେଣ୍ଡର ଆହ୍ୱାନ କରାଯାଇଛି। ଏପରିକି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି ଟେଣ୍ଡର ଦେବା ପାଇଁ ସେହି ଅନୁସାରେ ଗାଇଡ୍‌ଲାଇନ୍ ପ୍ରକାଶ କରାଯାଇଛି। ମାତ୍ର ବାର୍ଷିକ ୮୦୦ କୋଟି ଟଙ୍କା କାରବାର କରୁଥିବା ସଂସ୍ଥା ଟେଣ୍ଡରରେ ଭାଗ ନେଇପାରିବେ ବୋଲି ଦର୍ଶାଯିବା ପରେ ଏଥିରେ ଫିକ୍ସିଂ ଗନ୍ଧ ବାରିଛନ୍ତି ବିରୋଧୀ। ୬୦୦ କୋଟିର ପ୍ରକଳ୍ପ ୧୦୦୦ କୋଟି କିପରି ହେଲା ବୋଲି ପ୍ରଶ୍ନ ଉଠାଇବା ସହ ନିର୍ଦ୍ଦିଷ୍ଟ ସଂସ୍ଥା ପ୍ରତି ଅନୁକମ୍ପା ଦେଖାଇ ଶହଶହ କୋଟି ଟଙ୍କା ଆତ୍ମସାତ କରିବାକୁ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରିଛି। ସେହିପରି ଟେଣ୍ଡରରେ ସ୍ୱଚ୍ଛତା ନଥିବା ଦର୍ଶାଇ ମାମଲା ହାଇକୋର୍ଟରେ ମଧ୍ୟ ପହଞ୍ଚିଛି। ଏହାସହ ରାଷ୍ଟ୍ରପତିଙ୍କ ସମେତ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଆବେଦନକାରୀ ଅଭିଯୋଗ କରିଛନ୍ତି। ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପୂର୍ବରୁ ଏହି ଯୋଜନା କେବଳ ଟଙ୍କା ହଡ଼ପ କରିବା ପାଇଁ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଅନ୍ୟପଟେ ରାଜ୍ୟର ରାଜ୍ୟର ୧୭୬୩ ବିଦ୍ୟାଳୟରେ ଭିତ୍ତିଭୂମି ଠିକ୍ ନ ଥିବା ଖୋଦ୍ ଗଣଶିକ୍ଷା ମନ୍ତ୍ରୀ ବିଧାନସଭାରେ କହିଥିଲେ। ଏପରି କ୍ଷେତ୍ରରେ ଅତ୍ୟାଧୁନିକ ଏଆଇ ଶିକ୍ଷାଦାନ କିପରି ହୋଇପାରିବ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିବା ସହ ଆଧୁନିକ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ଦାବି କରିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ତଞ୍ଚକତା କରାଯାଇଥିବାରୁ ଏହାକୁ ବାତିଲ କରିବାକୁ ମଧ୍ୟ ଦାବି ହୋଇଛି।

## ଦମ୍ପତିଙ୍କ ଝଗଡ଼ାରେ ବଳି ପଡ଼ିଲେ ଦୁଇ ଶିଶୁ

# ପୁଅ-ଝିଅଙ୍କୁ ହତ୍ୟା କରି ମା’ର ଆତ୍ମହତ୍ୟା ଉଦ୍ୟମ

## ପନିକି ଓ ଟାଙ୍ଗିଆରେ ହାଣି ପକାଇଲା ମା’

ଝାରସୁଗୁଡ଼ା, ୧୨।୪ (ସମିସ): ଦମ୍ପତିଙ୍କ କଳିରେ ବଳି ପଡ଼ିଗଲେ ଦୁଇ ନିଷ୍ପାପ ଶିଶୁ। ଦୁଇ ଶିଶୁଙ୍କୁ ଟାଙ୍ଗିଆ ଓ ପନିକିରେ ହାଣି ହତ୍ୟା କରିବା ପରେ ମା’ ଆତ୍ମହତ୍ୟା ଉଦ୍ୟମ କରିଛି। ଝାରସୁଗୁଡ଼ା ଜିଲ୍ଲା ବିମାନବନ୍ଦର ଥାନା ଓରାମପଡ଼ାଠାରେ ଶନିବାର ବିଳମ୍ବିତ ରାତ୍ରିରେ ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ରଞ୍ଜିତା ଓରାମଙ୍କ ଝିଅ ଜିଜ୍ଞାସା ଓରାମ (୧୦) ଓ ବିହାଂଶୁ ଓରାମ (୫)। ରଞ୍ଜିତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ୱାମୀ ସୀତାରାମଙ୍କ ଉପରେ ରାଗ ଶୁଝାଇବାକୁ ଯାଇ ରଞ୍ଜିତା ଏପରି ନାରକୀୟ କାଣ୍ଡ ଭିଆଇଥିବା କୁହାଯାଉଛି।

ସୂଚନାନୁସାରେ, ନିଜର ଦୁଇ ଶିଶୁଙ୍କ ସହ ରଞ୍ଜିତା ଓ ସୀତାରାମ ଝାରସୁଗୁଡ଼ା ବିମାନବନ୍ଦର ଥାନା ନିକଟରେ ଥିବା ଓରାମପଡ଼ାରେ ରହି ଆସୁଥିଲେ। ସୀତାରାମଙ୍କ ପରକୀୟା ପ୍ରୀତି ଥିବା ନେଇ ରଞ୍ଜିତା ସବୁବେଳେ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ପରିବାର ଭିତରେ ସବୁବେଳେ କଳହ ଲାଗି ରହୁଥିଲା। ଏପରିକି, ବାଟକୁ ନ ଆସିଲେ ନିଜର ଦୁଇଶିଶୁଙ୍କୁ ମାରିଦେବା ସହ ନିଜେ ଆତ୍ମହତ୍ୟା କରିବେ ବୋଲି ସ୍ୱାମୀଙ୍କୁ ଧମକ ଦେଇ ଆସୁଥିଲେ ରଞ୍ଜିତା।

ଶୁକ୍ରବାର ପୁଣିଥରେ ଏହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ରଞ୍ଜିତା ଶୌଚ ଯିବାକୁ କହି ସୀତାରାମଙ୍କୁ ନିଦରୁ ଉଠାଇଥିଲେ। ସୀତାରାମ ଘର କବାଟ ଖୋଲି ବାହାରକୁ ବାହାରିବା ପରେ ରଞ୍ଜିତା ପଛପଟୁ କବାଟ ବନ୍ଦ କରିଦେଇଥିଲେ। ପରେ, ଘର ଭିତରେ ଥିବା ପନିକି ଏବଂ ଟାଙ୍ଗିଆରେ ଝିଅ ଜିଜ୍ଞାସା ଓ ପୁଅ ବିହାଂଶୁ ଓରାମଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରିଥିଲେ। ଏହାସହ ନିଜକୁ ମଧ୍ୟ




ପନିକିରେ ହାଣି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୀତାରାମ ଯେତେ ଡାକିଲେ ବି ରଞ୍ଜିତା କବାଟ ନ ଖୋଲିବାରୁ ନିଜ ବଡ଼ ଭାଇଙ୍କୁ ଡାକି ପଛପଟ ଝରକା ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ସେତେବେଳେକୁ ଜିଜ୍ଞାସାର ମୃତ୍ୟୁ ଘଟିସାରିଥିବା ପୁଅ ବିହାଂଶୁ ଅତ୍ୟନ୍ତ ସଂକଟାପନ୍ନ ଅବସ୍ଥାରେ ପଡ଼ିଥିଲା। ଖବର ପାଇ ପୁଲିସ ସମସ୍ତ ମୃତାହତଙ୍କୁ ଦୁଇଟି ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିବା ବେଳେ ରଞ୍ଜିତା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସ୍ୱାମୀ ସ୍ତ୍ରୀଙ୍କ କଳି ଏବଂ ସ୍ତ୍ରୀର ସ୍ୱାମୀ ଉପରେ ସନ୍ଦେହ ହିଁ ଏହି ବୀଭତ୍ସ ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଘଟଣାସ୍ଥଳରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

■ ଦଣ୍ଡଯାତ୍ରା ପେଣ୍ଡାଲ କାର୍ଯ୍ୟ ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ୩ ଜଣଙ୍କ ମୃତ୍ୟୁ

ଢେଙ୍କାନାଳ/ହିନ୍ଦୋଳ,୧୨।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ପାଟଲା ଗ୍ରାମରେ ରବିବାର ସନ୍ଧ୍ୟାରେ ଦଣ୍ଡଯାତ୍ରା ନିମନ୍ତେ ପେଣ୍ଡାଲ କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ୩ ଜଣଙ୍କ ମୃତ୍ୟୁ ହୋଇଛି।

## ୨ ଗୁରୁତର ଅନୁଗୋଳ ହସ୍ପିଟାଲରେ ଭର୍ତ୍ତି

ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଗ୍ରାମର ମିଳନ ମହାଳିକ, ଲକ୍ଷ୍ମୀଧର ସାହୁ ଓ ସୁଧାକର ସାହୁ। ଗୁରୁତର ଆହତ ନିର୍ମଳ ସାହୁ, ପ୍ରଫୁଲ୍ଲ ତରେଇଙ୍କୁ ପ୍ରଥମେ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ପାଟଲା ଗ୍ରାମରେ ଦଣ୍ଡଯାତ୍ରା ନିମନ୍ତେ ଗ୍ରାମବାସୀ ମିଳିତ ହୋଇ ଗାଁ ନିକଟ ପଡ଼ିଆରେ ପେଣ୍ଡାଲ ନିର୍ମାଣ କରୁଥିଲେ। ସେଠାରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଭିଜିଲାନ୍ସ ଜାଲରେ ଗୁଡ଼ାରି ରେଞ୍ଜର୍

■ ୨.୩୩ ଲକ୍ଷ ଟଙ୍କା ଧରି ଘରକୁ ଯିବା ବେଳେ ଧରାପଡ଼ିଲେ
■ ଏକକାଳୀନ ୩ ସ୍ଥାନରେ ଚଢ଼ଉ

ରାୟଗଡ଼ା/ଗୁଡ଼ାରି/ନବରଙ୍ଗପୁର, ୧୨।୪(ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରି ବନାଞ୍ଚଳ ଅଧିକାରୀ (ରେଞ୍ଜର୍) ସୁକୁମାର ଦୁଃଖୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଆଜି ସେ ଅଫିସ୍ ଗାଡ଼ିରେ ଗୁଡ଼ାରିରୁ ନବରଙ୍ଗପୁରର ସେନାପତି ଷ୍ଟ୍ରିଟ୍‌ସ୍ଥିତ ବାସଭବନକୁ ଯାଉଥିବା ବେଳେ ନବରଙ୍ଗପୁର-କୋରାପୁଟ ଜିଲ୍ଲା ସୀମାନ୍ତ ଇନ୍ଦ୍ରାବତୀ ସେତୁ ନିକଟରେ ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ କରିବାରୁ ତାଙ୍କ ଗାଡ଼ିରୁ ନଗଦ ୨ଲକ୍ଷ ୩୩ ହାଜର ଟଙ୍କା ଜବତ ହୋଇଥିଲା। ଜବତ ଟଙ୍କା ସମ୍ପର୍କରେ ପଚାରିବାରୁ ରେଞ୍ଜର ଶ୍ରୀ ଦୁଃଖୀ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ସହ ତାଙ୍କ ବୋଲେରୋ ଗାଡ଼ିକୁ ଜବତ



କରିଥିଲେ। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ଗୁଡାରିସ୍ଥିତ ସରକାରୀ ବାସଭବନ, ଗୁଡାରି ବନ ବିଭାଗ କାର୍ଯ୍ୟାଳୟ ଏବଂ ନବରଙ୍ଗପୁର ସେନାପତି ସାହିରେ ଥିବା ବାସଭବନରେ ଚଢ଼ଉ କରି ଛାନଭିନ୍ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଉପରୋକ୍ତ ୩ଟି ସ୍ଥାନରେ ତଲାସ ଜାରି ରହିଛି।

ସୂଚନାଯୋଗ୍ୟ, ଗୁଡ଼ାରି ରେଞ୍ଜର୍ ଦିଲ୍ଲୀପ ଚୌଧୁରୀଙ୍କ ବଦଳି ପରେ ଗୁଣୁପୁର ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର ୧୦ ଦିନ କାର୍ଯ୍ୟ ତୁଲାଇଥିଲେ। ପରେ ଦୁଃଖୀ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଗୁଡାରି ବନାଞ୍ଚଳ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ, ସେ ଗୁମୁଡ଼ାସ୍ଥିତ ପୂର୍ତ୍ତ ଡାକବଙ୍ଗଳାରେ ରହୁଥିଲେ। ସେଠାରୁ ସେ ଗୁଡାରି ବନାଞ୍ଚଳ କାର୍ଯ୍ୟାଳୟକୁ ଯିବା ଆସିବା କରୁଥିଲେ ବୋଲି ସୂଚନା ମିଳିଛି।

# ଚାକିରି ଦେବାକୁ କହି ଯୁବତୀଙ୍କୁ ରାଜ୍ୟ ବାହାରେ ବିକ୍ରି

ରାଉରକେଲା, ୧୨।୪ (ସମିସ): ବୀରମିତ୍ରପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଚାକିରି ଦେବାକୁ କହି ରାଜ୍ୟ ବାହାରେ ବିକ୍ରି କରାଯାଇଥିବା ନେଇ ବୀରମିତ୍ରପୁର ଥାନାରେ ହୋଇଛି। ସୂଚନା ମୁତାବକ, ବୀରମିତ୍ରପୁର ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟ ଯୁବତୀଙ୍କୁ କାମରେ ଲଗାଇଦେବା ପାଇଁ ଉକ୍ତ ଅଞ୍ଚଳର ଜଣେ ମହିଳା ପ୍ରଲୋଭନ ଦେଖାଇଥିଲେ। ଯୁବତୀଜଣଙ୍କ ତାଙ୍କ କଥାରେ ରାଜି ହେବା ପରେ ସେ ଗତ ଜାନୁଆରୀ ୩ ତାରିଖ ଦିନ ତାଙ୍କୁ ରାଉରକେଲାକୁ ନେଇ କୌଣସି ଏକ ସ୍ଥାନରେ ରଖିଥିଲେ। ଏହାର ଏକ ସପ୍ତାହ ପରେ ସେଠାରୁ ଆଉ ଏକ ଯୁବକଙ୍କ ସହ ମଧ୍ୟପ୍ରଦେଶ ରାଜ୍ୟର କଟ୍‌ନି ଜବଲପୁର ଅଞ୍ଚଳକୁ ନେଇ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲେ। ସେଠାରେ ଯୁବକଜଣଙ୍କ ଉକତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଭଳି ସଙ୍ଗୀନ ଅଭିଯୋଗ ଯୁବତୀଙ୍କ ପରିବାରବର୍ଗ କରିଛନ୍ତି। ଏପରିକି, ଯୁବତୀଜଣଙ୍କ ଯେପରି ପରିବାର ସହ କୌଣସି ପ୍ରକାର ଯୋଗାଯୋଗ କରିନପାରିବେ, ସେଥିପାଇଁ ତାଙ୍କ ମୋବାଇଲ ମଧ୍ୟ ନେଇଯାଇଥିଲେ। ଯୁବତୀଙ୍କ ମାଆ ଓ ଭଉଣୀଙ୍କ କହିବା ମୁତାବକ, ଚଳିତ ମାସ ୮ ତାରିଖ ଦିନ ଯୁବତୀଜଣଙ୍କ ଅନ୍ୟଜଣଙ୍କ ଫୋନ୍‌ରୁ ଫୋନ୍ କରି ସମସ୍ତ ଘଟଣା ତାଙ୍କୁ ଜଣାଇବା ପରେ ପରିବାରବର୍ଗ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବହୁ ଯୁବତୀ ଓ ମହିଳାମାନଙ୍କୁ ଉକ୍ତ ଦଲାଲମାନେ ପ୍ରଲୋଭନ ଦେଇ ନେବା ସହ ବିକ୍ରି କରୁଛନ୍ତି। ଏହି ରାକେଟ୍‌ରେ ବହୁ ଦୁର୍ବୃତ୍ତ ସାମିଲ ଥିବା ଯୁବତୀଙ୍କ ମାଆ ଅଭିଯୋଗ କରିଛନ୍ତି। ଯୁବତୀଙ୍କୁ ଶୀଘ୍ର ଉଦ୍ଧାର କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯୁବତୀଙ୍କ ମା’ ପୁଲିସକୁ ଗୁହାରି କରିଛନ୍ତି। ସେପଟେ ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଚାଲିଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

■ ସୌମ୍ୟ ଗୁଳିକାଣ୍ଡ ଘଟଣା

# ପତ୍ନୀ ସମେତ ୫ ଅଟକ

**ଯାଜପୁର,୧୨।୪(ସମିସ):** କାଳିମେଘାରେ ଯୁବକଙ୍କୁ ଗୁଳି କରି ହତ୍ୟା ଘଟଣାରେ ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଉଠାଇ ନେଇଛି ପୁଲିସ୍। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ ହୋଇଥିବା ସୂଚନା ମିଳିଛି। ୬ ତାରିଖରେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସ୍କୁଟିରେ ଯିବା ବେଳେ ପଛପଟୁ ବାଇକ୍‌ରେ ଆସି ଗୁଳି କରିଥିଲେ ଦୁର୍ବୃତ୍ତ।

ଗୁଳିମାଡର ଶିକାର ହୋଇ ମୃତ୍ୟୁବରଣ କରିଥିବା ଯୁବକ ସୌମ୍ୟ ସାଗର ସାମଲଙ୍କ ଘର କୁଆଁସରପୁର ଅଞ୍ଚଳରେ। ଅଭିଯୁକ୍ତ ଗୁଳିମାଡ ପରେ ଫେରାର ହୋଇଯାଇଥିଲା। ତେବେ ଗୁଳିମାଡ ପରେ ସୌମ୍ୟରଞ୍ଜନ ସାମଲଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ସୋମ୍ୟଙ୍କ ମୃତ୍ୟୁ ଘଟିଥିଲା। ଏହି ହତ୍ୟାକାଣ୍ଡରେ ସୌମ୍ୟଙ୍କ ପତ୍ନୀ ସମେତ ହତ୍ୟାକାରୀକୁ ଅଟକ ରଖିଛି। ହତ୍ୟାକାଣ୍ଡର କାରଣ ପରକିୟା ପ୍ରୀତି ବୋଲି ଜଣାପଡିଛି। ଆସନ୍ତାକାଲି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, କାଳିମେଘା ନିକଟରେ ଘଟିଥିବା ଗୁଳିକାଣ୍ଡ ପରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି। ଏକ ନୀତିହୀନ ସରକାରରେ ଭୁଷୁଡ଼ି ପଡ଼ିଥିବା ଆଇନ ବ୍ୟବସ୍ଥାର ଏହା ଏକ ନଗ୍ନ ଚିତ୍ର ବୋଲି ସେ କହିଥିଲେ। ଏହି କାଣ୍ଡ ଭିଆଇଥିବା ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

## ଗୋଳନ୍ଥରାରେ ପୁଣି ଗଡ଼ିଲା ମୁଣ୍ଡ

# ବୃଦ୍ଧଙ୍କୁ ଆମ୍ବତୋଟାରେ ହାଣି ହତ୍ୟା

## ଗୁଣିଗାରେଡ଼ିକୁ ନେଇ ହତ୍ୟା ସନ୍ଦେହ

ରଙ୍ଗେଇଲୁଣ୍ଡା, ୧୨।୪(ସମିସ): କିଛି ମାସର ବ୍ୟବଧାନ ପରେ ପୁଣି ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ମୁଣ୍ଡ ଗଡ଼ିଛି। ପାନବାଡ଼କୁ ଯାଉଥିବା ଜଣେ ବୃଦ୍ଧଙ୍କୁ କିଛି ଦୁର୍ବୃତ୍ତ ବାଟରେ ଅତି ନିର୍ମମ ଭାବେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ, ପଞ୍ଚମା ଗ୍ରାମର ଏକାଦଶୀ ନାୟକ(୬୫)। ଗୁଣି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମାତ୍ର ପୁଲିସ ଏନେଇ କିଛି ସ୍ପଷ୍ଟ କରି ନ ଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅନୁସନ୍ଧାନ ଜାରି ରହିଛି। ଘଟଣାସ୍ଥଳରୁ ବୃଦ୍ଧଙ୍କ ସାଇକଲ ଜବତ ହୋଇଥିବାବେଳେ ଏସ୍‌ପି ଡ. ସର୍ବଣା ବିବେକ ଏମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ସୂଚନାନୁଯାୟୀ, ଏକାଦଶୀ ଗାଁରେ ଝଡ଼ାଫୁଙ୍କା କରୁଥିଲେ। ରବିବାର ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ସେ ଘରୁ ବାହାରି ପାନବାଡ଼କୁ ସାଇକଲରେ ଯାଉଥିଲେ। ବାଟରେ କମଳିଆ ଆମ୍ବତୋଟାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା କିଛି ଦୁର୍ବୃତ୍ତ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ହାତ ଓ ବେକରେ ଗୁରୁତର କ୍ଷତ ଚିହ୍ନ ରହିଥିବାରୁ ଧାରୁଆ ଅସ୍ତ୍ରରେ ଦୁର୍ବୃତ୍ତମାନେ ତାଙ୍କୁ ହାଣିଥିବା ସନ୍ଦେହ କରାଯାଉଛି। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଛି ସମୟ ପରେ ଆମ୍ବତୋଟାକୁ ଯାଇଥିବା ଜଣେ ବ୍ୟକ୍ତି ଏକାଦଶୀଙ୍କ ମୃତଦେହ ଦେଖିବା ପରେ ଘଟଣା ପଦାକୁ ଆସିଥିଲା। ଖବର ପାଇ ପରିବାର ଓ ଗ୍ରାମବାସୀ ଆମ୍ବତୋଟାରେ ପହଞ୍ଚିଥିଲେ। ଗୋଳନ୍ଥରା ଥାନା ଅଧିକାରୀ ଟୁନା ସାସମଲ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ନେବାକୁ ଆମ୍ବୁଲାନ୍ସ ପହଞ୍ଚିଥିବା ବେଳେ ପରିବାର ଲୋକେ ଓ ଗ୍ରାମବାସୀ ଛାଡ଼ି ନଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଆସିବାକୁ ଅଡ଼ି ବସିଥିଲେ। ରାତି ପ୍ରାୟ ୮ଟାରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁସନ୍ଧାନ କରିଥିଲା। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଓ ଅନ୍ୟ ପୁଲିସ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାରଲୋକଙ୍କୁ ଏସ୍‌ପି ବିଭିନ୍ନ ବିଷୟରେ ପଚରାଉଚରା କରିଥିବା ବେଳେ ଏକାଦଶୀଙ୍କ ପୁଅ ଶଙ୍କର ନାୟକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ୍ ନଂ.୧୪୪/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆଶ୍ରମ ସ୍କୁଲରେ ଝାଡ଼ାବାନ୍ତି; ୧୫୧ ଛାତ୍ରୀ ଆକ୍ରାନ୍ତ

ରାସଗୋବିନ୍ଦପୁର/ମୋରଡ଼ା, ୧୨।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ କାକବନ୍ଧ ବାଳିକା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ବିଦ୍ୟାଳୟରେ ୨୯୦ଛାତ୍ରୀ ରହୁଥିବା ବେଳେ ୧୫୧ରୁ ଅଧିକ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସ୍କୁଲରେ ପିଲାଙ୍କୁ ପଖାଳ, ଆଳୁ ଚଟଣି, ଆମ୍ବ ଚଟଣି ଓ ବାସି ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହା ଝାଡ଼ାବାନ୍ତିର ପ୍ରମୁଖ କାରଣ ବୋଲି ଅଭିଭାବମାନେ ଅଭିଯୋଗ କରିଛନ୍ତି। ସେହିପରି, ପିଲାଙ୍କ ଦେହ ଅସୁସ୍ଥ ହେବା ଖବର ବିଦ୍ୟାଳୟ ତରଫରୁ କୌଣସି ଅଭିଭାବକଙ୍କୁ ଦିଆଯାଇନଥିଲା। କେତେକ ଆକ୍ରାନ୍ତ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ସୁବିଧା ନ ମିଳିବାରୁ ୪ଟି ଅଟୋରେ ରାସଗୋବିନ୍ଦପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ପରେ ୧୦୮ ଆମ୍ବୁଲାନ୍ସରେ ଅସୁସ୍ଥ ଛାତ୍ରୀଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ




ପଠାଯାଇଛି। ଏଥିସହ ଗୋଟିଏ ଅଟୋରେ ୨୦ରୁ ୨୫ଜଣ ପିଲାଙ୍କୁ ଲଦି ପଠାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।


ଚିନ୍ତାଜନକ ବିଷୟ ହେଲା, ସକାଳ ୮ଟାରୁ ପିଲାମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ ହେଁ ପ୍ରଧାନ ଶିକ୍ଷକ ଜୟନ୍ତ ପାଣିଗ୍ରାହୀ ଚିକିତ୍ସା ସେବା ଯୋଗାଇବାରେ ଅବହେଳା କରିଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକ। ଗଣମାଧ୍ୟମ ପ୍ରତିନିଧି ପଚାରିବା ପରେ ଘଟଣାଟି ସାମ୍ନାକୁ ଆସିଥିବା କୁହାଯାଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷ କେବଳ ୧୫ଜଣ ପିଲା ଆକ୍ରାନ୍ତ ହୋଇଥିବା ସୂଚନା ଦେଇ ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଥିଲେ। ଏହି ଘଟଣାକୁ ନେଇ ଅଭିଭାବକ ମେଡିକାଲ ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ବିରୋଧରେ ପ୍ରତିବାଦ କରିଥିଲେ। ଏହାର ସଠିକ୍ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।





# ଭୁବନେଶ୍ୱର + କଟକ





ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ଆଲୋକମାଳାରେ ସଜେଇ ହୋଇଛି ଭୁବନେଶ୍ୱର

### ଭୁବନେଶ୍ୱର ଷ୍ଟେସନରୁ ଅପହରଣ ଜଟଣୀରୁ ଉଦ୍ଧାର

## ୪ ଅଭିଯୁକ୍ତ ଗିରଫ, ୨୦ ଲକ୍ଷର ମୁଣ୍ଡ ଜାମିନ୍



**ଖସି ପଳାଇଲା ମାଷ୍ଟରମାଇଣ୍ଡ**

ଭୁବନେଶ୍ୱର, ୧୨।୪(ସମିସ)

ଅପହରଣ ଅଭିଯୋଗରେ କମିସନରେଟ୍ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସରକନ୍ତରା ଅଞ୍ଚଳର ଆଶିଷ କୁମାର ନାୟକ, ଡୁମୁଡୁମା ଅଞ୍ଚଳର ଚିନ୍ମୟ କୁମାର ବେହେରା, ପ୍ରଣବ କୁମାର ବେହେରା ଏବଂ ଦିଲ୍ଲୀପ କୁମାର ବେହେରା। ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ଏହାସହ ଅପରାଧରେ ବ୍ୟବହୃତ ଏକକାର୍ ଜବତ ହୋଇଛି। ତେବେ ଏମାନଙ୍କ ମଧ୍ୟରୁ ଦୁଇ ଅଭିଯୁକ୍ତ ପୂର୍ବରୁ ଅପରାଧିକ ମାମଲାରେ ଜଡ଼ିତ ରହିଛନ୍ତି। ଅଭିଯୁକ୍ତ ଆଶିଷ ନାମରେ ନୟାପଲ୍ଲୀ, ଭରତପୁର ଓ ଭବାନୀପାଟଣା ଟାଉନ୍ ଥାନାରେ ୩ଟି ମାମଲା ରହିଥିଲା ବେଳେ ଦୀପକ ନାମରେ ଚନ୍ଦନପୁର ଥାନାରେ ଗୋଟିଏ ମାମଲା ରହିଛି।

ଅଭିଯୋଗକାରୀ ତାଙ୍କ ବନ୍ଧୁ ଆଶିଷ ମିଞ୍ଜଙ୍କ ସହିତ ମାଷ୍ଟର କ୍ୟାଣ୍ଟିନ୍ ନିକଟରେ ଏକ ଓଲା ଗାଡ଼ିରୁ ଓହ୍ଲାଇଥିଲେ। ଏହି ସମୟରେ ଏକ କାର୍ ସେଠାରେ ପହଞ୍ଚିଥିଲା। ସେଥିରୁ କିଛି ବ୍ୟକ୍ତି ବାହାରି ତାଙ୍କ ବନ୍ଧୁଙ୍କୁ ବଳପୂର୍ବକ ଅପହରଣ କରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ଅପହରଣର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ବିଭିନ୍ନ ଫୋନ୍ ନମ୍ବରରୁ ଅଭିଯୋଗକାରୀଙ୍କୁ ଯୋଗାଯୋଗ କରିଥିଲେ। ପୀଡ଼ିତଙ୍କ ସୁରକ୍ଷିତ ମୁକ୍ତି ପାଇଁ ୧୫ ରୁ ୨୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖାଯାଇଥିଲା। ଟଙ୍କା ନ ଦେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ତଦନ୍ତ ସମୟରେ ପୀଡିତଙ୍କ ମୋବାଇଲ୍ ଟାୱାର ଲୋକେସନ୍ ସହିତ ବୈଷୟିକ ପ୍ରମାଣ ଆଧାରରେ ପୁଲିସ ଦଳ ଜଟଣୀ ଗେଟ୍ ଅଞ୍ଚଳରେ ପହଞ୍ଚିଥିଲେ। ଯେଉଁଠାରେ ସନ୍ଦିଗ୍ଧ ଗାଡ଼ି ଚିହ୍ନଟ ହୋଇଥିଲା। ସେଠାରୁ ପୀଡିତଙ୍କୁ ଗାଡ଼ି ଭିତରୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ସହଯୋଗୀ ଖସିଯିବାରେ ସଫଳ ହୋଇଥିଲା।

ପଚରାଉଚରା ସମୟରେ ଅଭିଯୁକ୍ତମାନେ ପୁଲିସ ଆଗରେ ସେମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ। ପୀଡିତଙ୍କ ସହିତ ଥିବା ବ୍ୟବସାୟିକ ବିବାଦକୁ ନେଇ ଏହି ଅପରାଧ କରାଯାଇଥିବା କଥା କହିଥିଲେ। ଅପରାଧରେ ବ୍ୟବହୃତ ଗାଡ଼ି ଏବଂ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍‌ଗୁଡିକୁ ଜବତ କରାଯାଇଥିଲା।

## କାର୍ ବିକ୍ରି ଆଳରେ ନାଏବ ସୁବେଦାରଙ୍କୁ ଚୂନ

**ଭୁବନେଶ୍ୱର, ୧୨।୪ (ସମିସ):** କାର୍ କିଣିବାକୁ ଯାଇ ଫସିଛନ୍ତି ନାଏବ ସୁବେଦାର। ଗାଡ଼ି ବିକ୍ରି ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଛି ଧୂର୍ତ୍ତ। ଅଭିଯୋଗର ୫ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଚୌଦ୍ୱାର ଥାନା ନୂଆ ସାହିର ଦୀପକ ରଞ୍ଜନ ଗହନ (୪୪)।

ପୁଲିସ ସୂଚନାନୁସାରେ, ନାଏବ ସୁବେଦାର ଦୁର୍ଯ୍ୟୋଧନ ରାଓ ପିନ୍ନିତି ଗୋପାଳପୁର ଗୋଳାବନ୍ଧସ୍ଥିତ ୨୮ ଏଡି ରେଜିମେଣ୍ଟରେ କାର୍ଯ୍ୟରତ ଥିବା ବେଳେ ଦୀପକ ସୂର୍ଯ୍ୟନଗରସ୍ଥିତ ନେକ୍ସା ସୋ'ରୁମ୍‌ର ଜଣେ ଗ୍ରାହକ ସମ୍ପର୍କ ପରିଚାଳକ ଭାବେ କାମ କରୁଥିଲା। ଦୀପକ ୨୦୨୦ ଅକ୍ଟୋବରରେ ସେନା କ୍ୟାଣ୍ଟିନ୍ ସୁବିଧା ମାଧ୍ୟମରେ ରିହାତି ମୂଲ୍ୟରେ ଗାଡ଼ି ଯୋଗାଇଦେବ ବୋଲି ଦୁର୍ଯ୍ୟୋଧନଙ୍କୁ ପ୍ରଲୋଭିତ କରିଥିଲା। ତା' କଥାରେ ବିଶ୍ୱାସ କରି ଦୁର୍ଯ୍ୟୋଧନ ଗାଡ଼ି କିଣିବାକୁ ୨ ଲକ୍ଷ ୫ ହଜାର ଟଙ୍କା ଦେଇଥିଲେ ଓ ବାକି ୪ ଲକ୍ଷ ୧୫ ହଜାର ଗାଡ଼ି ନେବା ସମୟରେ ଦେବାକୁ କଥାବାର୍ତ୍ତା ହୋଇଥିଲା। କିନ୍ତୁ, ଦୀପକ ଟଙ୍କା ନେବା ପରେ ମଧ ଗାଡ଼ି ଦେଇନଥିଲା କି ଟଙ୍କା ମଧ ଫେରାଇନଥିଲା। ପରବର୍ତ୍ତୀ ସମୟରେ ଯୋଗାଯୋଗ ବନ୍ଦ କରିଦେଇଥିଲା।

- ୫ ବର୍ଷ ପରେ ଧରାପଡ଼ିଲା ଧୂର୍ତ୍ତ
- ଠକି ନେଇଛି ୨୦ ଲକ୍ଷ ଟଙ୍କା
- ଫସିଛନ୍ତି ୭ ସେନା ଅଧିକାରୀ



ଦୀପକ କେବଳ ଦୁର୍ଯ୍ୟୋଧନଙ୍କୁ ନୁହେଁ, ବରଂ ତାଙ୍କ ସହକର୍ମୀ ବା ଅନ୍ୟ ସେନା ଅଧିକାରୀଙ୍କଠାରୁ ମଧ ସମାନ ଢଙ୍ଗରେ ଟଙ୍କା ଠକିଥିବା ଜଣାପଡ଼ିଥିଲା। ଏହାପରେ ଦୁର୍ଯ୍ୟୋଧନ ସୂର୍ଯ୍ୟନଗରସ୍ଥିତ ସୋ' ରୁମ୍‌କୁ ଯାଇଥିଲେ। ହେଲେ ସେତେବେଳକୁ ଦୀପକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇସାରିଥିଲା। ସବୁ ଦିଗରୁ ନିରାଶ ହେବା ପରେ ଦୁର୍ଯ୍ୟୋଧନ ୨୦୨୧ ଫେବୃଆରୀରେ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିଥିଲେ ମଧ ଦୀପକର ଟେର୍ ପାଇନଥିଲା। ତେବେ ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଦୀପକ ୨୮ ଏଡି ରେଜିମେଣ୍ଟରେ ଅନେକ ସେନା ଅଧିକାରୀଙ୍କୁ ଠକିଥିବା ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା। ସେ ନକଲି ନମ୍ବର ପ୍ଲେଟ୍ ଓ ବିନା କୌଣସି କାଗଜପତ୍ରରେ ଗାଡ଼ି ବିକ୍ରି କରିବାଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ ଯୋଗାଇବା ଯାଏଁ, ବିଭିନ୍ନ ଉପାୟରେ ଟଙ୍କା ଠକି ନେଇଥିବା କଥା ଜଣାପଡ଼ିଥିଲା। ପ୍ରାୟ ୭ଜଣ ସେନା କର୍ମଚାରୀ ଠକେଇ ଜାଲରେ ପଡ଼ିଥିବା ବେଳେ ଦୀପକ ସେମାନଙ୍କଠାରୁ ୨୦ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ରବିବାର ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ହ୍ୟାଣ୍ଡବଲ୍ ସଂଘର କୃତଜ୍ଞତା

**ଭୁବନେଶ୍ୱର, ୧୨।୪ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗରେ ଷଷ୍ଠ ଶ୍ରେଣୀରୁ ହ୍ୟାଣ୍ଡବଲ୍ କ୍ରୀଡ଼ାକୁ ବିକଳ୍ପ ବିଷୟ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଓଡ଼ିଶାରେ ହ୍ୟାଣ୍ଡବଲ୍ ଖେଳର ଭବିଷ୍ୟତ ପାଇଁ ସୁଯୋଗ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ ପୂର୍ବକ କେନ୍ଦୁଝର ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ହ୍ୟାଣ୍ଡବଲ୍ ଖେଳ ଓ ଖେଳାଳିଙ୍କ ବିକାଶ ପାଇଁ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କେନ୍ଦୁଝର ମାଟିର ପୁଅ ତଥା ନିକଟରେ ତାସକେଣ୍ଟରେ ଆୟୋଜିତ ଏସିଆନ ହ୍ୟାଣ୍ଡବଲ୍ ଚାମ୍ପିଅନସିପରେ କାଂସ୍ୟ ଜିତିଥିବା ରାଜାରାମ ପଣ୍ଡା ଓ କୋଚ୍ ପ୍ରଣୟ କୁମାର ପାଣିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ହ୍ୟାଣ୍ଡବଲ ସଂଘ ପକ୍ଷରୁ ସଭାପତି ବିପ୍ଲବ ଚୌଧୁରୀ, ସାଧାରଣ ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସିତେନ୍ଦ୍ର କୁମାର ଦାସ, ଉପସଭାପତି ରିତିକ ଅଧିକାରୀ, ରବୀନ୍ଦ୍ର ବାରିକ, ଅଙ୍କୁର ପଟ୍ଟନାୟକ, ଗୌରୀ ଶଙ୍କର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।



### ୟୁପି ପ୍ରୋ ଲିଗ୍‌ରେ ଗୌରୀଙ୍କୁ ଦାୟିତ୍ୱ



ଚଳିତ ୧୪ ତାରିଖରୁ ଉତ୍ତର ପ୍ରଦେଶ ପ୍ରୋ ହ୍ୟାଣ୍ଡବଲ୍ ଲିଗ୍ ଆରମ୍ଭ ହେବାକୁ ଯାଉଛି। କେଡି ସିଂ ବାବୁ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଲିଗ୍ ଲାଗି ଓଡ଼ିଶାର ଗୌରୀ ଶଙ୍କର ମିଶ୍ରଙ୍କୁ ଟେକନିକାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ ସଂଘ ପକ୍ଷରୁ ଗୌରୀଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଅଟୋ ଚାଳକଙ୍କ ମହାନତା › ଫେରାଇଲେ ୮୦ ହଜାର ଟଙ୍କାର ଲାପ୍‌ଟପ୍ ବ୍ୟାଗ୍

**କଟକ, ୧୨।୪(ସମିସ):** ମହାନତା ଦେଖାଇଛନ୍ତି ଜଣେ ସାଧାରଣ ଅଟୋଚାଳକ। ସେ ୮୦ ହଜାର ଟଙ୍କାର ଏକ ଲାପ୍‌ଟପ୍ ବ୍ୟାଗକୁ ତାର ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି। ଉକ୍ତ ବ୍ୟାଗ୍‌ରେ ଆପଲ୍-ଆଇପଡ୍ ଓ ଲେନେଭୋ ଲ୍ୟାପ୍‌ଟପ୍ ରହିଥିଲା। ଚିତ୍ତରଞ୍ଜନ ପାଣି ତାଙ୍କ ଜଣେ ବନ୍ଧୁଙ୍କ ସହ ଟ୍ରେନ ନମ୍ବର ୧୨୦୭୩ ଜନଶତାବ୍ଦୀ ଏକ୍ସପ୍ରେସ୍ ଦ୍ୱାରା ହାୱାଡାରୁ କଟକକୁ ଯାତ୍ରା କରିଥିଲେ। କଟକ ରେଲୱେ ଷ୍ଟେସନରେ ଓହ୍ଲାଇବା ପରେ ସେମାନେ ଅଟୋ ଷ୍ଟାଣ୍ଡରୁ ଗୋଟିଏ ଅଟୋ ଭଡାରେ ନେଇ ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ। ଅଜାଣତରେ ସେମାନେ ଲାପ୍‌ଟପ୍ ବ୍ୟାଗ ଅଟୋରେ ଛାଡ଼ି ଯାଇଥିଲେ। ଅଟୋ ଚାଳକ ଗଣେଶ ସ୍ୱାଇଁ ତାଙ୍କ ଅଟୋରେ ଥିବା ବ୍ୟାଗକୁ ଆଣି ଆରପିଏଫ୍ ଜିମାରେ ଦେଇଥିଲେ। ପରେ ଚିତ୍ତରଞ୍ଜନ ରେଳ ଷ୍ଟେସନ୍ ଆସି ଉପଯୁକ୍ତ ପ୍ରମାଣପତ୍ର ଦେଇ ଅଟୋଚାଳକ ଫେରାଇଥିବା ଲ୍ୟାପ୍‌ଟପ୍ ବ୍ୟାଗ୍‌କୁ ସୁରକ୍ଷିତ ଭାବେ ନେଇଥିଲେ।




## ହନୁମାନ ଜୟନ୍ତୀ ପାଇଁ ରୌପ୍ୟନଗରୀରେ କଡ଼ା ସୁରକ୍ଷା

**କଟକ, ୧୨।୪(ସମିସ):** ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ ଆସନ୍ତ ୧୪ରେ ସହରରେ ଥିବା ପ୍ରମୁଖ ହନୁମାନ ବା ମହାବୀର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷ କରି ପ୍ରାତଃଠାରୁ ଶ୍ରଦ୍ଧାଳୁଙ୍କ ଆଗମନ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ କମିବା ପର୍ଯ୍ୟନ୍ତ ପୁଲିସ ସେଠାରେ ସଜାଗ ରହିବ। ସହରରେ କିଛି ବଡ଼ ରାଲି ବା ଶୋଭାଯାତ୍ରା ପାଇଁ ପୁଲିସ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ ଗ୍ରହଣ କରାଯାଉଛି। ସକାଳ ୧୧ଟା ସମୟରେ ବାଲିଯାତ୍ରା ପଡ଼ିଆରୁ ଓ ପରେ ମାରୁତି ମଣ୍ଡପ ନିକଟରୁ ଶୋଭାଯାତ୍ରା ବାହାରି ସହରରେ ପରିକ୍ରମା କରିବ। ଏହି ଶୋଭାଯାତ୍ରା ପାଇଁ ୧୫ଜଣ ଇନ୍ସପେକ୍ଟର ଦାୟିତ୍ୱରେ ରହିବେ। ଶୋଭାଯାତ୍ରା ଆଗ ଓ ପଛରେ, ଦୁଇ କଡ଼ରେ ପୁଲିସ କର୍ମଚାରୀ ଓ ପିସିଆର୍ ଭ୍ୟାନ୍ ଚାଲିବ। ସୁରକ୍ଷା ଦୃଷ୍ଟିରୁ ସହର ଭିତରେ ଥିବା ୫ଟି ପୁଲିସ ଜୋନ୍‌କୁ ୪ ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବେ। ମୋଟ୍ ୭ ଶହ ପୁଲିସ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ରହିବେ।

## ଏକାମ୍ର ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୨।୪(ସମିସ): ସୁରଭି ପକ୍ଷରୁ ଗୁରୁ ଡ. ପୀତାମ୍ବର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଜାତୀୟସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୪ତମ ଏକାମ୍ର ନୃତ୍ୟ ମହୋତ୍ସବ ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଛି। ଶେଷ ସନ୍ଧ୍ୟାର ଉଦ୍‌ଘାଟନ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡିଶୀ ନୃତ୍ୟ ଗୁରୁ ସୁଜାତା ମହାନ୍ତି, ଓଡ଼ିଶୀ ନୃତ୍ୟାଙ୍ଗନା ଡ. ନିରଞ୍ଜନ ବିଶ୍ୱାଳ, ସାମାଜିକ କର୍ମୀ ଓ ଓଡ଼ିଶା ସ୍ୱାଭିମାନ ପରିଷଦର ସାଧାରଣ ସଚିବ ଏବଂ ସୁଭାଶ୍ରୀ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସନ୍ଧ୍ୟାରେ ଭୁବନେଶ୍ୱରର ଝାନଭୀ ବେହେରାଙ୍କ ଓଡିଶୀ ନୃତ୍ୟ ଦର୍ଶକମାନଙ୍କୁ ମୋହିତ କରିଥିଲା। ଏହି ନୃତ୍ୟ ନାଟ୍ୟର ସଙ୍ଗୀତ ସଂରଚନା ହିମାଂଶୁଶେଖର ସ୍ୱାଇଁ କରିଥିବାବେଳେ ତାଳ ସଂରଚନା ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଦ୍ୱାରା କରାଯାଇଥିଲା ଓ ପାଠ୍ୟ ରଚନା ଗୁରୁ ରାମାରାଓ ପଟ୍ଟନାୟକଙ୍କ ଓ ନୃତ୍ୟ ନିର୍ଦ୍ଦେଶନା ଗୁରୁ ଡ. ପୀତାମ୍ବର ବିଶ୍ୱାଳଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଧୀରେନ୍ଦ୍ରନାଥ ପଟ୍ଟନାୟକ ସ୍ମୃତି ସମ୍ମାନ ଗୁରୁ ଡ. ରାମହରି ଦାସଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗୁରୁ ଦୟାନିଧି ବେହେରା ସ୍ମୃତି ସମ୍ମାନ ଗୁରୁ ନନ୍ଦକିଶୋର ଦାସଙ୍କୁ ଏବଂ ସୁରଭି ସମ୍ମାନ ଝାନଭୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା।



## ଖଣ୍ଡଗିରିରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୨।୪(ସମିସ): ଖଣ୍ଡଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ବିଇଓ ବ୍ରହ୍ମାନନ୍ଦ ରାଉତ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ଖଣ୍ଡଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଅନେକ ଗୁଡିଏ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବା ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଖାପାଖି ୨୦ରୁ ଅଧିକ କୃତୀ ପ୍ରତିଯୋଗୀ ବିଭିନ୍ନ ବର୍ଗରେ କୃତକାର୍ଯ୍ୟ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ଦଣ୍ଡପାଟ ସଭାପରିଚାଳନା କରିଥିଲେ।

### ଚାଲାଣ କାଟିବାରେ ବ୍ୟସ୍ତ ଟ୍ରାଫିକ୍ ପୁଲିସ

## ଫେଲ୍ ମାରିଛି ଟ୍ରାଫିକ୍ ପରିଚାଳନା

କଟକ, ୧୨।୪(ସମିସ)

ରୌପ୍ୟନଗରୀର କଳେବର ବଦଳୁଛି। ଗତ ୩ବର୍ଷ ଭିତରେ ବକ୍ସିଡ୍ରେନ୍ ରାସ୍ତା, ରିଂରୋଡ୍ ସମ୍ପ୍ରସାରଣ ଏବଂ ନେତାଜୀ ବସ୍ ଟର୍ମିନାଲ୍ ଯୋଗୁଁ ସହରରେ ଯାନବାହାନ ଚଳାଚଳର ସ୍ଥିତିରେ ବଡ଼ଧରଣର ପରିବର୍ତ୍ତନ ଘଟିଛି। ଲୋକ ସଂଖ୍ୟା ଏବଂ ଗାଡ଼ି ସଂଖ୍ୟା କ୍ରମଶଃ ବଢ଼ି ଚାଲିଛି। ସେହିତୁଳନାରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ପରିଚାଳନା କରାଯାଇ ପାରୁନାହିଁ। ଟ୍ରାଫିକ୍ କର୍ମଚାରୀ ସଂଖ୍ୟାକୁ ବଢ଼ାଇବା ସହିତ ନୂଆ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି କରି ସଠିକ୍ ଢଙ୍ଗରେ ଟ୍ରାଫିକ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ଟ୍ରାଫିକ୍ ପୁଲିସ ଫାଇନ୍ କାଟିବାରେ ବ୍ୟସ୍ତ ରହୁଛି। ମୁଖ୍ୟତଃ ସିଏନ୍‌ବିଟିର ପାର୍ଶ୍ୱବର୍ତ୍ତି ଅଞ୍ଚଳ, ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, ବକ୍ସିବଜାର, ହରିପୁର ରାସ୍ତା, ପିଠାପୁର, ହାଇକୋର୍ଟ ପାର୍ଶ୍ୱବର୍ତ୍ତି ଅଞ୍ଚଳ, ଚୌଧୁରୀବଜାର, ମେରିଆବଜାର, ସେମିନାରୀ ଛକ, ଜୁଡ଼ିସିଆଲ୍ ଏକାଡେମୀ ଛକରେ ସଠିକ୍ ଢଙ୍ଗରେ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଉନଥିବାରୁ ଉକ୍ତ ଛକ ଗୁଡ଼ିକରେ ଟ୍ରାଫିକ୍ ପରିଚାଳନାରେ ବିଭ୍ରାଟ ଦେଖାଦେଇଥିବା ଅଭିଯୋଗ ଉଠିଛି। ସେହିପରି ଓଏମ୍‌ପିଠାରୁ କନ୍ଦରପୁର ରାସ୍ତାରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ୭ଦିନ ଭିତରେ ବିଦ୍ୟାଧରପୁରରୁ ଚାଉଳିଆଗଞ୍ଜ ଭିତରେ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ନୂତନ ବସ୍ ଟର୍ମିନାଲ୍ ନିର୍ମାଣ ପରେ ଖାନନଗର ମଲାଚଣ୍ଡିଆ ଛକରୁ ବାଦାମବାଡ଼ି ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ସଠିକ୍ ଢଙ୍ଗରେ କରାଯାଉ ନାହିଁ। ଯାହାଫଳରେ ୬ମାସ ଭିତରେ ଏହି ରାସ୍ତାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଭଳି ଭାବେ ସାରା ସହରରେ ଟ୍ରାଫିକ୍ ପରିଚାଳନା ଠିକ୍ ଭାବେ ହେଉ ନଥିବା ବେଳେ ଏକାଧିକ ଟ୍ରାଫିକ୍ ପୁଲିସ ହାତରେ ମୋବାଇଲ୍ କ୍ୟାମେରା ଧରି ଛକ ଛକରେ ବୁଲୁଛନ୍ତି। ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ଆଳରେ ସାଧାରଣ ଲୋକଙ୍କଠାରୁ ଜୋର ଜବର୍‌ଦସ୍ତ ଜରିମାନା ଆଦାୟ କରୁଛନ୍ତି। ନିଜର ଡ୍ୟୁଟିରେ ଅବହେଳା, ପରିଚାଳନାଗତ ତ୍ରୁଟି, ମନମୁଖି ବ୍ୟବହାର ଭଳି ଏକାଧିକ ଦୋଷତ୍ରୁଟି ଟ୍ରାଫିକ୍ ପୁଲିସର ରହିଥିବା ବେଳେ ସାଧାରଣ ଲୋକଙ୍କ ସାମାନ୍ୟ ଭୁଲ୍‌କୁ ଆଳ କରି ବହୁ ପରିମାଣରେ ଟଙ୍କା ଫାଇନ୍ କଟାଯାଉଛି। ଏହାକୁ ନେଇ କଟକ ସହରରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।



- ତ୍ରୁଟି ଧରିବା ଓ ଫାଇନ୍ କାଟିବାକୁ ନେଇ ଚାଲିଛି କସରତ
- ରାସ୍ତା କଡ଼ ପାର୍କିଂକୁ ନେଇ ବିବାଦ: ପୁଲିସ ଗାଡ଼ି ଉଠାଇଲେ ଗଣ୍ଡଗୋଳ

ସୂଚନା ଅନୁସାରେ, କଟକ ସହରର ଟ୍ରାଫିକ୍ ଥାନାରେ ୨୫୦କନେଷ୍ଟବଳ, ୨୦ରୁ ଅଧିକ ଟ୍ରାଫିକ୍ ଭଲ୍ୟୁଓଣ୍ଟର୍, ୨୦ଜଣ ହାବିଲ୍‌ଦାରଙ୍କ ସମେତ ବହୁ ହୋମଗାର୍ଡ କାର୍ଯ୍ୟ କରୁଛନ୍ତି। ସେହିପରି ଜାତୀୟ ରାଜପଥ ଥାନାରେ ୮୩ଜଣ କନେଷ୍ଟବଳ, ୧୦୦ରୁ ଅଧିକ ହୋମ୍‌ଗାର୍ଡ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୫୦ପ୍ରତିଶତ କର୍ମଚାରୀଙ୍କୁ ଏନ୍‌ଫୋର୍ସମେଣ୍ଟ ତଥା ଜରିମାନା ଆଦାୟ କରିବା ଡ୍ୟୁଟିରେ ଲଗାଯାଇଛି। ଜଣେ କର୍ମଚାରୀ ଗୋଟିଏ ଛକରେ ଛିଡ଼ା ହୋଇ ସକାଳ ୭ଟାରୁ ଦିନ ୨ଟା ପର୍ଯ୍ୟନ୍ତ ମୋବାଇଲ୍‌ରେ ଟ୍ରାଫିକ୍ ନିୟମ ଉଲ୍ଲଘଂନକାରୀଙ୍କ ଫଟୋ ଉଠାଉଛି। ସହରରେ ୪ଜଣ କର୍ମଚାରୀ ଟୋଇଂ ଭ୍ୟାନ୍ ଧରି ବୁଲୁଛନ୍ତି। ରାସ୍ତା କଡ଼ରେ କେହି ଗାଡ଼ି ରଖିଲେ, ତୁରନ୍ତ ସେମାନଙ୍କ ଗାଡ଼ିକୁ ଜବତ କରି ଅଣାଯାଉଛି। ଯେଉଁ ଛକ ଗୁଡ଼ିକରେ ଟ୍ରାଫିକ୍ ପରିଚାଳନା ଉପରେ ଗୁରୁତ୍ୱଦିଆଯିବା ଜରୁରୀ ସେଠାରେ ତାହା କରାନଯାଇ, ଟ୍ରାଫିକ୍ କର୍ମଚାରୀ ନିୟୋଜିତ କରାଯାଇ ନିୟମ ଉଲ୍ଲଘଂନକାରୀଙ୍କ ଗାଡ଼ିର ଫଟୋ ଉଠାଯାଉଛି। ଏହାକୁ ସହରବାସୀ ନାପସନ୍ଦ କରିବା ସହିତ ପୁଲିସର ଏହି କାର୍ଯ୍ୟକୁ ସାଧାରଣ ଲୋକ ନିନ୍ଦା କରୁଛନ୍ତି। ସେହିପରି ସହରର କେତେକ ସ୍ଥାନରେ ନିର୍ଦ୍ଦିଷ୍ଟ ପାର୍କିଂସ୍ଥଳ ନଥିବା ବେଳେ ରାସ୍ତା କଡ଼ରେ ଲୋକମାନେ କାର୍ ଓ ବାଇକ୍ ପାର୍କିଂ କରିବାକୁ ବାଧ ହେଉଛନ୍ତି। ଏହି ବାସ୍ତବତାକୁ ନବୁଝି ଟ୍ରାଫିକ୍ ପୁଲିସ ସେମାନଙ୍କ ଗାଡ଼ିକୁ ଜବତ କରି ଫାଇନ୍ କାଟୁଛି। ରାସ୍ତା କଡ଼ ପାର୍କିଂକୁ ନେଇ ପ୍ରତ୍ୟେକ ଦିନ ମଧୁପାଟଣା ଥାନା ପରିସରରେ ଥିବା ଟ୍ରାଫିକ୍ ଥାନାରେ ବିବାଦ ଦେଖା ଦେଉଛି। ଟ୍ରାଫିକ୍ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କଥା କଟାକଟି ଯୁକ୍ତିତର୍କ ଲାଗୁଛି। ଶେଷରେ ପୁଲିସ ନାଲି ଆଖି ଦେଖାଇ ଫାଇନ୍ ଆଦାୟ କରୁଛି। ଏସବୁ ସମସ୍ୟା ଭିତରେ ସାଧାରଣ ଗାଡ଼ି ଚାଳକ ହଇରାଣ ହରକତ ହେଉଛନ୍ତି। ଏହାର ସମାଧାନ ପାଇଁ ସାଧାରଣରେ ଦାବି ଉଠିଛି।

# କଟକ ସିଟି



## ଟେଟ୍ରାହେଡ୍ରନ୍ ଏଜୁକେସନାଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



କଟକ,୧୨।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭୟରପୁର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଟେଟ୍ରାହେଡ୍ରନ୍ ଏଜୁକେସନାଲ୍ ଟ୍ରଷ୍ଟ, ଟାଙ୍ଗୀ ଓ ରଘୁନାଥଜୀଉ କ୍ଲବ, ଭୟରପୁର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଯୁବ ରେଡ୍‌କ୍ରସ କଟକ ଜିଲ୍ଲା ସଂଯୋଜିକା ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ଉଦଘାଟନ କରିଥିଲେ। ଶ୍ରୀରାମ ମନ୍ଦିର କମିଟି ତରଫରୁ ବଂଶୀଧର ମହାନ୍ତି, ବିଜୟ ମହାପାତ୍ର, ହେମନ୍ତ ଓଝା, ଦିଲ୍ଲୀପ ସାହୁ ପ୍ରମୁଖ ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ କେନ୍ଦ୍ର କଟକ ତରଫରୁ ଡା. ଅରୁଣ ଖୁଣ୍ଟିଆ, ସୁନୀଲ ଖଣ୍ଡାଇ, ବିଜୟ ସ୍ୱାଇଁ, ପ୍ରକାଶ ମଲ୍ଲିକ ଓ କୀର୍ତ୍ତନ ବହିଦାର ପ୍ରମୁଖ ରକ୍ତ ସଂଗ୍ରହ କରିଥଲେ। ରଘୁନାଥଜୀଉ କ୍ଲବର ସଭାପତି ରତିରଞ୍ଜନ ସାହୁ ଓ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରକୁ ବିଶ୍ୱରଞ୍ଜନ ସାହୁ, ଲିଲିବାଳା ମହାନ୍ତି, ପ୍ରକାଶ ପ୍ରଧାନ, ଧନଞ୍ଜୟ ବେହେରା, ରଞ୍ଜିତ ବେହେରା, ପ୍ରଭାତ ରଞ୍ଜନ ମହାନ୍ତି, ସନ୍ଦୀପ ମହାପାତ୍ର, ସଂଗ୍ରାମ ବେହେରା, ବଳରାମ ସାହୁ, ସୌମ୍ୟ ରଞ୍ଜନ ସାହୁ, ଶୁଭମ ଜ୍ୟୋତି ସାହୁ ଓ ଗୌରବ ସାହୁ ସହ ରଘୁନାଥଜୀଉ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



କଟକ,୧୨।୪(ସମିସ): କଟକର ଐତିହାସିକ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ "ରାଗିଣୀ' ପାଳିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହରେ ସୁନାମଧନ୍ୟ ସଙ୍ଗୀତ ଶିଳ୍ପୀ ତୃପ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଉନ୍ମୋଚିତ ହେବା ସହ ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଡଃ ନିବେଦିତା ଗୁରୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଶିକ୍ଷକ ଶିକ୍ଷାର ମହାନ ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କ୍ଷଣିକା' ଉନ୍ମୋଚିତ ହେବା ସହ ଛାତ୍ର ସଂସଦର ଉପସଭାପତି ସୌରଭ ଶୁଭମ୍ କର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡଃ ସୌଦାମିନୀ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ସବ୍ୟସାଚୀ ମହାନ୍ତି ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣ ସମ୍ପାଦକ ବିଶାଳ ଶର୍ମାଙ୍କ ଧନ୍ୟବାଦ ଅର୍ପଣ ପରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ 'ମହାନାଟକ' ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଆରତୀ ସାହୁ, ହିନ୍ଦୀ ବିଏଡ୍ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡଃ ସତ୍ୟାନାରାୟଣ ପଣ୍ଡା, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## 'ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀ' ଉଦ୍‌ଘାଟିତ

କଟକ,୧୨।୪(ସମିସ): କଟକ ବୟାଳିଶ ମୌଜା ଅଞ୍ଚଳରେ ଶିଳ୍ପକଳାର ବିକାଶ ଓ ପ୍ରସାର ନିମନ୍ତେ ଶ୍ରୀରାମ ମାର୍କେଟସ୍ଥିତ ମେଡ୍ ପ୍ଲସ୍ ପରିସରରେ "ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀ' ଶୁଭାରମ୍ଭ ହୋଇଯାଇଛି। ସିରିଡ଼ି ସାଇ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ



ଡଃ ରୁଦ୍ର ମହାନ୍ତି ଏହି ଏକାଡେମୀକୁ ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇ ନୂତନ ପିଢ଼ିର କଳାକାରମାନଙ୍କୁ ଶିଳ୍ପକଳାର ସୂକ୍ଷ୍ମତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କଳା ଅଧ୍ୟାପକ ଶୁକଦେବ ମହାରଣା, ସୁଦର୍ଶନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ବନପ୍ରଭା ପରିଡା, ଶିକ୍ଷାବିତ ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ ଏବଂ ୪୨ ମୌଜା ସାମ୍ବାଦିକ ସଂଘର ସଭାପତି ଅନିଲ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏକାଡେମୀର ପରିଚାଳକ ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଅନୁଷ୍ଠାନର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଧର୍ମାନନ୍ଦ ପାଣ୍ଡେ, ଶରତ ଚନ୍ଦ୍ର ପରିଡା, ଦୀପ୍ତିମୟୀ ବେହେରା, କୁନମୁନ ସାହୁ, ସୁଶ୍ରୀସ୍ମିତା ନନ୍ଦ, ଗଣେଶଚନ୍ଦ୍ର ମୁଦୁଲି, ସରାଫଦ ବେଗ, ନିକୁଞ୍ଜ ସ୍ୱାଇଁ, ଚିନ୍ମୟ ମହାପାତ୍ର, ନିରଞ୍ଜନ ନାୟକ, ସୁରେନ୍ଦ୍ର ବେହେରା ଏବଂ ଶଶାଙ୍କ ଶେଖର ପରିଡା ପ୍ରମୁଖ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶିକ୍ଷାବିତ ଶ୍ୟାମସୁନ୍ଦର ପରିଡା ଧନ୍ୟବାଦ ଦେଇଥିଲେ।

### କଟକରେ ଏଲ୍‌ପିଜି ସଂକଟ

# ହୋଟେଲରେ ମହଙ୍ଗା ହେଲା ଖାଇବା

କଟକ,୧୨।୪(ସମିସ):



ସିଲିଭର ସିଟି କଟକରେ ଏବେ ଏଲ୍‌ପିଜି ଗ୍ୟାସ ସଂକଟ ସଙ୍ଗୀନ ରୂପ ଧାରଣ କରିଛି। ଗ୍ୟାସ ଏଜେନ୍ସିଗୁଡ଼ିକ ପ୍ରମୁଖ ତୈଳ କମ୍ପାନୀମାନଙ୍କୁ ଚିଠି ଲେଖିଥିଲେ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ଫଳରେ ସହରର ଶହ ଶହ ହୋଟେଲ ଓ ଜଳଖିଆ ଦୋକାନରେ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଥିବା ବେଳେ ଏହାର ସିଧାସଳଖ ପ୍ରଭାବ ସାଧାରଣ ଖାଉଟିଙ୍କ ପକେଟ୍ ଉପରେ ପଡ଼ିଛି। ଗ୍ୟାସ ନ ମିଳିବାରୁ ହୋଟେଲ ମାଲିକମାନେ ବାଧ୍ୟ ହୋଇ କାଠ ଓ କୋଇଲା ଚୂଲି ଉପରେ ନିର୍ଭର କରୁଛନ୍ତି, ଯାହା ଖାଦ୍ୟ ପଦାର୍ଥର ମୂଲ୍ୟକୁ ବଢ଼ାଇ ଦେଇଛି।

ଗ୍ୟାସ ସଂକଟର ସୁଯୋଗ ନେଇ ବଜାରରେ ଜାଳେଣି କାଠ ଓ କୋଇଲା ଦର ଅହେତୁକ ଭାବେ ବୃଦ୍ଧି ପାଇଛି। କ୍ୱିଣ୍ଟାଲ ପିଛା କାଠ ଦରରେ ପ୍ରାୟ ୪୦୦ ଟଙ୍କା ବୃଦ୍ଧି ଘଟିଛି। ଝାଉଁ କାଠ କ୍ୱିଣ୍ଟାଲ ପୂର୍ବରୁ ୨୦୦୦ ଟଙ୍କା ଥିବା ବେଳେ ଏବେ ତାହା ୨୫୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୦ କେଜିଆ କୋଇଲା ବସ୍ତା ଯାହା ୮୦ ଟଙ୍କାରେ ମିଳୁଥିଲା, ତାହା ଏବେ ୩୦୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ହୋଟେଲ ମାଲିକମାନେ ନିଜର ବ୍ୟବସାୟ ବଞ୍ଚାଇବା ପାଇଁ ମିଲ୍ ଏବଂ ଜଳଖିଆ ଦର ବଢ଼ାଇବାକୁ ବାଧ୍ୟ ହୋଇଛନ୍ତି। ରାଜ୍ୟ ସରକାର ଗ୍ୟାସ ମହଜୁଦ ଥିବା କହୁଥିଲେ ସୁଦ୍ଧା ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଇଣ୍ଡେନ୍, ଭାରତ ଓ ଏଚ୍‌ପି ଗ୍ୟାସ କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ମୋବାଇଲ୍ ବୁକିଂ ନମ୍ବରଗୁଡ଼ିକ କାର୍ଯ୍ୟ କରୁନାହିଁ। ଅନଲାଇନ୍ ଆପ୍‌ରେ ପେଜ୍ ଖୋଲୁଥିଲେ ମଧ୍ୟ ବୁକିଂ ସମ୍ଭବ ହେଉନାହିଁ। ମାସିକ ୨୫ଟି ସିଲିଣ୍ଡର ଆବଶ୍ୟକ କରୁଥିବା ହୋଟେଲଗୁଡ଼ିକୁ ମାତ୍ର ୫ଟି ସିଲିଣ୍ଡର ମିଳୁଥିବାରୁ ବହୁ ଛୋଟ ଦୋକାନୀ ଏବେ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଲେଣି। ସହରରେ ଗ୍ୟାସ ସଂକଟ ଯୋଗୁଁ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି। ୧୪ କେଜିଆ ଘରୋଇ ସିଲିଣ୍ଡର ଯାହା ପୂର୍ବ ସପ୍ତାହରେ ଚୋରାରେ ୧୯୦୦ ଟଙ୍କାରେ ମିଳୁଥିଲା, ତାହା ଏବେ ୨୪୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ୧୯ କେଜିଆ କମର୍ସିଆଲ୍ ସିଲିଣ୍ଡରର ଦାମ୍ ୩୫୦୦ ଟଙ୍କା ଛୁଇଁଛି। ଛୋଟ ୫ କେଜିଆ ସିଲିଣ୍ଡର ୮୫୦ ଟଙ୍କାରେ କଳାବଜାରୀ ହେଉଥିବା ବେଳେ ପ୍ରଶାସନ ଏହାକୁ ରୋକିବାରେ ସଫଳ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଯଦି ତୁରନ୍ତ ଏହି ସଂକଟ ଦୂର ନହୁଏ, ତେବେ ସାଧାରଣ ରୋଷଶାଳା ମଧ୍ୟ ଶୀଘ୍ର ପ୍ରଭାବିତ ହେବାର ଆଶଙ୍କା ରହିଛି।

- ଜାଳେଣି କାଠ ଓ କୋଇଲା ଦର ଆକାଶଛୁଆଁ
- ୨୫ଟି ସିଲିଣ୍ଡର ବଦଳରେ ମିଳୁଛି ମାତ୍ର ୫ଟି
- ମୁଣ୍ଡରେ ହାତ ଦେଲେଣି ହୋଟେଲ ମାଲିକ

## ଓରମାସ୍ ପକ୍ଷରୁ ମାକ୍ରାମେ ହସ୍ତଶିଳ୍ପ ପ୍ରଶିକ୍ଷଣ

କଟକ,୧୨।୪(ସମିସ): ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ କୌଶଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓରମାସ୍ କଟକ ପକ୍ଷରୁ ଏକ ଦୁଇଦିନିଆ ମାକ୍ରାମେ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସ୍‌ର ଏହି ଅଭିନବ ପ୍ରୟାସରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗର ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ସୂତା ଓ ରସିକୁ ବିଭିନ୍ନ ପ୍ରକାରର ଗଣ୍ଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରିବାର କୌଶଳ ଶିକ୍ଷା ଦିଆଯାଇଥିଲା। ଏହା ସହିତ



ଉତ୍ପାଦର ବିକାଶ, ବ୍ରାଣ୍ଡିଂ ଏବଂ ବଜାରୀକରଣ ସମ୍ପର୍କରେ ମଧ୍ୟ ବିସ୍ତୃତ ଜ୍ଞାନ ପ୍ରଦାନ କରାଯାଇଥିଲା। ଓରମାସ୍‌ର ଯୁଗ୍ମ କାର୍ଯ୍ୟ ନିର୍ବାହୀ ବିପିନ ରାଉତଙ୍କ କହିବା ଅନୁଯାୟୀ, ଏହି ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ରାମୀଣ ଶିଳ୍ପୀଙ୍କ କଳାକୁ ନିକଟରୁ ଦେଖିବା ସହ ବ୍ୟବସାୟିକ ସମ୍ଭାବନା ସମ୍ପର୍କରେ ଅବଗତ ହୋଇଛନ୍ତି। କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁ ଏବଂ ଓରମାସ୍‌ର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପଦକ୍ଷେପ ଯୁବପିଢ଼ିଙ୍କ ମଧ୍ୟରେ ଗ୍ରାମୀଣ ଉଦ୍ୟମିତା ବିକାଶ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

## ଡ୍ରିମ୍‌ସ ନର୍ସିଂ ସ୍କୁଲରେ ସୁରକ୍ଷିତ ମାତୃତ୍ୱ ଦିବସ



କଟକ,୧୨।୪(ସମିସ): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିଶୁ ଓ ମା'ର ଯତ୍ନ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଦ୍ମିନୀ କେୟାର ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବର୍ହି ବିଭାଗରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ମା' ଓ ନବଜାତ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସମ୍ବନ୍ଧରେ ଉପସ୍ଥିତ ପ୍ରସୂତିଙ୍କୁ ଅବଗତ କରାଯିବା ସହ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ହସ୍ପିଟାଲର ନିର୍ଦ୍ଦେଶକ (କ୍ଲିନିକାଲ) ଡା. ପ୍ରମୋଦ ମିଶ୍ର, ନର୍ସିଂ ସ୍କୁଲର ସହକାରୀ 'ଡିନ୍'ଏନ୍ ପ୍ରେମଲତା ଦେବୀ, ସହକାରୀ ପ୍ରାଧ୍ୟାପିକା ସଂଗୀତା ନାୟକ ଏବଂ ବିଏସ୍‌ସି (ନର୍ସିଂ) ୬ଷ୍ଠ ସେମିଷ୍ଟାର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଅଟୋ ଚାଳକ ଗୁରୁତର

କଟକ,୧୨।୪(ସମିସ): କ୍ୟାଣ୍ଟନ୍‌ମେଣ୍ଟ ଥାନା ଡିୟର୍ ପାର୍କ ଗଡ଼ାରେ ଦୁର୍ଘଟଣା ଘଟି ଜଣେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ସେ ଚୌଦ୍ୱାର ଅଞ୍ଚଳର ବିମ୍ବାଧର ସ୍ୱାଇଁ ବୋଲି ଜଣାପଡ଼ିଛି। ଦିନ ୨ଟା ୩୦ରେ ବିମ୍ବାଧର ଏକ ଅଟୋରେ ମୃଦୁ ପାନୀୟ ନେଇ ଚହଟା ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅଟୋ ସହ ରାସ୍ତାକଡ଼କୁ ଓଲଟି ପଡ଼ିଥିଲେ। ପଥଚାରୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲ ପଠାଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡ଼ିଟିକୁ ଥାନାକୁ ଆଣି ମାଲିକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଧରପୁର ବାଳିକା ବିଦ୍ୟାଳୟକୁ 'ସହଶିକ୍ଷା' ଅନୁଷ୍ଠାନ ମାନ୍ୟତା

କଟକ,୧୨।୪(ସମିସ): କଟକ ଉପକଣ୍ଠ ବିଦ୍ୟାଧରପୁର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ୧୯୯୧ରେ ସ୍ଥାପିତ ବିଦ୍ୟାଧରପୁର ଉଚ୍ଚ ବାଳିକା ବିଦ୍ୟାଳୟକୁ ସରକାର ଏବେ ସହଶିକ୍ଷା ବିଦ୍ୟାଳୟରେ ପରିଣତ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମତାମତ ଓ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହି ବିଦ୍ୟାଳୟକୁ ବାଳକ ଓ ବାଳିକା ଉଭୟଙ୍କ ପାଠପଢ଼ା ନିମନ୍ତେ ମାନ୍ୟତା ପ୍ରଦାନ କରାଯାଇଛି। ଏହି ପରିବର୍ତ୍ତନ ସହ ଏହାର ନାମକୁ ମଧ୍ୟ ସଂଶୋଧନ କରାଯାଇ "ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟ' ଭାବେ ନାମିତ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ଛାତ୍ରମାନଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିବା ବେଳେ ଗତକାଲି ଅର୍ଥାତ୍ ଏପ୍ରିଲ ୧୧ ତାରିଖରେ ବିଦ୍ୟାଳୟରେ ପ୍ରଥମ କରି ଛାତ୍ରମାନଙ୍କର ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଛାତ୍ରମାନେ ନାମ ଲେଖାଇଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଏହି ଅଞ୍ଚଳର ଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ଦୂରବର୍ତ୍ତୀ ସ୍ଥାନକୁ ଯିବାକୁ ପଡୁଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଦ୍ୟାଧରପୁର ଅଞ୍ଚଳର ଅଭିଭାବକ ଓ ଶିକ୍ଷାପ୍ରେମୀମାନେ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

**ଚଳିତ ଶିକ୍ଷାବର୍ଷରୁ ଛାତ୍ରଙ୍କ ନାମଲେଖା ଆରମ୍ଭ**


10001/39/2627

## ଅଂଶୁଘାତ ସତର୍କତା

### ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0003

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



## ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଜଳସେବା



କଟକ,୧୨।୪(ସମିସ):

ଗ୍ରୀଷ୍ମ ପ୍ରବାହ ସମୟରେ ମୂକ ପଶୁ ଓ ପକ୍ଷୀମାନଙ୍କ ତୃଷା ନିବାରଣ ନିମନ୍ତେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ଏକ ଅଭିନବ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର-୧୧ସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଆୟୋଜିତ ଏହି ଅଭିଯାନକୁ କଟକ ମେୟର ସୁବାସଚନ୍ଦ୍ର ସିଂହ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ୩ ନମ୍ବର ୱାର୍ଡର କର୍ପୋରେଟର ପ୍ରଦୀପ ରାଉତ, କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ଏବଂ ପୂର୍ବତନ ବାୟୁସେନା ଅଧିକାରୀ ବିମଳ ପ୍ରସାଦ ଜେନା ଯୋଗ ଦେଇଥିଲେ। ପାର୍କର ବିଭିନ୍ନ ସ୍ଥାନରେ ୧୫ଟି ପାରାକୁଣ୍ଡ ରଖାଯିବା ସହ ଗଛ ଡାଳଗୁଡ଼ିକରେ ୧୦୦ଟି ଶିକାଯୁକ୍ତ ପାଣି ସରା ବନ୍ଧାଯାଇ ଜଳର ବ୍ୟବସ୍ଥା କରାଯାଇଥିଲା। ଟ୍ରଷ୍ଟର ସଭାପତି ପ୍ରିୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ସିପନ ସ୍ୱାଇଁ, ରାକେଶ ଶତପଥୀ, ଡଃ ଓଁକାର ରାଉତ, ବିପାଶା ମହାନ୍ତି ଏବଂ ପ୍ରଶାନ୍ତ କାନୁନଗୋ ପ୍ରମୁଖ ପରିଚାଳନା କରିଥିଲେ। ଆଲୋକ ସାହୁ, ଶୈଳେନ୍ଦ୍ର ସାହୁ, ଅନୀଲ ଦାସ, ଇକବାଲ ହୁସେନ, ପିନାକୀ ସିଂହ, ରୀନା ଜେନା ଓ ଚିନ୍ତାମଣି ମହାଲିକ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

# ସମ୍ପାଦକୀୟ



ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ।
-ଷ୍ଟାଲିନ୍

ସକାଳ
THE SAKALA

## 'ପାଗଳ ତତ୍ତ୍ୱ'

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦିନ ଇରାନ ବିରୋଧରେ ଚାଲିଥିବା ଯୁଦ୍ଧକୁ ଦୁଇ ସପ୍ତାହ ପାଇଁ ବିରାମ ଦେଇଛନ୍ତି। ଇରାନ୍‌ର ୧୦ ସୂତ୍ରୀ ପ୍ରସ୍ତାବରେ ରାଜି ହୋଇ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ପୂରା ବିଶ୍ୱ ପାଇଁ ଏହା ଆଶ୍ୱସ୍ତିର ବିଷୟ ନିଶ୍ଚିତ। ଆଗକୁ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଦ୍ୱାରା ଶାନ୍ତିର ମାର୍ଗ ଖୋଲିବ ଓ ପରିସ୍ଥିତି ପୂର୍ବବତ୍ ସ୍ୱାଭାବିକ ହେବ ବୋଲି ପୂରା ବିଶ୍ୱବାସୀ ଆଶାୟୀ ରହିଛନ୍ତି। କିନ୍ତୁ ଟ୍ରମ୍ପଙ୍କ 'ଯୁଦ୍ଧବିରତି' ଘୋଷଣାକୁ ଏବେ ବି ବିଶ୍ୱର ଗୋଟିଏ ମହଲ ବିଶ୍ୱାସକୁ ନେଇପାରୁନାହାନ୍ତି। ଟ୍ରମ୍ପ ଆମେରିକା ଭଳି ଶକ୍ତିଶାଳୀ ଦେଶର ନେତା ହେଲେ ମଧ୍ୟ ତାଙ୍କର ପୂର୍ବର 'ଟ୍ରାକ୍-ରେକର୍ଡ' ସେମାନଙ୍କୁ ଏମିତି ଆଶଙ୍କା କରିବାକୁ ବାଧ କରିଛି। କାରଣ ଇରାନ୍ ସହ ଯୁଦ୍ଧବିରତି ଘୋଷଣା ପୂର୍ବରୁ ଟ୍ରମ୍ପ ଇରାନ୍‌କୁ ଚରମବାଣୀ ଶୁଣାଇଥିଲେ। 'ସମ୍ପୂର୍ଣ୍ଣ ପାରସ୍ୟ ସଭ୍ୟତା'କୁ ସେ ସମାପ୍ତ କରିଦେବେ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ପୂରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଯାଇଥିଲା। ଇରାନ୍ ଉପରେ ଆମେରିକା ପରମାଣୁ ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଫଳରେ, ବିଶ୍ୱବ୍ୟାପୀ ପୁଞ୍ଜିବଜାରରେ ହାହାକାର ସୃଷ୍ଟି ହେବା ସହ ଅଶୋଧିତ ତୈଳଦର ଆକାଶଛୁଆଁ ହୋଇଥିଲା। ଯଦିଓ ଇରାନ୍ ଓ ତାହାର ନେତାଙ୍କ ଲଢୁଆ ମନୋବୃତ୍ତି ଉପରେ ଏହା ବିଶେଷ କୌଣସି ଫରକ୍ ପକାଇନଥିଲା। କିନ୍ତୁ, ଠିକ୍ ଏହାର ୨୪ଘଣ୍ଟା ଭିତରେ ଟ୍ରମ୍ପ ନିଜର ନିଷ୍ପତ୍ତି ପରିବର୍ତ୍ତନ କରିଦେଲେ ଏବଂ ଅପ୍ରତ୍ୟାଶିତ ଭାବେ ବିନା ଇସ୍ରାଏଲ ପରାମର୍ଶରେ ଯୁଦ୍ଧବିରତି ଘୋଷଣା କରିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ହଠାତ୍ ନିଷ୍ପତ୍ତି ପରିବର୍ତ୍ତନ (ୟୁ-ଟର୍ଣ୍ଣ) ପ୍ରଥମ ନୁହେଁ। ଏହା ପୂର୍ବରୁ ଭିନ୍ନଭିନ୍ନ ପ୍ରସଙ୍ଗରେ ଅନେକବାର ସେ ଏପରି କରି ସାଧାରଣଲୋକଙ୍କଠାରୁ ଆରମ୍ଭ କରି ବିଶ୍ୱନେତାଙ୍କୁ ଚକିତ, ଆଚମ୍ବିତ କରିଛନ୍ତି। ପ୍ରଥମ କାର୍ଯ୍ୟକାଳ ଅପେକ୍ଷା ରାଷ୍ଟ୍ରପତି ଭାବେ ଟ୍ରମ୍ପ ଦ୍ୱିତୀୟଥର ହ୍ୱାଇଟ୍ ହାଉସ୍ (ଆମେରିକା ରାଷ୍ଟ୍ରପତି ଭବନ)କୁ ଫେରିବା ପରେ ତାଙ୍କର ଏହି 'ପାଗଳାମି' ଅଧିକ ବୃଦ୍ଧି ପାଇଛି। ଏହା ଭିନ୍ନ କଥା, ଟ୍ରମ୍ପ ଜଣେ ଉଦ୍ୟୋଗପତି ହୋଇଥିବାରୁ ଏପରି କରି ସେ ପୁଞ୍ଜିବଜାରରୁ ଅଧିକ ଲାଭ କରୁଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ତାଙ୍କର ଏହି ଦୋହରା ତଥା ଦ୍ୱନ୍ଦ୍ୱାତ୍ମକ ଚରିତ୍ରକୁ ବୈଦେଶିକ ବ୍ୟାପାର ନୀତିରେ 'ପାଗଳ ତତ୍ତ୍ୱ' ବା 'ମ୍ୟାଡ୍‌ମ୍ୟାନ୍ ଥିଓରି' କୁହାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଶୀତଳ ଯୁଦ୍ଧ ସମୟରେ ଏହି ବୈଦେଶିକ ନୀତିରେ 'ପାଗଳ ତତ୍ତ୍ୱ' ଶବ୍ଦର ପ୍ରଚଳନ ଓ ଲୋକପ୍ରିୟ ହୋଇଥିଲା।

ପ୍ରତିପକ୍ଷ ନେତା ବା ଦେଶକୁ ପ୍ରଭାବିତ ତଥା ଭୟଭୀତ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାବେ କିଛି ରାଷ୍ଟ୍ରମୁଖ୍ୟମାନେ 'ପାଗଳ ତତ୍ତ୍ୱ'ର ଆଶ୍ରା ନେଇଥିଲେ। ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ଏତେ ଭିନ୍ନତା ରହୁଥିଲା ଯେ ପ୍ରତିପକ୍ଷ ତାଙ୍କୁ ସଠିକ୍ ଭାବେ ଆକଳନ କରିପାରୁନଥିଲେ। ଗତବର୍ଷ ରାଷ୍ଟ୍ରପତି ଭାବେ ଟ୍ରମ୍ପ ଦ୍ୱିତୀୟବାର



ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହି 'ପାଗଳ ତତ୍ତ୍ୱ'କୁ କାର୍ଯ୍ୟରେ ଲଗାଇଛନ୍ତି ବୋଲି ଅନ୍ତର୍ଜାତୀୟ ରାଜନୀତିରେ ରୁଚି ରଖୁଥିବା କିଛି ସମୀକ୍ଷକ ଯୁକ୍ତି ବାଢ଼ୁଛନ୍ତି।

ସେମାନଙ୍କ ମତରେ 'ପାଗଳାମି'ର କୌଣସି ସଠିକ୍ ସଂଜ୍ଞା ବା ପରିଭାଷା ନାହିଁ। କିନ୍ତୁ, ପ୍ରତିପକ୍ଷଙ୍କୁ ପ୍ରଭାବିତ କରିବା ପାଇଁ 'ପାଗଳାମି'ର ଆଶ୍ରା ନେଉଥିବା ନେତାମାନେ ବିଶେଷକରି ଦୁଇପ୍ରକାରର। ପ୍ରଥମଟି ହେଉଛି, କିଛି ନେତା 'ନିଜର ଚରିତ୍ରକୁ ସାଧାରଣରେ 'ଦ୍ୱନ୍ଦ୍ୱାତ୍ମକ' ତଥା 'ଅନିଶ୍ଚିତ' ଦେଖାଇବାକୁ ଚେଷ୍ଟା କରିଥା'ନ୍ତି। ନିଜକୁ ଏପରି ଦେଖାଇବାରେ ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଉଛି, ସେମାନେ ପ୍ରତିପକ୍ଷଙ୍କ ମଧ୍ୟରେ ଭୟ ସଂଚାର କରିବାକୁ ଚେଷ୍ଟା କରନ୍ତି ଯେ ସେମାନେ କିଛି ବି ଓଲଟାପାଲଟା କରିପାରନ୍ତି। ଦ୍ୱିତୀୟଟି ହେଉଛି ଉଗ୍ରବାଦ, ଯୁଦ୍ଧ, ଭୀଷଣ ନରସଂହାର। ବର୍ତ୍ତମାନର କିଛି ବିଶ୍ୱନେତାଙ୍କୁ ଏପରି ଦୁଇ ପ୍ରକାରର 'ପାଗଳାମି'ରେ ବିଭକ୍ତ କରାଯାଇପାରେ। କିନ୍ତୁ, ଟ୍ରମ୍ପ ଏହି ଦୁଇପ୍ରକାରର 'ପାଗଳାମି'ର ସମାହାର। ଇରାନ୍ ସହ ଯୁଦ୍ଧ ପୂର୍ବରୁ ଏବଂ ଯୁଦ୍ଧ ସମୟରେ ଟ୍ରମ୍ପଙ୍କ ପରସ୍ପରବିରୋଧୀ ବିଭିନ୍ନ ବକ୍ତବ୍ୟ ଓ କାର୍ଯ୍ୟରୁ ଏହାର ପ୍ରମାଣ ମିଳେ।

ସମୀକ୍ଷକଙ୍କ କହିବା କଥା, ପୂର୍ବର ଓ ବର୍ତ୍ତମାନର ବିଶ୍ୱନେତାମାନଙ୍କ ଅପେକ୍ଷା 'ପାଗଳ ତତ୍ତ୍ୱ'ର ଆଶ୍ରା ନେବାରେ ଟ୍ରମ୍ପ ସମସ୍ତଙ୍କୁ ପଛରେ ପକାଇଦେବେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କୁ କିଛି ସମାଲୋଚକ ପାଗଳ ବୋଲି କହୁଥିଲେ। କିନ୍ତୁ ତାଙ୍କର ଚରିତ୍ରରେ ଦୋହରାପଣ କିମ୍ବା ଯୁଦ୍ଧଖୋର୍ ଝଲକ ସେତେ ଦିଶୁନଥିଲା। ସେହିପରି ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ପାଗଳାମି ଯୁଦ୍ଧଖୋର୍, କିନ୍ତୁ ବିନାଶବାଦୀ ନୁହେଁ। ୟୁକ୍ରେନ୍ ଉପରେ ଆକ୍ରମଣ କରି ଅନ୍ତର୍ଜାତୀୟସ୍ତରରେ ସେ ଏହାକୁ ବହୁମାତ୍ରାରେ ପ୍ରମାଣିତ କରିଛନ୍ତି। ୟୁକ୍ରେନ୍ ସହ ଦୀର୍ଘ ଦିନ ଧରି ଯୁଦ୍ଧ ଜାରି ରଖିବା ସତ୍ତ୍ୱେ ସେ ପରମାଣୁ ଅସ୍ତ୍ରର ବ୍ୟବହାର କରିନାହାନ୍ତି। ସେହିପରି ଉତ୍ତରକୋରିଆର ରାଷ୍ଟ୍ରପତି ତଥା ଏକଛତ୍ରବାଦ ନେତା କିମ୍ ଜଙ୍ଗ ଉନ୍ 'ପାଗଳ ତତ୍ତ୍ୱ'ର ଅନ୍ୟତମ ବଡ଼ ଉଦାହରଣ। ବାରମ୍ବାର ବିଶ୍ୱକୁ ପରମାଣୁ ଅସ୍ତ୍ରର ଧମକ ଏବଂ ତାଙ୍କର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସହ ସେ ନାଟକୀୟ ଢଙ୍ଗରେ ଯେପରି ନିଜ କାକା ଏବଂ ଭାଇଙ୍କୁ ହତ୍ୟା କଲେ, ତାହା ତାଙ୍କୁ ଏହି ଅପଖ୍ୟାତି ଆଣିଦେଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କର ଅନେକ ସାମଞ୍ଜସ୍ୟତା ରହିଛି। ସଂକଟକାଳୀନ ରଣନୀତିରେ 'ପାଗଳ ତତ୍ତ୍ୱ'ର ଆଶ୍ରା କୌଣସି ରାଷ୍ଟ୍ର ବା ରାଷ୍ଟ୍ରମୁଖ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଓ ଲାଭପ୍ରଦ ହୋଇପାରେ। କିନ୍ତୁ ଏହାର ଖରାପ ଦିଗଟି ଅତ୍ୟନ୍ତ ଭୟଙ୍କର ଓ ବିଧ୍ୱଂସୀ।

## ଆମ ରାଜଧାନୀର କଥା ଓ ବ୍ୟଥା

**ପ୍ରଦୋଷ ପଟ୍ଟନାୟକ**

ଐତିହାସିକ ନଗରୀ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠାକୁ ଆଜି ପୂରିଛି ୭୮ବର୍ଷ। ୧୯୪୮ ମସିହାର ଠିକ୍ ଏହି ଦିନରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲତାଗୁଳ୍ମ ପରିପୂର୍ଣ୍ଣ କଙ୍କରିଳ ମାଟିରେ ନୂଆ ରାଜଧାନୀର ଶିଳାନ୍ୟାସ କରିଥିଲେ। ଭୁବନେଶ୍ୱରରେ ନୂତନ ରାଜଧାନୀ ପ୍ରତିଷ୍ଠା ପୂର୍ବରୁ କଟକ ଥିଲା ଓଡ଼ିଶାର ରାଜଧାନୀ। ୧୯୩୩ ମସିହାରେ ଓଡ଼ିଶା ପ୍ରଶାସନିକ କମିଟି ରାଜଧାନୀ ସ୍ଥାପନ ପାଇଁ କଟକସ୍ଥିତ ଚାଉଳିଆଗଞ୍ଜ ଓ ତୁଳସୀପୁର ଅଞ୍ଚଳକୁ ବାଛି ପ୍ରସ୍ତାବିତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କିନ୍ତୁ କଟକର ଉଭୟ ପାର୍ଶ୍ୱରେ ମହାନଦୀ ଓ କାଠଯୋଡ଼ି ନଦୀ ପ୍ରବାହିତ ହେଉଥିବାରୁ ଏଠାରେ ରାଜଧାନୀ ସ୍ଥାପନ ସୁବିଧାଜନକ ହେବନାହିଁ ବୋଲି ସ୍ଥିର ହୋଇଥିଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ପୁନଶ୍ଚ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ନେଇ ତତ୍ପରତା ପ୍ରକାଶ ପାଇଥିଲା। ଏଥିପାଇଁ ଗଠିତ ଜୋନ୍‌ସ କମିଟି ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟବର୍ତ୍ତୀ ରଙ୍ଗେଇଲୁଣ୍ଡାକୁ ରାଜଧାନୀ ସ୍ଥାପନ ନିମନ୍ତେ ଉପଯୁକ୍ତ ସ୍ଥାନ ଭାବରେ ଚିହ୍ନଟ କରିଥିଲେ। ରଙ୍ଗେଇଲୁଣ୍ଡା ସମ୍ପର୍କରେ ବିଭିନ୍ନ ଗୋଷ୍ଠୀଙ୍କ ସହ ବିଶଦ୍ ଆଲୋଚନା ପରେ ୧୯୩୭ ମସିହାରେ ଅନ୍ୟ ଏକ କମିଟି ଓ ଉପଦେଷ୍ଟାମଣ୍ଡଳୀ ଗଠନ କରାଯାଇ ଏଥିନେଇ ଅନୁଧ୍ୟାନ କରାଯାଇଥିଲା। ଏହି ନୂତନ କମିଟି ଜୋନ୍‌ସ କମିଟିର ରଙ୍ଗେଇଲୁଣ୍ଡାରେ ରାଜଧାନୀ ସ୍ଥାପନ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଦେଇଥିଲା। ଏହାପରେ ସରକାର ପୁଣି ସ୍ଥାନ ନିରୂପଣ ପାଇଁ ଡ୍ୟାନ୍ କମିଟି ଗଠନ କରିଥିଲେ। ଏହି ନୂତନ କମିଟିର ପ୍ରସ୍ତାବରେ ଅନେକ ବାଧା ଓ ପ୍ରତିବନ୍ଧକ ଦେଖାଯିବାରୁ ତାକୁ ମଧ୍ୟ ବାତିଲ୍ କରିଦିଆଯାଇଥିଲା। ବିଭିନ୍ନ ସମୟରେ କଟକ ଜିଲ୍ଲାର ବାରଙ୍ଗ ଓ ଚୌଦ୍ୱାର ସମେତ ଅନୁଗୁଳ ଓ ଖୋର୍ଦ୍ଧାରେ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ପ୍ରସ୍ତାବ ଉଠିଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ଯୋଜନା ବିଭାଗ ଏବଂ ଉକ୍ତ ବିଭାଗର ଉପଦେଷ୍ଟା ବୋର୍ଡର ମିଳିତ ଉଦ୍ୟମରେ ଭୁବନେଶ୍ୱର ଓ ମଞ୍ଚେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନକୁ ରାଜଧାନୀ ସ୍ଥାପନ ପାଇଁ ବଛାଗଲା। ପରିଶେଷରେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ (ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ଥିବା ବେଳେ ଭୁବନେଶ୍ୱରର ଗୌରବମୟ ଐତିହ୍ୟ ଓ ପରମ୍ପରାକୁ ଦୃଷ୍ଟିରେ ରଖି ପୁନର୍ବାର ଏଠାରେ ରାଜଧାନୀ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଉକ୍ତ ପ୍ରସ୍ତାବଟି ତାଙ୍କ ମନ୍ତ୍ରୀମଣ୍ଡଳ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ରାଜଧାନୀ ନିର୍ମାଣ ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା ଯଥା-ସ୍ୱାସ୍ଥ୍ୟକର ପରିବେଶ ଓ ଜଳବାୟୁ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ କୀର୍ତ୍ତିରାଜି, କଳା ସ୍ଥାପତ୍ୟ, ଗମନାଗମନ ଓ କୋଠାବାଡ଼ି ନିର୍ମାଣ କରିବାର ସୁବିଧା, ପର୍ଯ୍ୟଟନସ୍ଥଳୀ ଏବଂ ଭବିଷ୍ୟତରେ ସମ୍ପ୍ରସାରଣ ନିମନ୍ତେ ଯଥେଷ୍ଟ ସ୍ଥାନ ରହିଥିବା ଦୃଷ୍ଟିରୁ ରାଜଧାନୀ ନିର୍ମାଣ ପାଇଁ ଭୁବନେଶ୍ୱର ହିଁ ଉପଯୁକ୍ତ ସ୍ଥାନ ବୋଲି ବିବେଚିତ ହେଲା। ସ୍ୱାଧୀନତାପ୍ରାପ୍ତିର ମାତ୍ର ସାତ ମାସ ପରେ ପଣ୍ଡିତ ନେହେରୁ ୧୯୪୮ ଏପ୍ରିଲ ୧୩ ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱରକୁ ଆସି ନୂତନ ରାଜଧାନୀର ଶିଳାନ୍ୟାସ କରିଥିଲେ। ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ନୂଆ ରାଜଧାନୀର ନକ୍ସାଟିକୁ ଚିଫ୍ ଇଞ୍ଜିନିୟର ମିଃ. ହଣ୍ଡାଙ୍କଠାରୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝି ମୁଖ୍ୟ ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ମହୀଶୂରର ଟାଉନ୍ ପ୍ଲାନିଂ ଇଞ୍ଜିନିୟର ଡକ୍ଟର ଅଟୋକୋନିସ୍‌ବର୍ଗ



ଏହାର ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ବାର ବର୍ଗମାଇଲ୍ ପରିମିତ ଅଞ୍ଚଳକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ମାଷ୍ଟରପ୍ଲାନରେ ୧୫୦୦ଟି କୋଠାବାଡ଼ି ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ଏହି କୋଠାବାଡ଼ି ମଧ୍ୟରେ ରାଜଭବନ, ମନ୍ତ୍ରୀମାନଙ୍କ ପାଇଁ ବାସଭବନ, ବିଧାନସଭା ଗୃହ, ବିଧାୟକଙ୍କ ପାଇଁ ବାସଗୃହ, ରାଜ୍ୟ ସଚିବାଳୟ, ବିଭାଗୀୟ ମୁଖ୍ୟ ଦପ୍ତର, ଡାକଘର, ଡାକ୍ତରଖାନା, ଏନ୍.ଏ.ସି. କାର୍ଯ୍ୟାଳୟ, ଥାନା, ସ୍କୁଲ୍ ଗୃହ, ସରକାରୀ କର୍ମ.ରୀଙ୍କ ନିମନ୍ତେ କ୍ୱାର୍ଟର, ଅନ୍ୟାନ୍ୟ କାର୍ଯ୍ୟାଳୟ ସମେତ ଦୋକାନ ଗୃହ ଓ ହାଟବଜାର ପାଇଁ ମଧ୍ୟ ଗୃହ ନିର୍ମାଣ ବ୍ୟବସ୍ଥା ରହିଥିଲା। ଏ ସମସ୍ତ ନିର୍ମାଣ ବାବଦରେ ୨ କୋଟି ୮ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାରମ୍ଭିକ ଅଟକଳ କରାଯାଇଥିଲା। ୧୯୫୧ ମସିହାର ଜନଗଣନା ଅନୁଯାୟୀ ଭୁବନେଶ୍ୱର ଲୋକସଂଖ୍ୟା ୧୬ ହଜାର ୫୧୨ ରହିଥିଲା। ଏଣୁ ଆନୁମାନିକ ୧୫ ହଜାର ଲୋକଙ୍କର ବସବାସ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ରାଜଧାନୀକୁ ଛ'ଟି ୟୁନିଟ୍ ବା ବସତିରେ ବିଭକ୍ତ କରାଯାଇଥିଲା।

ନୂତନ ରାଜଧାନୀର ନକ୍ସାଟିକୁ ଦେଖି ପ୍ରଧାନମନ୍ତ୍ରୀ ନେହେରୁ ବିଶେଷ ଆନନ୍ଦ ପ୍ରକାଶ କରି କହିଥିଲେ- 'ମୁଁ ବର୍ତ୍ତମାନ ଯେଉଁ ରାଜଧାନୀର ଶୁଭ ଦେଲି, ତା'ର ଯୋଜନା ପଛରେ ଯେଉଁ ବହୁମୁଖୀ ଚିନ୍ତାଧାରା ରହିଛି, ତାହା ଦେଖିବା ଉଚିତ।' ଶିଳାନ୍ୟାସ କରିବା ଅବସରରେ ପଣ୍ଡିତ ନେହେରୁ ତାଙ୍କ ବକ୍ତବ୍ୟରେ କହିଥିଲେ-'ଗୌରବମଣ୍ଡିତ ପୁରାତନ ମନ୍ଦିରମାଳିନୀ ସହରର ଏହି ଭୂମି ଉପରେ ଉତ୍କଳୀୟମାନଙ୍କର ଅତୀତ ଗୌରବର ଇତିହାସକୁ ପୁନର୍ଜୀବିତ କରି ପୁଣି ଏକ ନୂତନ ନଗର ନିର୍ମାଣ କରାଯାଉଛି।' ସୀମିତ ବ୍ୟୟ ଅଟକଳ ମଧ୍ୟରେ ଭୁବନେଶ୍ୱରକୁ ସାରା ଭାରତରେ ଏକ ଆଦର୍ଶ ନଗରୀ ଭାବରେ ଠିଆ କରାଇବା ତାଙ୍କର ଲକ୍ଷ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ସେ କହିଥିଲେ- 'କେବଳ ଅତି ଉଚ୍ଚ ଅଟ୍ଟାଳିକା କିମ୍ବା କୋଠାବାଡ଼ି ଅଥବା ବଡ଼ବଡ଼ କାର୍ଯ୍ୟାଳୟ ରହିଲେ କୌଣସି ନଗର ବା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇନଥାଏ। ସେଠାକାର ପ୍ରାକୃତିକ ପରିବେଶ, ଜନସାଧାରଣଙ୍କ ସରଳ ଆମାୟିକ ଆଚାରବ୍ୟବହାର, ସୁନ୍ଦର ଚାଲିଚଳନ ଓ ଉନ୍ନତମାନ ସମ୍ପନ୍ନ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିଲେ, ଅଳଙ୍କାରମଣ୍ଡିତ କଳେବର ସଦୃଶ ତାହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ।' ଏଥିରୁ ନେହେରୁଙ୍କର ବୌଦ୍ଧିକ ଚିନ୍ତାଧାରାର ମୌଳିକତା ସ୍ପଷ୍ଟ ପ୍ରମାଣିତ ହୁଏ। ସେ ପୁଣି କହିଥିଲେ ଯେ, ଭୁବନେଶ୍ୱରରେ ଯେଉଁ ଶାନ୍ତି ମିଳୁଛି, ସେଥିରୁ ସେ ବିଶେଷ ଆନନ୍ଦିତ। ଓଡ଼ିଶାର ପରମ୍ପରାଗତ ସଂସ୍କୃତି ଏବଂ ଐତିହ୍ୟ ପ୍ରତି ନେହେରୁଙ୍କ ଯଥେଷ୍ଟ ଅନୁରାଗ ରହିଥିଲା। ଭୁବନେଶ୍ୱରରେ ନୂତନ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ନକ୍ସାରେ ଛୋଟ ପିଲାମାନଙ୍କ ନିମନ୍ତେ ପ୍ରମୋଦ ଉଦ୍ୟାନ, ସ୍କୁଲ ଗୃହ, ମହିଳାମାନେ ହାଟବଜାର କରିବା ପାଇଁ ଦୋକାନ ଗୃହ, ସ୍କୁଲ୍, ବେତନଭୋଗୀ କର୍ମଚାରୀଙ୍କ ପାଇଁ ବାସଗୃହ ଆଦିର ବ୍ୟବସ୍ଥା ରହିଥିବାରୁ ସେ ବିଶେଷ ଆନନ୍ଦିତ ହୋଇଥିଲେ।

ସେଦିନ ମାତ୍ର ୧୫ହଜାର ଲୋକ ରହିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଥିବା ରାଜଧାନୀ ଆଜି କାୟାବିସ୍ତାର କରି ମାଡ଼ିଚାଲିଛି। ଏବେ ପ୍ରାୟ ୧୫ଲକ୍ଷ ଲୋକଙ୍କର ଏହା ଏକ ମହାନଗରୀରେ ପରିଣତ ହୋଇଛି। ମୂଳ ମାଷ୍ଟରପ୍ଲାନ୍‌ଠାରୁ ଦୂରେଇ ଯାଇ ବହୁବିଧ ସମସ୍ୟା ଜର୍ଜରିତ ନଗରୀ ହୋଇଛି ଭୁବନେଶ୍ୱର। ଆନୁଷଙ୍ଗିକ ଭିତ୍ତିଭୂମି ନଥାଇ ମଧ୍ୟ ଅସ୍ୱାଭାବିକ ଭାବରେ ଦ୍ରୁତ ଅଭିବୃଦ୍ଧି ସାଧିତ ହେଉଥିବା ଏହି ସହରର ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜଧାନୀ ପ୍ରତିଷ୍ଠା ପରେ ସ୍ୱଳ୍ପ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ସହର କେବଳ ଏକ ଛୋଟ ଏନ୍.ଏ.ସି. ରୂପେ ଦୀର୍ଘଦିନ ଧରି ରହି ଆସିଥିଲା। ମାତ୍ର ପରବର୍ତ୍ତୀ ସମୟରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ସହରର ଦ୍ରୁତ ବିକାଶର ଧାରା ଅବ୍ୟାହତ ରହିବାରୁ ଏହାକୁ ମ୍ୟୁନିସିପାଲିଟିରେ ପରିଣତ କରାଗଲା। ମାତ୍ର ୩୦ଜଣ କାଉନସିଲରଙ୍କୁ ନେଇ ପୌରସଭା କାର୍ଯ୍ୟ ପରିଚାଳିତ ହେଉଥିଲା। କିନ୍ତୁ ଏହା ସତ୍ତ୍ୱେ ରାଜଧାନୀର ଅଭିବୃଦ୍ଧି କ୍ରମଶଃ ଏଭଳି ଦ୍ରୁତତର ହୋଇଉଠିଲା ଯେ, ଗତ କିଛି ବର୍ଷ ହେଲା ଏହା ମହାନଗର ନିଗମ ବା ମ୍ୟୁନିସିପାଲ କର୍ପୋରେସନ ଅଧୀନକୁ ଆସିଛି। ଏବେ ଏଠାରେ ୬୭ଜଣ ନିର୍ବାଚିତ କର୍ପୋରେଟର୍ ଏବଂ ଏହାର ମୁଖ୍ୟ ମେୟରଙ୍କ ତତ୍ତ୍ୱାବଧାନରେ ପରିଷ୍କାର ପରିଚ୍ଛନ୍ନତାଠାରୁ ଆରମ୍ଭ କରି ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଚାଳିତ ହେଉଛି। ସେହିଭଳି ୧୯୮୨ ମସିହାରେ ରାଜ୍ୟ ବିଧାନସଭାରେ ଗୃହୀତ ସ୍ୱତନ୍ତ୍ର ଆଇନ ବଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ବିଡିଏ ନାମକ ଏକ ସରକାରୀ ସ୍ୱୟଂଶାସିତ ସଂସ୍ଥା ଗଠିତ ହୋଇଛି। ବର୍ତ୍ତମାନ ବିଏମ୍‌ସି ଓ ବିଡିଏ ଭଳି ଦୁଇଟି ସଂସ୍ଥା ରାଜଧାନୀର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ରଖିଥିବା ବେଳେ ଏହାର ସମସ୍ୟା କିନ୍ତୁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜଧାନୀ ସ୍ଥାପନ ପୂର୍ବରୁ ଏଠାରେ ପ୍ରବାହିତ ହେଉଥିବା ୧୦/୧୧ଟି ପ୍ରାକୃତିକ ଝରଣାକୁ ଅଟକାଇ ଜୋରଜବରଦସ୍ତ ସେଠାରେ ଘରବାଡ଼ି ନିର୍ମାଣ କରାଯାଇଥିବାରୁ ସହରରେ ଜଳ ନିଷ୍କାସନ ସବୁଠାରୁ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଛି। ସହରର ଜଳ ନିଷ୍କାସନର ସମସ୍ତ ପଥ ଆଜି ଅବରୁଦ୍ଧ। ଦେଶର ପ୍ରାୟ ସମସ୍ତ ରାଜ୍ୟର ରାଜଧାନୀ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ହାସଲ କରିଥିବା ବେଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଜି ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହୋଇଛି। ଅତୀତରେ, ଦୀର୍ଘ ବର୍ଷ ଧରି ଏହା ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ବିଗତ ଶତାବ୍ଦୀର ନବମ ଦଶକରୁ ଖୋର୍ଦ୍ଧା ଜିଲ୍ଲାର ଏକ ଅଞ୍ଚଳରେ ପରିଣତ ହୋଇଛି। ରାଜଧାନୀର ଗୁରୁତ୍ୱ ଏବଂ ଐତିହ୍ୟକୁ ଦୃଷ୍ଟିରେ ରଖି ଏହାକୁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରାଗଲେ, ୭୮ ବର୍ଷ ପୂର୍ତ୍ତି ଅବସରରେ ଗୋଟିଏ ବଡ଼ ସଫଳତା ମିଳିପାରିବ।

ସ୍ୱାଧୀନତାପ୍ରାପ୍ତି ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏବଂ ଅବିଭକ୍ତ ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼କୁ ଦୁଇଟି ଯୋଜନାବଦ୍ଧ ସହରରେ ଗଢ଼ିତୋଳିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। କିନ୍ତୁ ଆଜି ଚଣ୍ଡୀଗଡ଼ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ତଥା ଯୋଜନାବଦ୍ଧ ବିକଶିତ ସହର ରୂପେ ମୁଣ୍ଡ ଟେକିଥିବା ବେଳେ ୭୮ ବର୍ଷ ପରେ ଭୁବନେଶ୍ୱରର ସ୍ଥାନ କେଉଁଠି ତାହା ବିଚାର କରିବାର ବେଳ ଆସିଛି। ଅନେକ ସ୍ୱପ୍ନ ଓ ସମ୍ଭାବନାର ଦୋଛକିରେ ଠିଆ ହୋଇଥିବା ଆମ ରାଜଧାନୀର ଅଭିବୃଦ୍ଧି ଆଶାତୀତ ହେଲେ ବି ସାଧାରଣ ନାଗରିକଙ୍କ ଜୀବନଯାତ୍ରା ଯେ କ୍ରମଶଃ ଦୁର୍ବିସହ ହେଉଛି ଏଥିରେ ସନ୍ଦେହ ନାହିଁ।

ସଭାପତି,
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

## ବୃଦ୍ଧାବସ୍ଥାର ଭାବ, ବୃଦ୍ଧାବସ୍ଥାରେ ଅଭାବ

**ଡ. ସୀତାକାନ୍ତ ତ୍ରିପାଠୀ**

ଖବରକାଗଜରେ ପ୍ରକାଶିତ ଗୋଟିଏ ଖବରକୁ ନେଇ ଆମ ବନ୍ଧୁ ମହଲରେ ଅନେକ ଚର୍ଚ୍ଚା। ଉକ୍ତ ଖବର ଅନୁଯାୟୀ ଜଣେ ବୃଦ୍ଧ ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ନିଜର ସାହାଯ୍ୟକାରୀ ଏବଂ ବିଭିନ୍ନ ଦାତବ୍ୟ ଅନୁଷ୍ଠାନମାନଙ୍କୁ ଦାନ କରି ଦେଇଛନ୍ତି। ତା'ଛଡ଼ା ମୃତ୍ୟୁ ପୂର୍ବରୁ ତାଙ୍କର ଅଙ୍ଗଦାନ କରିବା ପାଇଁ ମଧ୍ୟ ଘୋଷଣା କରି ସାରିଛନ୍ତି। ନିଜର ପାଞ୍ଚଜଣ ପୁଅ ଝିଅଙ୍କ ସହ ନାତି ନାତୁଣୀମାନେ ଥିବା ସତ୍ତ୍ୱେ ତାଙ୍କର ଏ ପ୍ରକାର ନିଷ୍ପତ୍ତି ସାଧାରଣରେ ଭୃକୁଞ୍ଚନ ସୃଷ୍ଟି କରିବା ସ୍ୱାଭାବିକ। କିଏ କହୁଥାଏ 'ବୁଢ଼ାର ପିଲାମାନେ ବୋଧହୁଏ ତାଙ୍କୁ ସଠିକ୍ ଭାବେ ଦେଖାଶୁଣା କରୁନାହାନ୍ତି। ସେଥିପାଇଁ ରାଗରେ ସିଏ ଏ ପ୍ରକାର ନିଷ୍ପତ୍ତି ନେଇଥିବେ। ଆଉ କିଏ କିଏ କହୁଥାଏ ଏ ପ୍ରକାର ତ୍ୟାଗୀ ଏବଂ ବୈରାଗୀ ବ୍ୟକ୍ତିତ୍ୱ ସଂସାରରେ ବିରଳ। ପ୍ରକୃତରେ ପ୍ରକାଶିତ ଖବର କ'ଣ ଘଟଣାର ସତ୍ୟାସତ୍ୟ କଥା କହି ପାରିବ! ପିଲା ବେଳରୁ ମଣିଷର ମାୟା ବିଜଡ଼ିତ ମନ ଅନେକ ଆସକ୍ତି ଦେଇ ଗତି କରିଥାଏ। ଏହି ଆସକ୍ତି, ମାନ-ସମ୍ମାନ, ବଂଶ ବୁନିଆଦି, ଘର-ସଂସାର, ପିଲାଛୁଆ ଆଦି ବିଭିନ୍ନ ପ୍ରସଙ୍ଗ ତା'ର ଜୀବନକୁ ଜଞ୍ଜାଳମୟ କରିଦିଏ। ପଛକୁ ଫେରି ଚାହିଁବା ବେଳକୁ ଅନେକ ପଥ ଅତିକ୍ରାନ୍ତ ହୋଇ ସାରିଥାଏ। କେହି କେହି ନିଜର ଉତ୍ତର ଜୀବନରେ ଏହାକୁ ନେଇ ପଶ୍ଚାତାପ କରୁଥିବା ବେଳେ ଆଉ କେହି ଏହାକୁ ସମୟର ଖେଳ ବୋଲି ବିଚାର କରିଥାଆନ୍ତି। କାହା ପାଇଁ ମୃତ୍ୟୁର ଭୟ ଆଉ ପୁନର୍ଜନ୍ମର ବିଶ୍ୱାସ ଥିବା ବେଳେ ଆଉ କିଏ ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା ଭାବେ ଗ୍ରହଣ କରି ତାକୁ ସଠିକ ଭାବେ ସାମ୍ନା କରିବା ପାଇଁ ନିଜକୁ ପ୍ରସ୍ତୁତ କରାଇବା ସହିତ ପୁନର୍ଜନ୍ମକୁ ତତ୍ତ୍ୱ ଏବଂ ତଥ୍ୟହୀନ ବିଚାର ବୋଲି ତାଚ୍ଛଲ୍ୟ କରିଥାଆନ୍ତି। ଏସବୁ ଭିତରେ ବାର୍ଦ୍ଧକ୍ୟରେ ଶାରୀରିକ ଓ ମାନସିକ ଭାରସାମ୍ୟ ସନ୍ତୁଳିତ ହୋଇଥାଏ। ବାର୍ଦ୍ଧକ୍ୟ ଶରୀର ପାଇଁ ପୀଡ଼ାଦାୟକ ହୋଇପାରେ କିମ୍ବା ମନ ପାଇଁ ଭାରାକ୍ରାନ୍ତ ହୋଇପାରେ, ଏଥିପାଇଁ କାହାକୁ ଦାୟୀ କରାଯିବ ? ନିଜକୁ, ପରିବାରକୁ, ସମାଜକୁ ନା ସରକାରଙ୍କୁ ? ନିଜ ଯୁବାବସ୍ଥାର କର୍ମ ଉପରେ ଯେ ବୃଦ୍ଧାବସ୍ଥାର ସ୍ଥିତି ନିର୍ଭର କରିବ ସେ କଥା ସବୁବେଳେ ସମ୍ଭବ କିମ୍ବା ସତ୍ୟ ହୋଇନଥାଏ। ଯାହା ଅଛି ତାକୁ ନେଇ ଖୁସି ହେବାର ଅଛି। କାହା ଉପରେ ଦୋଷାରୋପ କରି ନିଜର ସମସ୍ୟାକୁ ବହୁଗୁଣିତ କରିବାରେ କି ଲାଭ ! ବରଂ ସମାଧାନର ପନ୍ଥାକୁ ଆପଣେଇବାର ଅଛି। ଶରୀର ଦୁର୍ବଳ ହେବା ଯୋଗୁଁ ମାନସିକ ଭାରସାମ୍ୟ ହରାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ତା' ପ୍ରତି ମୂଳରୁ ସତର୍କ ନ ହେବା, ତାହେଲେ ଅଜାଣତରେ ଦୁଃଖ ଯନ୍ତ୍ରଣାକୁ ନିମନ୍ତ୍ରଣ କରିବା ସାର ହେବ। ଏହା ହିଁ ବୃଦ୍ଧାବସ୍ଥାର ଭାବ।

ଯଦି ବୃଦ୍ଧାବସ୍ଥାରେ ଅଭାବ କଥା ଚିନ୍ତା କରାଯାଏ, ତାହେଲେ ଆମ ସମସ୍ତଙ୍କର ସମ୍ବେଦନଶୀଳତାର ଅଭାବକୁ ଦର୍ଶାଇଥାଏ। ଏହା କେବଳ ଧନସମ୍ପତ୍ତିକୁ ନ ବୁଝାଇ ସ୍ନେହ ସଦିଚ୍ଛା କଥାକୁ ସୂଚାଇଥାଏ। ଥରେ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ବୋହୂକୁ ପଚାରିଲେ ଆରେ ମା' କହିଲୁ ଦେଖି ମୋ ଦେହ ଓ ମୋ ସମୁଦିଙ୍କ ଦେହ ଏକା ସାଙ୍ଗରେ ଖରାପ ହେଲେ ତୁ କ'ଣ କରିବୁ? ବୋହୂଟି କହିଲା, ଆପଣ ଦୁଇଜଣ ତ ଆମ ପରିବାରର ସଦସ୍ୟ ତେଣୁ ଅସୁବିଧା କେଉଁଠି ? ଦୁଇଜଣ ସାଥି ହୋଇ ରହିବେ ଆଉ ଆମ ଦୁଇଜଣଙ୍କୁ ଆପଣମାନଙ୍କ ସେବା କରିବାର ସୁଯୋଗ ମିଳିଯିବ। କିନ୍ତୁ, ଏ ପ୍ରକାର ଉତ୍ତରଟିକୁ ହଜମ କରିବାର ସାମର୍ଥ୍ୟ ଉକ୍ତ ଶ୍ୱଶୁରଙ୍କର ପ୍ରାୟତଃ ନଥିଲା ବୋଲି ମନେହୁଏ। କାରଣ ସିଏ ସବୁବେଳେ ନିଜ ଯୁବକ ବୟସରେ ଦେଖିଥିବା ଘଟଣାଟିକୁ ଉଲ୍ଲେଖ କରୁଥିଲେ। ଜଣେ ବୁଢ଼ୀ ଲୋକର ଆଖି ଖରାପ ହୋଇଯିବାରୁ ତାଙ୍କୁ ଡାକ୍ତରଖାନାକୁ ନେବାକୁ ପଡ଼ିଲା। ସାନ ବୋହୂଟି କହିଲା ବୁଢ଼ୀ କ'ଣ ଆଉ ପାଠ ପଢ଼ିବ ନା ଘର କାମ କରିବ? ତାଙ୍କ ଆଖିର ଚିକିତ୍ସା କରି ପଇସା ଖର୍ଚ୍ଚ କରିବାରେ କି ଲାଭ! ବଡ଼ବୋହୂଟି କହିଲା ଆମେ ତ ଗରିବ ବୁଢ଼ୀକୁ ଗଣ୍ଡାଏ ଖାଇବାକୁ ଦେବା ବଡ଼କଥା। ସିଏ ଆମ ପାଇଁ କ'ଣ ରଖି ଦେଇଥିଲା ଯେ ଏତେ ଶରଧା। ଏ କଥା ଶୁଣି ସବୁଠୁ ସ୍ୱଚ୍ଛଳ ଥିବା ମଝିଆଁ ପୁଅ କହିଲା କାହାରିକୁ କିଛି ଦେବା ପାଇଁ ପଡିବ ନାହିଁ। ମୁଁ ସବୁ ଖର୍ଚ୍ଚ ବହନ କରିବି। ଏ କଥା ଶୁଣୁଶୁଣୁ ମଝିଆ ବୋହୂ କହିଲା, କାହିଁ ମୁଁ ତ' କେତେ ଦିନ ହେଲା କହିଲିଣି ମୋ କାନଫୁଲଟି ଭାଙ୍ଗି ଗଲାଣି, ଚାଲ ଗୋଟିଏ ନୂଆ କାନଫୁଲ କିଣିବା। ସେତେବଳକୁ ସିଧାସିଧା ମନା କରିଦେଲ। ଏବେ ପୁଣି କେମିତି ନିଜ ପକେଟ୍‌ରୁ ପଇସା ଖର୍ଚ୍ଚ କରିବା ପାଇଁ ଖିଅ ଖୋଜୁଛ ?

ଏକଥା କହି ଉକ୍ତ ଶ୍ୱଶୁର ଜଣକ ନିଜ ଭାଗ୍ୟ ଭବିଷ୍ୟତ ପାଇଁ ନିଜ ରୋଜଗାର ବା ସଞ୍ଚୟ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ମତରେ ପଇସା ନାହିଁ ତ ଭଲ ପାଇବା ନାହିଁ। କିନ୍ତୁ, ଏସବୁ କଥାକୁ ଭାବି ସବୁବେଳେ ପରିବାର କିମ୍ବା ସମ୍ପର୍କୀୟଙ୍କ ସାଙ୍ଗରେ ଏ ପ୍ରକାର ଆଲୋଚନା କରିବା ଦ୍ୱାରା ଏହା ମଧୁର ହେବା ବଦଳରେ ତିକ୍ତ ହେବାର ଆଶଙ୍କା ରହିଛି। ସମ୍ପର୍କ ସବୁକୁ ତଉଲିବା ଅପେକ୍ଷା ତାହାକୁ କେମିତି ସରସସୁନ୍ଦର କରିହେବ, ସେ ସମ୍ପର୍କରେ ବିଚାର ଆଲୋଚନା କରିବା ଆବଶ୍ୟକ। କାରଣ ଏହା ଉଧାରକୁ ବଦଳ ନୀତିରେ ଚାଲେ ନାହିଁ। କିମ୍ବା ଅଯଥା ଅନ୍ୟମାନଙ୍କୁ ସନ୍ଦେହୀ ଆଖିରେ ଦେଖିବାର ଆବଶ୍ୟକତା ନାହିଁ ବରଂ ତ୍ୟାଗରେ ଆନନ୍ଦ ଏବଂ ଅନ୍ୟମାନଙ୍କୁ ବୁଝିବାର ଆଦବ କାଇଦାକୁ ହାସଲ କରିବାର ଅଛି। ନିଜର ଶାରୀରିକ ଓ ମାନସିକ ଦୁର୍ବଳତା ପାଇଁ ଅନ୍ୟମାନେ ସେମାନଙ୍କୁ ହତାଦର କରୁଛନ୍ତି ଭାବିବା ସବୁବେଳେ ଠିକ୍ ନୁହେଁ। ବରଂ ନିଜର ସ୍ଥାନ ଓ ସ୍ଥିତିକୁ ପରପିଢ଼ି ପାଇଁ କେମିତି ସଠିକ୍ ଭାବେ ହସ୍ତାନ୍ତର କରାଯାଇପାରିବ, ସେ କଥାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଉତ୍ତରପିଢ଼ି ମଧ୍ୟ ବୟସ୍କ ଲୋକଙ୍କ ପ୍ରତି ଦୋଷାରୋପ କିମ୍ବା ପିଢ଼ି ବ୍ୟବଧାନର ପ୍ରସଙ୍ଗ ପ୍ରତି ଅଙ୍ଗୁଠି ଟେକିବା ଅସମୀଚିନ। ଚୁମ୍ବକ ଲୁହାକୁ ଆକର୍ଷିତ କରେ କିମ୍ବା ଲୁହା ଚୁମ୍ବକକୁ ଆକର୍ଷିତ କରେ; ସେ କଥା ଚିନ୍ତା କରିବା ଯେମିତି କଷ୍ଟ, ସେହିଭଳି ସମମେରୁ ପରସ୍ପରକୁ ବିକର୍ଷଣ କରିବା ନ୍ୟାୟରେ ବୃଦ୍ଧାବସ୍ଥାରେ ଆସୁଥିବା ବିଯୁକ୍ତାତ୍ମକ ଚିନ୍ତାଧାରାଗୁଡ଼ିକୁ ପରିବାର, ସଜନ ପରିଜନ, ସମାଜ ଯୁକ୍ତାତ୍ମକ ଚିନ୍ତାଧାର ସହ ଆକର୍ଷିତ କରିବାର ଆବଶ୍ୟକତା ରହିଛି। ଫଳରେ ଏକ ସୁସ୍ଥ, ସୁନ୍ଦର ପରିବେଶ ସୃଷ୍ଟି ହେବ, ଯାହା ଉତ୍ତରପିଢ଼ି ପାଇଁ ଉଦାହରଣ ହୋଇପାରିବ। ମନେ ରଖିବାକୁ ହେବ ଭାବକୁ ହିଁ ଅଭାବ ଆଉ ଅଭାବକୁ ଭାବ ହିଁ ଆକର୍ଷିତ କରିଥାଏ।

ଅର୍ଣ୍ଣପାଳ, ଭଦ୍ରକ
୯୭୭୮୭୬୪୩୯୪

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବଂଶଧାରା ଜଳ ବିବାଦ

# ନଦୀ ମଧ୍ୟରେ ହାତରେ ପାଣି ଧରି ପ୍ରତିବାଦ

ଗୁଣୁପୁର, ୧୨।୪(ସମିସ): ବଂଶଧାରା ନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲ ରାୟ ପ୍ରକାଶ ପରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାୟଗଡ଼ା ଓ ଗଜପତି ଜିଲ୍ଲାର ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଦାବିରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ରବିବାର ଅଭିନବ ପ୍ରତିବାଦ କରାଯାଇଛି। ରାୟଗଡ଼ା-ଗଜପତି ଜିଲ୍ଲା ସୀମାନ୍ତ ସାହାରା ନିକଟରେ ପ୍ରବାହିତ

## ଆରମ୍ଭ ହେଲା 'ଜଳ ସଂକଳ୍ପ ଯାତ୍ରା'

ବଂଶଧାରା ନଦୀ ମଧ୍ୟରେ ଚାଷୀ ଓ ସମିତି ସଦସ୍ୟମାନେ ନଦୀ ମଧ୍ୟରେ ହାତରେ ପାଣି ଧରି ପ୍ରତିବାଦ କରିବା ସହ 'ଜଳ ସଂକଳ୍ପ ଯାତ୍ରା' ଆରମ୍ଭ କରିଛନ୍ତି। ଏହି ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କୁହାଯାଇଛି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ଦାବିକୁ ଗୁରୁତ୍ୱ ନ ଦିଅନ୍ତି, ତେବେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶଙ୍କ ନେତୃତ୍ୱରେ ଗୁଣୁପୁର ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ପଞ୍ଚାୟତ ସମିତି ସଦସ୍ୟ ଜଗନ୍ନାଥ ଦୋରାଙ୍କ ସହ ବହୁ ଜନପ୍ରତିନିଧି, ଆଇନଜୀବୀ ଓ ସାମାଜିକ କର୍ମୀ ଏହି ଯାତ୍ରାରେ



ଭାଗ ନେଇଥିଲେ। ସାରା, ବାଡ଼ିଗାଁ, ଗାଦିଆଖଳା ଓ ଗୁଣୁପୁର ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ବଂଶଧାରା ଜଳ ସୁରକ୍ଷା ପାଇଁ ଶପଥ ନେଇଥିଲେ।

ସୂଚନାନୁଯାୟୀ, ପ୍ରାୟ ୨୫୪ କି.ମି ଦୀର୍ଘ ବଂଶଧାରା ନଦୀ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରବାହିତ। ୧୯୬୨ରେ ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ ସମ୍ପର୍କୀୟ ଚୁକ୍ତି ହୋଇଥିବା ବେଳେ ଏହାକୁ ଆଧାର କରି ଟ୍ରିବ୍ୟୁନାଲ ଶେଷ ରାୟ ଦେଇଛି। ଗତ ଏପ୍ରିଲ ୫ରେ ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇଛି। ଟ୍ରିବ୍ୟୁନାଲ ଦ୍ୱାରା ସମାନ ଭାବେ ଜଳ ବ୍ୟବହାର ନିର୍ଦ୍ଦେଶ ଦେଇଥିବାରୁ ଓଡ଼ିଶାରେ ଉପଯୁକ୍ତ ପ୍ରକଳ୍ପ ଗଢ଼ି ଉଠିବା ଦାବି ଆହୁରି ଜୋର୍ ଧରିଛି।

ବବିଙ୍କ ବାସଭବନରେ ବିଜେଡି ନେତୃତ୍ୱଙ୍କ ବୈଠକ

# ଶାସକ ଦଳକୁ ଜବାବ ଦେବାକୁ ନେଲେ ନିଷ୍ପତ୍ତି

ଯାଜପୁର,୧୨।୪(ସମିସ): ଯାଜପୁର ଜିଲ୍ଲା ରାଜନୀତି ଏବେ ଦିନକୁ ଦିନ ବିଶେଷ ଭାବେ ସରଗରମ ହେବାରେ ଲାଗିଛି। ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଘରେ ଆଜି ଅପରାହ୍ନରେ ବିଜେଡି ନେତୃତ୍ୱଙ୍କ ବୈଠକ ଦେଖିବାକୁ ମିଳିଛି। ଜିଲ୍ଲା ତଥା ରାଜ୍ୟର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଏଠାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଯାଜପୁର ସହରର କାଳୀମେଘା ଠାରେ ଥିବା ବବିଙ୍କ ଫାର୍ମହାଉସ ଘରେ ଏକାଠି ହୋଇଥିଲେ ତିନି ବିଧାୟକ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ ଓ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ। ଆଉ ସେମାନଙ୍କ ସହ ସାମିଲ ଥିଲେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ନେତା। ନିକଟରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ପ୍ରସଙ୍ଗ ଉଠାଇବା ସହ ଜିଲ୍ଲା ତଥା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା କହିଛନ୍ତି ପ୍ରମିଳା। ସେହିପରି ବବିଙ୍କ ନିର୍ମାଣଧୀନ ଘରେ ଶ୍ରୀମନ୍ଦିର ପ୍ରକଳ୍ପ ଖଣ୍ଡେଲାଇଟ୍ ପଥର ଲାଗିଥିବା କହି ବିରୋଧୀ ଗୁଜବ ସୃଷ୍ଟି କରିବାର ନିନ୍ଦା କରିଥିଲେ। ରାଜ୍ୟରେ ଅପାରଗ ସରକାରଙ୍କ ଅପାରଗତା, ଚାଷୀମାରଣ ନୀତି, ନାରୀ ସୁରକ୍ଷା, ଛାତ୍ର ସୁରକ୍ଷା ଆଦି ପ୍ରସଙ୍ଗରେ ଦୁଇ ବର୍ଷର ସରକାର ଫେଲ



ମାରିଛନ୍ତି ବୋଲି ସେ କହିଛନ୍ତି। ଖଣି, ପାଣି, ଚାଷୀ, କୃଷି ସମସ୍ୟା ସହିତ ବାଲି, ମାଟି, ମୋରମ ଆଦି ଲଘୁ ଖଣିଜ ଲୁଟ୍ ଚାଲିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛନ୍ତି। ଏହି ସବୁ ପ୍ରସଙ୍ଗ ନେଇ ବିଜେଡି ତାର ଏକ ସାଂଗଠନିକ ବୈଠକ କରିଥିଲା ବୋଲି ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ କହିଛନ୍ତି। ଆଗକୁ ସଂଗଠନକୁ ସୁଦୃଢ଼ କରିବା ସହିତ ରାଜ୍ୟବାସୀଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା ପାଇଁ ବିଜେଡି ନିଜର ଲଢ଼େଇ ଜାରି ରଖିବ ଏବଂ ଏଥିପାଇଁ କିଭଳି ନିଜର ରଣନୀତି ପ୍ରସ୍ତୁତ କରିବ ସେ ସବୁ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିବା ସେ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଚାଷୀ ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ ହନ୍ତସନ୍ତ ହେଉଛନ୍ତି। କିନ୍ତୁ ସେହି ସବୁ ପ୍ରସଙ୍ଗ ଛାଡି ଶସ୍ତା ଲୋକପ୍ରିୟତା ପାଇଁ ମିଛ ଖବର ପରିବେଷଣ କରୁଛି ଗଣମାଧ୍ୟମ। ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଲୋକପ୍ରିୟତାକୁ ସହି ନ ପାରି କେତେକ ଗଣମାଧ୍ୟମ ମିଛ ପ୍ରଚାର କରୁଛନ୍ତି। ଆଗାମୀ ଦିନରେ ସରକାରୀ ଦଳକୁ ଚେକ ଦେବାକୁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

କିଂବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ପରଲୋକ

# ମୋହନ, ନବୀନଙ୍କ ଶୋକ

ଭୁବନେଶ୍ୱର,୧୨।୪(ସମିସ): ସଙ୍ଗୀତ କିମ୍ବଦନ୍ତୀ ତଥା ମହାନ ଗାୟିକା ଆଶା ଭୋସଲେଙ୍କ ନିଧନରେ ଶୋକ ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ ଜୀଙ୍କ ପରଲୋକ ଗମନରେ ଗଭୀର ଦୁଃଖିତ। ତାଙ୍କର ଅମର କଣ୍ଠସ୍ୱର କେବଳ ସଙ୍ଗୀତ ନ ଥିଲା, ବରଂ ଏକ ଭାବନା ଥିଲା ଯାହା ପୁରୁଣା ପିଢ଼ିରୁ ନୂଆ ପିଢ଼ି ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ କରିହେବ ନାହିଁ। ତାଙ୍କ ପରିବାର, ଅନୁରାଗୀ ଓ ସମଗ୍ର ସଙ୍ଗୀତ ଜଗତକୁ ମୋର ଆନ୍ତରିକ ସମବେଦନା। ଏହି ଗଭୀର ଶୋକର ମୁହୂର୍ତ୍ତରେ ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ଯେ ତାଙ୍କ ଆତ୍ମାକୁ ଶାଶ୍ୱତ ଶାନ୍ତି ପ୍ରଦାନ କରନ୍ତୁ। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ବଲିଉଡ୍ ପ୍ଲେବ୍ୟାକ୍ ଗାୟିକା ଆଶା ଭୋସଲେଙ୍କ ପରଲୋକ ଗମନ ଜାଣି ଗଭୀର ଦୁଃଖିତ। ତାଙ୍କର ମଧୁର କଣ୍ଠସ୍ୱର ପିଢ଼ି ପରେ ପିଢ଼ି ସଙ୍ଗୀତପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଭାରତୀୟ ସଙ୍ଗୀତରେ ସେ ଯେଉଁ ଗୌରବମୟ ଲିଗାସୀ ଛାଡ଼ିଯାଇଛନ୍ତି, ତାହା ଆଗାମୀ ପିଢ଼ି ପର୍ଯ୍ୟନ୍ତ ସ୍ମରଣୀୟ ରହିବ। ତାଙ୍କ ପରିବାର ଓ ଅସଂଖ୍ୟ ଅନୁରାଗୀଙ୍କୁ ମୋର ଆନ୍ତରିକ ସମବେଦନା ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ହାଡୁଆ ସେଚ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବିଳମ୍ବକୁ ନେଇ ବିଜେଡିର କ୍ଷୋଭ

ଭୁବନେଶ୍ୱର,୧୨।୪(ସମିସ): କଟକ ଜିଲ୍ଲାର ହାଡୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଅହେତୁକ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଛି ବିଜେଡି। ପ୍ରକଳ୍ପକୁ ବିଳମ୍ବ ନକରି ୨୦୨୬ରେ ପାଣି ଦେବାକୁ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଦାବି କରିଛନ୍ତି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଥିଲେ ଯେ ଏହି ପ୍ରକଳ୍ପ ପାଇଁ ୨୦୦୦ ମସିହାରେ ନବୀନ ସରକାର ନିଷ୍ପତି ନେବା ଓ ସୁପାରିସ କରିବା ପରେ ୨୦୦୧ ମାର୍ଚ୍ଚ ମାସରେ କେନ୍ଦ୍ରୀୟ ଜଳ ଆୟୋଗ, ଜଙ୍ଗଲ ପରିବେଶ ୧ମ ପର୍ଯ୍ୟାୟ ମଞ୍ଜୁରୀ, ପୁନର୍ବାସ ପାଇଁ ଜନଜାତି ବିଭାଗର ୨୦୦୪ରେ ମଞ୍ଜୁରୀ, ୨୦୦୭ରେ ଜଙ୍ଗଲ ଓ ପରିବେଶର ୨ୟ ପର୍ଯ୍ୟାୟ ଅନୁମୋଦନ ହାସଲ କରାଯାଇଥିଲା। ଏହି ପ୍ରକଳ୍ପର ଉଦଘୋଷଣ ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନରସିଂହପୁର ଠାରେ କରାଯାଇ ତା'ର କାର୍ଯ୍ୟାଳୟ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଶୁଭାରମ୍ଭ କରାଯାଇଥିଲା।



ଏହାର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଯୋଜନା କମିଶନ, ଯୋଜନା କମିଶନର ସୁପାରିଶ ଭିତ୍ତିରେ ଭାରତରେ ପ୍ରଥମ ଥର ପାଇଁ ମଧ୍ୟମ ସେଚ ପ୍ରକଳ୍ପକୁ ଗ୍ରାମୀଣ ଭିତ୍ତିଭୂମି ପାଣ୍ଠି ନାବାର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ମୂଳତଃ କରାଯାଇଥିବା ପ୍ରୋଜେକ୍ଟ ଡିଜାଇନ, ମୂଳ ବନ୍ଧର ସ୍ଥିତିକୁ ନେଇ ପରିବର୍ତ୍ତିତ

## ନବୀନ ସରକାର କରିଥିଲେ ହାଡୁଆ ସେଚ ପ୍ରକଳ୍ପର ଡ୍ୟାମ୍ ଓ ସ୍ପିଲୱେ ଲୋକାର୍ପଣ

ହେବା ଫଳରେ କଂକ୍ରିଟ ଡ୍ୟାମ ପାଇଁ ବୈଷୟିକ ନିଷ୍ପତି କରାଯାଇଥିଲା। ଆବଶ୍ୟକତା କାରଣରୁ ୨୦୧୫ରେ ନୂତନ ଡିଜାଇନ ୮୭ତମ ବୈଷୟିକ କମିଟି ବୈଠକରେ ଅନୁମୋଦିତ ହୋଇଥିଲା। ୨୦୧୭ରେ ତତ୍କାଳୀନ ପରିବର୍ଦ୍ଧିତ ବିକଳ୍ପ ଆୟକଟ ପାଇଁ ନିଷ୍ପତି ହୋଇ ୨୦୨୦ରେ ରାଜ୍ୟସ୍ତରୀୟ ୧୦୨ତମ ବୈଷୟିକ କମିଟିରେ ଏହା ୬୭୩ କୋଟି ଟଙ୍କାର ସମୁଦାୟ ପ୍ରକଳ୍ପରେ ପହଞ୍ଚି ଅନୁମୋଦିତ ହୋଇଥିଲା। ମୁଖ୍ୟ ଡ୍ୟାମ ସ୍ପିଲୱେ କାମ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇ ୨୦୨୪ରେ ପ୍ରାୟ ଶେଷ ପର୍ଯ୍ୟାୟକୁ ଆସିଥିଲା। ଭୂତଳ ଜଳବାହୀ କେନାଲ ସିଷ୍ଟମ୍ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୨୪ କୋଟି ଟଙ୍କା ମଞ୍ଜୁରୀ ପ୍ରାପ୍ତ ହୋଇଥିଲା। ଡ୍ୟାମ ଓ ମହାକାଳୀ ପୀଠକୁ ଯୋଡିବା ପାଇଁ ପ୍ରକଳ୍ପରୁ ପୂର୍ବରୁ ଦୁଇଟି ପୋଲ ଦିଆଯାଇଥିବା ବେଳେ ୨୦୨୪ରେ ନବୀନ ବାବୁ ବଡମ୍ବା ଜନ ସଭାରେ ଆଭାସୀ ମାଧ୍ୟମରେ ରାସ୍ତା ପାଇଁ ଆଉ ୩୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି ରାସ୍ତା ସମ୍ପୂର୍ଣ୍ଣ ହୋଇଛି। ମାତ୍ର ଏହି ପ୍ରକଳ୍ପର ପରିସରକୁ ଗଲାବର୍ଷ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରଖିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ସଂପୂର୍ଣ୍ଣ ପ୍ରକଳ୍ପକୁ ବିଳମ୍ବିତ ନ କରି କାର୍ଯ୍ୟକାରୀ କରିବା ସହିତ ଭୂତଳ ଜଳବାହୀ କେନାଲର କାର୍ଯ୍ୟକ୍ରମରେ ପୂର୍ବ ପ୍ରକଳ୍ପିତ ଚାଷ ଅଞ୍ଚଳରେ ରବି ଚାଷ ପାଇଁ ଜଳ ଯୋଗାଣ ନିଶ୍ଚିନ୍ତ କରିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି।

# ଆଜିଠୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ, ୧୨।୪ (ସମିସ): ଶେଷ ହୋଇଛି ଚଳନ୍ତି ଏବଂ ବାହାର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି। ସୋମବାରଠାରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି ଆରମ୍ଭ ହେବ। ଏହାକୁ ଯେପରି ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ

## କେବଳ ବାହାର କାଠରୁ ଭକ୍ତ ଦର୍ଶନ କରିବେ

ଗଣତିମଣତି ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଭର୍ଚୁଆଲରେ ଯୋଗ ଦେଇଥିଲେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଆଧାରରେ ହେବ ଗଣତିମଣତି। ଅଧିକୃତ ବ୍ୟକ୍ତିମାନେ ପ୍ରଥମେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରୁ ସମସ୍ତେ ମନ୍ଦିରକୁ ଯିବେ। ଜିଲ୍ଲା ଟ୍ରେଜେରିରୁ ଚାବି ଅଣାଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତିମଣତି କରାଯିବ। ପ୍ରତିଦିନ ଗଣତିମଣତି ଶେଷ ହେବା ପରେ ଜଉମୁଦ ଦିଆଯାଇ ଚାବି ପୁଣି ଟ୍ରେଜେରିକୁ ନିଆଯିବ। ଗଣତି ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ କରାଯିବ। ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବା ସହ ଭକ୍ତମାନେ ସ୍ୱଚ୍ଛନ୍ଦରେ ଦର୍ଶନ କରିପାରିବେ। ଗଣତି ପ୍ରକ୍ରିୟାର ସୁରକ୍ଷା ଦୃଷ୍ଟିରୁ ଭକ୍ତମାନେ କେବଳ ବାହାର କାଠରୁ ଦର୍ଶନ କରିବେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଗଣଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ତେବେ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତିମଣତି ବନ୍ଦ ରହିବ। ଏହାପରେ ୧୬ରୁ ୧୮ ତାରିଖ ଯାଏଁ ଗଣତିମଣତି କରାଯିବ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଭିତର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ବୈଠକ ପରେ ଜିଲ୍ଲାପାଳ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ସବୁ କାର୍ଯ୍ୟ ସୁରୁଖୁରୁରେ ହେବ। ଶ୍ରଦ୍ଧା ଏବଂ ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ କରାଯିବ। ଠାକୁରଙ୍କ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନକୁ ବିଶେଷ ଗୁରୁତ୍ୱ ଦିଆଯିବ। ଟ୍ରେଜେରିରୁ ଚାବି ଆସିବା ପରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି ହେବ।

# ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ କାର୍ଯ୍ୟାଳୟ ଉଦଘାଟିତ



ଭୁବନେଶ୍ୱର,୧୨।୪(ସମିସ): ରବିବାର ଭୁବନେଶ୍ୱରର ସତ୍ୟନଗରରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ନୂତନ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଯାଇଛି। ଓଡ଼ିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ସଦସ୍ୟା ତଥା ମହମ୍ମଦ ମୋକିମଙ୍କ ଧର୍ମପତ୍ନୀ ଫିର୍ଦୋସିଆ ବାନୋ ଫିତା କାଟି କାର୍ଯ୍ୟାଳୟର ଉଦଘାଟନ କରିଥିଲେ। ପାର୍ଟିର ପ୍ରତିଷ୍ଠାତା ସଭାପତି ତଥା ବରିଷ୍ଠ ନେତା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମୋକିମଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ ସମର୍ଥକମାନେ ଉପସ୍ଥିତ ରହିଥିଲେ। ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଦଳର ସାଂଗଠନିକ କାର୍ଯ୍ୟଧାରା ଆହୁରି ସୁଦୃଢ଼ ହେବ ଏବଂ ଏହା ଲୋକଙ୍କ ସମସ୍ୟା ଶୁଣିବା ତଥା ସେବା କରିବାର ଏକ ପ୍ରମୁଖ କେନ୍ଦ୍ର ପାଲଟିବ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୋକିମ ଦଳର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦଳ ନିରନ୍ତର କାର୍ଯ୍ୟ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ପାର୍ଟିର ଉଦଘାଟନୀ ସଭା ଆଗାମୀ ୧୫ ତାରିଖରେ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

ଉଗାଣ୍ଡା ସେନାମୁଖ୍ୟଙ୍କ ଅଦ୍ଭୁତ ଜିଦ୍

# ତୁର୍କୀରୁ ମାଗିଲେ ସବୁଠୁ ସୁନ୍ଦରୀ ମହିଳା, ୯୦୦୦କୋଟି

କାମ୍ପାଲା, ୧୨।୪(ଏଜେନ୍ସି): ଉଗାଣ୍ଡାର ସେନା ମୁଖ୍ୟ ତଥା ରାଷ୍ଟ୍ରପତିଙ୍କ ପୁତ୍ର ଲେଫ୍ଟନାଣ୍ଟ ଜେନେରାଲ ମୁହୁଜି କୈନେରୁଗାବା ପୁଣି ଥରେ ନିଜର ଅଜବ ତଥା ବିବାଦୀୟ ମନ୍ତବ୍ୟ ପାଇଁ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ ସେ ତୁର୍କୀ ସରକାରଙ୍କ ନିକଟରେ ଏକ ଅଜବ ଦାବି ରଖିଛନ୍ତି। ସେ ତୁର୍କୀଠାରୁ ୧ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ୯, ୦୦୦ କୋଟି ଟଙ୍କା ସହିତ ଦେଶର ସବୁଠାରୁ ସୁନ୍ଦରୀ ମହିଳାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। କୈନେରୁଗାବା ଚେତାବନୀ ଦେଇ କହିଛନ୍ତି ଯେ, ଯଦି ୩୦ ଦିନ ମଧ୍ୟରେ ତୁର୍କୀ ତାଙ୍କର ଏହି ଦାବି ପୂରଣ ନକରେ, ତେବେ ଉଗାଣ୍ଡା ତୁର୍କୀ ସହିତ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କରିବ ଏବଂ ତୁର୍କିସ ଏୟାରଲାଇନ୍ସ ଉପରେ କଟକଣା ଲଗାଇବ। ସୋମାଲିଆ ମିଶନର ଦ୍ୱାହି ଦେଇ ସେ କହିଛନ୍ତି ଯେ, ସୋମାଲିଆରେ ଆତଙ୍କବାଦ ବିରୋଧରେ ଉଗାଣ୍ଡା ସେନା ଯୁଦ୍ଧ କରୁଥିବା ବେଳେ ତୁର୍କୀ ସେଠାକାର ଭିତ୍ତିଭୂମି ଓ ବନ୍ଦରରୁ ବ୍ୟବସାୟିକ ଫାଇଦା ଉଠାଉଛି। ତେଣୁ ଏହି କ୍ଷତିପୂରଣ ବାବଦରେ ସେ ୯, ୦୦୦ କୋଟି ଟଙ୍କା ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, କୈନେରୁଗାବା ପୂର୍ବରୁ ମଧ୍ୟ ଏଭଳି ଅନେକ ବିବାଦୀୟ ମନ୍ତବ୍ୟ ଦେଇ ସରକାରଙ୍କୁ ଅଡୁଆରେ ପକାଇଛନ୍ତି। ପୂର୍ବରୁ ସେ ୨୦୨୨ରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ ବିବାହ ବଦଳରେ ୧୦୦ ଗାଈ ଉପହାର ଦେବାକୁ କହିଥିଲେ। ସେହିପରି ସେ କେନିଆର ରାଜଧାନୀ ନାଇରୋବିକୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ଦଖଲ କରିବାକୁ ଧମକ ଦେଇଥିଲେ, ଯେଉଁଥିପାଇଁ ତାଙ୍କ ପିତା ରାଷ୍ଟ୍ରପତି ମୁସେଭେନିଙ୍କୁ କେନିଆ ନିକଟରେ କ୍ଷମା ମାଗିବାକୁ ପଡ଼ିଥିଲା। ସେହିପରି ରୁଷ-ୟୁକ୍ରେନ ଯୁଦ୍ଧରେ ସେ ଖୋଲାଖୋଲି ଭାବେ ଭ୍ଲାଦିମିର ପୁତିନଙ୍କୁ ସମର୍ଥନ ଜଣାଇଥିଲେ। ୫୦ ବର୍ଷୀୟ କୈନେରୁଗାବାଙ୍କୁ ଉଗାଣ୍ଡାର ଭାବି ରାଷ୍ଟ୍ରପତି ବୋଲି ବିବେଚନା କରାଯାଉଥିବା ବେଳେ ତାଙ୍କର ଏଭଳି ଅପରିପକ୍ୱ ଓ ବିସ୍ଫୋରକ ମନ୍ତବ୍ୟ ଦେଶର ଅନ୍ତର୍ଜାତୀୟ ଛବିକୁ କ୍ଷତି ପହଞ୍ଚାଉଛି। ତୁର୍କୀ ସରକାର ଏପର୍ଯ୍ୟନ୍ତ ଏ ନେଇ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ରଖିନାହାନ୍ତି। ଜଣେ ସେନାମୁଖ୍ୟଙ୍କ ଏପରି ଅସ୍ୱାଭାବିକ ଆଚରଣ କୂଟନୈତିକସ୍ତରରେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇସଲାମାବାଦ ଆଲୋଚନା...

ଦେଶର ନୌସେନା ଅବରୋଧ କରିବ। କୌଣସି ଦେଶର ଜାହାଜକୁ ହର୍ମୁଜ ଦେଇ ଯିବାଆସିବାକୁ ଅନୁମତି ଦେବନାହିଁ। ଯେଉଁମାନେ ଇରାନକୁ ହର୍ମୁଜ ଟୋଲ୍ ଦେଉଛନ୍ତି ସେମାନଙ୍କୁ ଆଦୌ ଛଡ଼ାଯିବ ନାହିଁ। ସମୁଦ୍ର ଭିତରେ ମାଇନ୍ସ ବିଛାଇଥିବା କହି ଇରାନ ବଟି ଆଦାୟ କରୁଛି ଏବଂ ଏହା ଗ୍ରହଣଯୋଗ୍ୟ ନୁହେଁ। ସମୁଦ୍ରରେ ଯଦି କୌଣସି ମାଇନ୍ସ ଅଛି, ତାହାକୁ ଆମେରିକାର ନୌସେନା ସଫା କରିଦେବ। ଆମେରିକାର କୌଣସି ଜାହାଜ ଉପରେ ଇରାନ ଆକ୍ରମଣ କଲେ ସେମାନଙ୍କୁ ଧ୍ୱଂସ କରିଦିଆଯିବ। ଆଲୋଚନା ବିଫଳତା ପାଇଁ ଇରାନକୁ ଦାୟୀ କରି ସେ କହିଛନ୍ତି ଯେ ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଇରାନକୁ ପରମାଣୁ ଅସ୍ତ୍ର ତିଆରି କରିବାକୁ ଦିଆଯିବ ନାହିଁ। ସେ କହିଲେ ଯେ ଆକ୍ରମଣରେ ଇରାନର ସାମରିକ ଶକ୍ତି ଧ୍ୱସ୍ତ ହୋଇଯାଇଛି। ଆଉ ଯାହା ବାକି ଅଛି, ତାହାକୁ ମଧ୍ୟ ଆମେରିକା ଧ୍ୱସ୍ତ କରିଦେବ।

ସୂଚନାଯୋଗ୍ୟ ଯେ ଇସଲାମାବାଦରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବା ପଛରେ ପାଞ୍ଚଟି କାରଣ ରହିଛି। ଏଗୁଡ଼ିକ ହେଲା ଇରାନର ପରମାଣୁ କାର୍ଯ୍ୟକ୍ରମ, ହର୍ମୁଜ ଉପରେ ଇରାନର କର୍ତ୍ତୃତ୍ୱ, ଇରାନ ଉପରୁ କଟକଣା ହଟାଇବା, ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ବନ୍ଦ ଏବଂ ଇରାନର ବାଜ୍ୟାପ୍ତ ସଂପତ୍ତିକୁ ହସ୍ତାନ୍ତର କରିବା। ଅନ୍ୟାନ୍ୟ ସର୍ତ୍ତ ଉପରେ କିଛି ପରିମାଣର ବୁଝାମଣା ହୋଇଥିଲେ ମଧ୍ୟ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଅଚଳାବସ୍ଥା ଜାରି ରହିଥିଲା। ଇରାନକୁ ଏହାର ପରମାଣୁ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ଲାଗି ଆମେରିକା ସର୍ତ୍ତ ଆରୋପ କରିଥିବା ବେଳେ ଇରାନ ଏଥିରେ ରାଜି ହୋଇନଥିଲା। ତେବେ ଏହା ଉପରେ ଅଧିକ ଆଲୋଚନା ହେବାର ସମ୍ଭାବନା ରହିଛି। ଉଭୟ ପକ୍ଷ ଏବେ ବି ଆଶାବାଦୀ ଥିବା କହିଛନ୍ତି।

ଆମେରିକା ପକ୍ଷରୁ ଦୁଇଟି ଶକ୍ତିଶାଳୀ ଯୁଦ୍ଧ ଜାହାଜ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରି ସେଠାରେ ଇରାନ ଦ୍ୱାରା ବିଛାଯାଇଥିବା ସାମୁଦ୍ରିକ ବୋମା ବା ମାଇନ୍ସ ନିଷ୍କ୍ରିୟ ପ୍ରକ୍ରିୟା ଆରମ୍ଭ କରିଥିବା ଦାବି କରାଯାଇଥିବା ବେଳେ ଇରାନ ଏହାକୁ ଖଣ୍ଡନ କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡ୍ସ (ଆଇଆରଜିସି) ଆମେରିକାର ଏହି ଦାବିକୁ ଅସ୍ୱୀକାର କରିଛି। ଇରାନ ପକ୍ଷରୁ କୁହାଯାଇଛି ଯେ, ହର୍ମୁଜ ପ୍ରଣାଳୀ ଦେଇ କୌଣସି ଜାହାଜର ଚଳାଚଳ ଇରାନ ସଶସ୍ତ୍ର ବାହିନୀର ଅନୁମତି କ୍ରମେ ହିଁ ହୋଇପାରିବ। ଯଦି ଆମେରିକାର କୌଣସି ସାମରିକ ଜାହାଜ ଏହି ସୀମା ଦେଇ ଅତିକ୍ରମ କରିବାକୁ ଚେଷ୍ଟାକରେ, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇରାନ ଧମକ ଦେଇଛି।

## ଚୀନକୁ ଧମକ...

ସୂଚନା ମିଳିଛି ଯେ, ଚୀନ ତୃତୀୟପକ୍ଷ କିମ୍ବା ଅନ୍ୟ କୌଣସି ଦେଶ ମାଧ୍ୟମରେ ଗୁପ୍ତରେ ଅସ୍ତ୍ର ପଠାଇବାକୁ ଯୋଜନା କରୁଛି। ବିଶେଷ କରି କାନ୍ଧରେ ରଖି ଚଳାଯାଉଥିବା କ୍ଷେପଣାସ୍ତ୍ର (ଏମ୍‌ଏଏନ୍‌ପିଏଡିଏସ୍) ଯୋଗାଇ ଦିଆଯିବାର ସମ୍ଭାବନା ରହିଛି, ଯାହା ଆମେରିକୀୟ ଯୁଦ୍ଧ ବିମାନ ପାଇଁ ବିପଦ ସୃଷ୍ଟି କରିପାରେ। ହ୍ୱାଇଟ୍ ହାଉସ୍‌ରୁ ମିଆମି ଅଭିମୁଖେ ଯିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ଆଗକୁ ଜାରି ରହିବାକୁ ଥିଲେ ମଧ୍ୟ ଏହାର ଅର୍ଥ ନୁହେଁ ଯେ, ଆମେରିକା କୌଣସି ପ୍ରକାର ବାହ୍ୟ ହସ୍ତକ୍ଷେପକୁ ସହ୍ୟ କରିବ। ତେବେ ଚୀନ୍ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ କୌଣସି ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଉ ନଥିବା ସ୍ପଷ୍ଟ କରିଛି। ଟ୍ରମ୍ପଙ୍କ ଏହି ଚେତାବନୀ ଆସନ୍ତା ମାସରେ ତାଙ୍କର ପ୍ରସ୍ତାବିତ ଚୀନ ଗସ୍ତ ଓ ସି ଜିନପିଙ୍ଗ୍‌ଙ୍କ ସହ ହେବାକୁ ଥିବା ଆଲୋଚନା ଉପରେ କଳା ବାଦଲ ସଦୃଶ ଉଭା ହୋଇଛି। ଇରାନ ସହ ଚୁକ୍ତି ହେଉ କି ନହେଉ, ଆମେରିକା ନିଜର ସ୍ଥିତିରେ ସର୍ବଦା ବଜାୟ ରହିବ। ମାତ୍ର ଚୀନର ସମ୍ଭାବ୍ୟ ସାମରିକ ହସ୍ତକ୍ଷେପ ଏହି ବିବାଦକୁ ଏକ ବଡ଼ ଯୁଦ୍ଧ ଆଡ଼କୁ ଠେଲି ଦେଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଓଡ଼ିଆ ପରୀକ୍ଷାର୍ଥୀଙ୍କ...

ସର୍ବାଧିକ ୪ଟି ସହରର ନାମ ଦେଇଥିଲେ। ମାତ୍ର ସେମାନଙ୍କ ପରୀକ୍ଷା କେନ୍ଦ୍ର ନିଜ ପସନ୍ଦର ସହରରେ ହୋଇନାହିଁ। ଏପରିକି ବହୁ ଛାତ୍ରଛାତ୍ରୀଙ୍କ ପରୀକ୍ଷା କେନ୍ଦ୍ର ରାଜ୍ୟ ବାହାରେ ଅର୍ଥାତ୍ ପଶ୍ଚିମବଙ୍ଗ ସମେତ ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଆଦି ରାଜ୍ୟରେ ରହିଛି। ପ୍ରବେଶିକା ନିମନ୍ତେ ଫର୍ମ ପୂରଣ ସମୟରେ ଛାତ୍ରଛାତ୍ରୀମାନଙ୍କୁ ଏକାଧିକ ସହରର ନାମ ଦେବାକୁ ପଡ଼ିଥାଏ। ନିଜ ରାଜ୍ୟର ବିଭିନ୍ନ ସହର ନାମ ଦେବା ପରେ ଛାତ୍ରଛାତ୍ରୀମାନେ ଫର୍ମରେ ଥିବା ଆବଶ୍ୟକତା ଦୃଷ୍ଟିରୁ ଅନ୍ୟ ରାଜ୍ୟର ପରୀକ୍ଷାକେନ୍ଦ୍ର ନାମ ଦେଇଥାଆନ୍ତି। ମାତ୍ର ପ୍ରଥମ ଓ ଦ୍ୱିତୀୟ ପସନ୍ଦ ପରୀକ୍ଷାକେନ୍ଦ୍ରକୁ ବାଦ ଦେଇ ଶେଷଆଡୁ ପିଲାଙ୍କ ପସନ୍ଦର ପରୀକ୍ଷାକେନ୍ଦ୍ରକୁ ପ୍ରାଥମିକତା ଦିଆଯାଇଛି ଓ ଅତ୍ୟନ୍ତ ଖାମଖିଆଲ୍ ଭାବେ ଭୌଗୋଳିକ ସୀମା ସମ୍ପର୍କରେ ଅବଗତ ନ ହୋଇ ଏନ୍‌ଟିଏ ପରୀକ୍ଷା କେନ୍ଦ୍ର ଆଲଟ୍ କରିଥିବା ଅଭିଯୋଗ ହୋଇଛି। ଆସନ୍ତାକାଲି ଅର୍ଥାତ୍ ୧୩ ତାରିଖରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ। ୧୭ ତାରିଖରେ ପରୀକ୍ଷା ହେବ। ଏହି ସ୍ୱଳ୍ପ ସମୟରେ ପରୀକ୍ଷାର୍ଥୀମାନେ ଏତେ ଦୂରକୁ କିପରି ଯିବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟ୍ରେନ୍‌ରେ ଟିକେଟ୍ ମିଳୁ ନ ଥିବାବେଳେ କିଛି ସ୍ଥାନକୁ ବସ୍ ଯୋଗେ ଯିବା ମଧ୍ୟ ସମ୍ଭବପର ହେଉନାହିଁ। ଏଣୁ ପରୀକ୍ଷାରୁ ବଞ୍ଚିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଭୟ ଘାରିଛି। ରାଜ୍ୟରେ ବହୁ ପରୀକ୍ଷା କେନ୍ଦ୍ର ରହିଛି। ଆବେଦନ ସମୟରେ ମଧ୍ୟ ୪ ଟି ସହରକୁ ପ୍ରିଫରେନ୍ସ ଦିଆଯାଇଥିଲା। ମାତ୍ର ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରୁ ବଞ୍ଚିତ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ୍‌ଯନ୍ତ୍ର କରାଯାଇଛି ବୋଲି ଅଭିଭାବକଙ୍କ ଅଭିଯୋଗ ହେଲା, ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତ୍ୱରିତ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ଦାବି ଅଭିଭାବକଙ୍କ ସମେତ ଶିକ୍ଷାବିତମାନେ ଦାବି କରିଛନ୍ତି।

## ପଣା ସଂକ୍ରାନ୍ତିରୁ...

ହେବାକୁ ଥିବାବେଳେ ଏହି ୨ ଜିଲ୍ଲା ପାଇଁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପଟି ଜିଲ୍ଲାରେ ପାଗ ଉଷ୍ମ ଏବଂ ଆର୍ଦ୍ର ରହିପାରେ। ସେହିପରି ୧୬ ତାରିଖରେ ତାତିର ପରିମାଣ ବଢ଼ିବା ସହ ପଶ୍ଚିମ ଓଡ଼ିଶା ବିଶେଷକରି ବରଗଡ଼, ବଲାଙ୍ଗୀର, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ହେବ। ସେଥିପାଇଁ ଉକ୍ତ ୪ ଜିଲ୍ଲାକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ୧୧ଟି ଜିଲ୍ଲାରେ ଜଳବାୟୁ ଉଷ୍ମ ଓ ଆର୍ଦ୍ର ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ପ୍ରଦାନ କରିଛି।

ରବିବାର ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୦.୭ ଡିଗ୍ରୀ ସଲସିୟସ୍ ରେକର୍ଡ କରାଯାଇଛି। ସମ୍ବଲପୁରରେ ତାପମାତ୍ରା ୪୦.୧ ଡିଗ୍ରୀ ରହିଥିବା ବେଳେ ହୀରାକୁଦର ତାପମାତ୍ରା ୪୦ ଡିଗ୍ରୀ ରହିଛି। ଏହାବ୍ୟତୀତ ରାଉରକେଲାରେ ପାରଦ ୩୮.୭ ଡିଗ୍ରୀ, ଚାନ୍ଦବାଲିରେ ୩୮.୨ ଡିଗ୍ରୀ, ଭୁବନେଶ୍ୱରରେ ୩୭.୭ ଡିଗ୍ରୀ ଓ କେନ୍ଦୁଝରରେ ୩୭.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ସମସ୍ୟା ଘେରରେ ପାଟସୁରା ଉନ୍ନୀତ ଉଚ୍ଚବିଦ୍ୟାଳୟ

# ଶିକ୍ଷକ ନାହାନ୍ତି; ଶ୍ରେଣୀଗୃହରେ ତାଲା



● ୫ ବର୍ଷହେବ ଶ୍ରେଣୀଗୃହରେ ପଡ଼ି ରହିଛି କୋଭିଡ୍ ସାମଗ୍ରୀ

➤ ବର୍ଷ ବର୍ଷ ଧରି ପ୍ରଧାନଶିକ୍ଷକ ପଦ ଖାଲି
➤ ୮ଟି ଶ୍ରେଣୀ ପାଇଁ ମାତ୍ର ୩ ଜଣ ଶିକ୍ଷକ

ନିଶ୍ଚିନ୍ତକୋଇଲି,୧୨।୪(ସମିସ): ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ପାଟସୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବେ ଅବହେଳାର ଚରମ ସୀମାରେ ପହଞ୍ଚିଛି। ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ସମେତ ବହୁ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। ଅନ୍ୟପଟେ ଶ୍ରେଣୀ ଗୃହ ଅଭାବ ଥିବା ସତ୍ତ୍ୱେ ଦୁଇଟି କୋଠରି ଦୀର୍ଘ ୫ ବର୍ଷ ହେବ କୋଭିଡ୍ ସାମଗ୍ରୀ ବୋଝେଇ ହୋଇ ତାଲା ପଡ଼ି ରହିବା ଶିକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତାକୁ ପଦାରେ ପକାଇଛି।

୧୯୫୬ ମସିହାରୁ ସ୍ଥାପିତ ଏହି ପୁରାତନ ଶିକ୍ଷାନୁଷ୍ଠାନଟି ୨୦୧୨ ମସିହାରେ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହୋଇଥିଲା। ୨୦୨୪ ମେ ମାସରୁ ପ୍ରଧାନଶିକ୍ଷକ ଅବସର ନେବା ପରେ ଅଦ୍ୟାବଧି ସେହି ପଦ ଖାଲି ପଡ଼ିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀର ପିଲାଙ୍କୁ ପଢ଼ାଇବା ପାଇଁ ମାତ୍ର ୩ ଜଣ ଏଲିମେଣ୍ଟାରୀ ଶିକ୍ଷକ ଅଛନ୍ତି। ହିନ୍ଦୀ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀମାନେ ରାଷ୍ଟ୍ରଭାଷା ପଢ଼ିବାରୁ ବଞ୍ଚିତ ହେଉଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ମଧ୍ୟ ଶୂନ୍ୟ ରହିଛି। ଶିକ୍ଷକ ଅଭାବ ଯୋଗୁଁ ଗତବର୍ଷ ତୁଳନାରେ ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୪୧ରୁ ୧୩୦କୁ ଖସି ଆସିଛି। ବିଦ୍ୟାଳୟର ସବୁଠାରୁ ଆଶ୍ଚର୍ଯ୍ୟଜନକ ସମସ୍ୟା ହେଉଛି ଦୁଇଟି ଶ୍ରେଣୀ ଗୃହର ଅବସ୍ଥା। କରୋନା ସମୟର କୋଭିଡ୍ କେନ୍ଦ୍ରରେ ବ୍ୟବହୃତ ସାମଗ୍ରୀଗୁଡ଼ିକ ଏହି ଦୁଇଟି କୋଠରିରେ ଗଦା ହୋଇ ରହିଛି। ଅଭିଯୋଗ ଅନୁଯାୟୀ, ବ୍ଲକ ପକ୍ଷରୁ କୋଭିଡ୍ କେନ୍ଦ୍ରର ଖର୍ଚ୍ଚ ଅର୍ଥ ନ ପାଇଥିବାରୁ ପୂର୍ବତନ ସରପଞ୍ଚ ଚାବି ନିଜ ପାଖରେ ରଖି ଶ୍ରେଣୀ ଗୃହକୁ ଛାଡ଼ୁନାହାନ୍ତି। ଫଳରେ ୫ ବର୍ଷ ହେବ ପିଲାମାନେ ସେହି କୋଠରି ବ୍ୟବହାର କରିପାରୁନାହାନ୍ତି। ବିଦ୍ୟାଳୟର ଏଭଳି ସଂଘାତିକ ସ୍ଥିତିକୁ ନେଇ ଗ୍ରାମବାସୀ, ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ପ୍ରଧାନଶିକ୍ଷକଙ୍କ ସମେତ ଆବଶ୍ୟକ ପ୍ରାଥମିକ ଶିକ୍ଷକ ନିଯୁକ୍ତି କରିବା ଏବଂ ଶ୍ରେଣୀଗୃହଗୁଡ଼ିକୁ କୋଭିଡ୍ ସାମଗ୍ରୀ ମୁକ୍ତ କରି ଶିକ୍ଷାଦାନ ଉପଯୋଗୀ କରିବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନର ଭବିଷ୍ୟତ ଅନ୍ଧକାରମୟ ହେବା ସୁନିଶ୍ଚିତ।

# ୧୧ କଳାକାରଙ୍କୁ ଲୋକକଳା ସମ୍ମାନ



ନିଶ୍ଚିନ୍ତକୋଇଲି,୧୨।୪(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନର ଦଶମ ଦିନରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଲୋକ ସଂଗୀତ, ଲୋକନୃତ୍ୟ, ଲୋକବାଦ୍ୟ ଓ ପାରମ୍ପରିକ ଶିଳ୍ପ କଳାରେ ଅସାଧାରଣ ଅବଦାନ ରଖିଥିବା ୧୧ ଜଣ ପ୍ରତିଭାଶାଳୀ କଳାକାରଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଲୋକ ସଂଗୀତ କଳାକାର ପଣ୍ଡିତ ବୈକୁଣ୍ଠନାଥ ପରିଡା, ଘୋଡାନାଚରେ ବଲ୍ଲଭ ଚରଣ ବେହେରା, ପାଲାଗାୟକ ଭଗବାନ ନନ୍ଦ, ଚିତ୍ରଶିଳ୍ପୀ ଆଲୋକ ଦାସ, ଖଞ୍ଜଣି ବାଦକ ରବିନ୍ଦ୍ର ଜେନା, ଲଉଡିନୃତ୍ୟରେ କ୍ଷୀରୋଦଚନ୍ଦ୍ର ପରିଡା, ମୂର୍ତ୍ତି ଶିଳ୍ପରେ ଶରତ ମୁଦୁଲି, ପ୍ରସ୍ତର ଶିଳ୍ପରେ କଳ୍ପତରୁ ମହାରଣା, ଚିତ୍ରଶିଳ୍ପୀ ଫଗୁଚରଣ ଦାସ, ସଂକୀର୍ତ୍ତନ ଗାୟକ ବୈଷ୍ଣବ ଚରଣ ନାୟକ ଓ ପଥର ଶିଳ୍ପୀ ଆଲୋକ ଚରଣ ମଲ୍ଲ। ଏହି କଳାକାରମାନଙ୍କର ସୃଜନଶୀଳ ପ୍ରତିଭା ପରମ୍ପରାରେ ଅତୁଟ ସମର୍ପଣ ଓ ଗାରିମାମୟ ବ୍ୟକ୍ତିତ୍ୱ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଗଭୀର ଭାବେ ପ୍ରେରିତ କରିଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଅଲେଖ ଚରଣ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ବହୁ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ଦେବଯାନୀ ସିହ୍ନା ଧନ୍ୟବାଦ ଦେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଭଦ୍ରେଶ୍ୱର,୧୨।୪(ସମିସ): ମାହାଙ୍ଗା ଭଉଁରିଆ ଗ୍ରାମପଞ୍ଚାୟତ ନହଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦାଶରଥୀ ସାହୁଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ବିଚିତ୍ରାନନ୍ଦ ପଣ୍ଡା, ଆଲୁମନି କମିଟିର ସଭାପତି ଅନୀଲ ଜେନା, କମିଟିର ଆବାହକ ନଳିନୀକାନ୍ତ ସାହୁ, ପରିଚାଳନା କମିଟିର ସଭାପତି ମଦନମୋହନ ସ୍ୱାଇଁ, ସଦସ୍ୟ ଗଣେଶ୍ୱର ଜେନା ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ତ୍ରିଲୋଚନ ପଢିଆରୀ, ସିଆରସିସି ବୈଲୋଚନ୍ୟ ବରାଳ,




ପୂର୍ବତନ ସରପଞ୍ଚ ମୂରଲୀଧର ଜେନା, ସାମ୍ବାଦିକ ଧନେଶ୍ୱର ସେଠୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷକଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଆରତି ପତି, ଶ୍ରଦ୍ଧାଞ୍ଜଳି ମିଶ୍ର, ମୋନାଲିସା ସାହୁ, ହେମନ୍ତ ପରିଡା, ପାର୍ଥସାରଥୀ ଦାସ, ଚିନ୍ମୟ ରଞ୍ଜନ ସିଂ, ସଂଯୁକ୍ତା ବେହେରା, ଅନନ୍ତ ବାରିକ, ଜାହେଦ ଅଲ୍ଲୀ, ଚନ୍ଦନ ଦାସ, ଅମରେନ୍ଦ୍ର ବେହେରା, ଅମର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଉମାଶଙ୍କର ନାୟକ ଧନ୍ୟବାଦ ଦେଇଥିଲେ।


# ସିଦ୍ଧି ବିନାୟକଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ



କଟକ,୧୨।୪(ସମିସ): କଟକ ମହାନଗର ନିଗମ ୫୬ ନମ୍ବର ୱାର୍ଡ କାଜିପାଟଣାରେ ସିଦ୍ଧି ବିନାୟକଙ୍କ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୭ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହୋଇଥିଲା। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟକର୍ତ୍ତା ଭାବେ ଜିତେନ୍ଦ୍ର ବେଉରା ଓ ତାଙ୍କ ସହଧର୍ମିଣୀ ପ୍ରଣତୀ ବେଉରା, ମୁଖ୍ୟ ପୂଜକଭାବେ ବ୍ରହ୍ମାନନ୍ଦ ହୋତା ତାଙ୍କ ସହଯୋଗୀ ଦିଲ୍ଲୀପ ପଣ୍ଡା, ସୁକାନ୍ତ ଦାଶ, ପ୍ରଶାନ୍ତ ଶତପଥି, ପ୍ରଶାନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ। ହୃଦାନନ୍ଦ ସ୍ୱାଇଁ, ସୁଲୟ ମହାନ୍ତି, ପ୍ରଭାତ ଦାସ, ନିଲୁ ସ୍ୱାଇଁ, ସୁବାସ ସ୍ୱାଇଁ, ଶିବ ପ୍ରସାଦ ମହାନ୍ତି, ବୈଦ୍ୟନାଥ ସାହୁ, ମହେଶ ମୁଦୁଲି, ଲଲୁ ସ୍ୱାଇଁ, ମନୋଜ ବେଉରା, ଧନୁଜ ବେଉରା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷକ ନେତାଙ୍କ ପରଲୋକ

ଭଦ୍ରେଶ୍ୱର,୧୨।୪(ସମିସ): ମାହାଙ୍ଗା ବ୍ଲକ ଗୋତରା ଗ୍ରାମର ବିଶିଷ୍ଟ ଶିକ୍ଷକ ନେତା ଦେବେନ୍ଦ୍ରନାଥ ବାରିକଙ୍କ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ଗତ କିଛି ଦିନ ହେଲା ସେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଆଜି ତାଙ୍କର ପରଲୋକ ହୋଇଯାଇଛି। ଶ୍ରୀ ବାରିକ ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଓ ଶିକ୍ଷକନେତା ରୂପେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ଶ୍ରୀ ବାରିକ ଗୋତରା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।



# ହରିଅନ୍ତା ପଞ୍ଚାୟତ ବିଜେଡି ସାଂଗଠନିକ ବୈଠକ

ଟାଙ୍ଗୀ,୧୨।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ହରଅନ୍ତା ପଞ୍ଚାୟତ ବ୍ରାହ୍ମଣୀଦେବୀ ମନ୍ଦିର ପରିସରରେ ହରିଅନ୍ତା ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ନରେନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ ଓ ଜୟଶ୍ରୀ ପ୍ରଧାନ, ବ୍ଲକ ସଭାପତି ଧିରେନ୍ଦ୍ର ଜେଠୀ, ସରପଞ୍ଚ ସୋଫିଆ ବିବି, ଗୋଲଖ ମହାନ୍ତି, ଶରତଚନ୍ଦ୍ର ନାୟକ, ସ୍ୱାଧୀନ କିଶୋର ମହାନ୍ତି, ମନୋଜ ପ୍ରତାପ ପ୍ରମୁଖ ପଞ୍ଚାୟତ ବିଜେଡିର ସାଙ୍ଗଠନିକ ଆଲୋଚନା କରିଥିଲେ। ଯୁବ ସଂଗଠକ ଗୋପାଳ ଲେଙ୍କା ସଭା ପରିଚାଳନା କରିଥିବାବେଳେ ସାଗର ନାୟକ, ସଞ୍ଜୟ ଜେନା, ଆକାଶ ରାଉତରାୟ ଓ ବିଶ୍ୱଜିତ ଜେନା ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ବିଜେଡି କର୍ମୀ ଯୋଗଦେଇଥିଲେ।




# ଜିଲ୍ଲାସ୍ତରୀୟ ଜାତୀୟ ନିରାପଦ ମାତୃତ୍ୱ ଦିବସ



ଟାଙ୍ଗୀ,୧୨।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ନିରାପଦ ମାତୃତ୍ୱ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡ଼ ମଧୁସ୍ମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଚିନ୍ତାମଣି ମିଶ୍ର, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା, ଆୟୁଷ ଡାକ୍ତର ଡ. ସସ୍ମିତା ପଣ୍ଡା, ସଂପ୍ରସାରଣ ଅଧିକାରୀ ହରିପ୍ରିୟା ସେନାପତି, ନଖରା ସେକ୍ଟର ସୁପରଭାଇଜର ବିଜୟ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କରଞ୍ଜି ଆରୋଗ୍ୟ କେନ୍ଦ୍ରର ସିଏଚଓ, ମହିଳା ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି ଓ ଆଶାକର୍ମୀ ସହଯୋଗ କରିଥିଲେ। ଗର୍ଭବତୀ ମହିଳାଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ପିଏଚଇଓ ଧନ୍ୟବାଦ ଦେଇଥିଲେ।

## ● ମାଂସ ବୋଝେଇ କଣ୍ଟେନର ଅଟକ ମାମଲା

# ୩୯ ଜଣଙ୍କ ନାମରେ ମାମଲା ରୁଜୁ

ତିଗିରିଆ,୧୨।୪(ସମିସ): ଗତ ୨ ତାରିଖରେ ନରସିଂହପୁର ଅଞ୍ଚଳରୁ ଏକ କଣ୍ଟେନର ନଂ ଓଡି ୦୨ ଡିଡି ୬୩୪୩ରେ କଟା ମାଂସ ବୋଝେଇ ହୋଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ବେଳେ ଗୋ ମାଂସ ଚାଲାଣ ସନ୍ଦେହ କରି ତିଗିରିଆ ଥାନା ବିନ୍ଧାଣିମା ହନୁମାନ ମନ୍ଦିର ସମ୍ମୁଖରେ ସ୍ଥାନୀୟ ଶତାଧିକ ଯୁବକ ଉକ୍ତ କଣ୍ଟେନରକୁ ଭଙ୍ଗାରୁଜା କରି ଓଲଟାଇ ଦେଇଥିଲେ। ଏଥିସହ ଗାଡିର ଚାଳକ ଓ ସହଯୋଗୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତିଗିରିଆ ଥାନା ତତ୍କାଳୀନ ଭାରପ୍ରାପ୍ତ ଥାନାଧିକାରୀ ଇସ୍ପିତା ପ୍ରିୟଦର୍ଶିନୀଙ୍କ ରିପୋର୍ଟ ଆଧାରରେ ତିଗିରିଆ ପୁଲିସ ଏକ ମାମଲା ରୁଜୁ କରି ୩୯ ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୩୦ ଜଣଙ୍କ ଘର ବିନ୍ଧାଣିମା ଅଞ୍ଚଳ ହୋଇଥିବା ବେଳେ ନୂଆପାଟଣାର ୪ଜଣ, ଜେମାଦେଇପୁର ୨, ବାସୁଦେବପୁରର ୨ଜଣ ଓ ଜଣେ ବଡ଼ମ୍ବା ଅଞ୍ଚଳର ହୋଇଥିବା ଜଣାପଡ଼ିଛି।

# ‘ଲୋକକଳା ପାଇଁ ଦିନଟିଏ’ କାର୍ଯ୍ୟକ୍ରମ

ଚୌଦ୍ୱାର,୧୨।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଚୌଦ୍ୱାର ପୌରପାଳିକା ତରଫରୁ ଲୋକକଳା ପାଇଁ ଦିନଟିଏ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ବଜାରସ୍ଥିତ ସତ୍ୟନାରାୟଣ ପୂଜା ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଓ ସାଥୀମାନେ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଆଧାରିତ କଥାବସ୍ତୁ ଉପରେ ପାଲା ପରିବେଷଣ କରିଥିଲେ। ପୌରପରିଷଦ କାଉନସିଲର ବିଜୟ ମଲ୍ଲିକ, ଅଜୟ ବେହେରା, ଆଶୁତୋଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଣି, ତପନ ସାହୁ, ଦେବାଶିଷ ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ଚନ୍ଦନ ଦାସ, ଦୁର୍ଗା ମହାନ୍ତି ପ୍ରମୁଖ ପୌର କର୍ମଚାରୀ ପରିଚାଳନା କରିଥିଲେ।




# ୨୫ ଲିଟର ଦେଶୀ ମଦ ସହ ବାଇକ ଜବତ

ଭଦ୍ରେଶ୍ୱର,୧୨।୪(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ପୁଲିସ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ପୁଲିସ ୨୫ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରିଛି। ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ଗ୍ରାମର ସତ୍ୟନାରାୟଣ ସିଂ ଆଜି ବାଇକ ନଂ ଓଆର ୦୨ ଏଜେଡ ୭୩୪୨ ଯୋଗେ ୨୫ ଲିଟର ଦେଶୀ ମଦ ନେଇ ଭଦ୍ରେଶ୍ୱର ଥାନାଞ୍ଚଳରେ ବିକ୍ରୟ କରିବା ନିମନ୍ତେ ଯାଉଥିଲେ। ଖବର ପାଇ ଭଦ୍ରେଶ୍ୱର ଥାନା ଏଏସଆଇ ଦୁଃଖିଶ୍ୟାମ ସାହୁଙ୍କ ନେତୃତ୍ୱରେ ପୁଲିସ ଝାଡେଶ୍ୱରପୁରଠାରେ ତାଙ୍କର ଗାଡିକୁ ଅଟକାଇ ଏହି ମଦ ଜବତ କରିଥିଲା। ଏହି ଥାନାଞ୍ଚଳରେ ଚୋରାମଦ ଅବାଧରେ ବିକ୍ରୟ କରାଯାଉଥିବା କାରଣରୁ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡୁଛି। ଅବକାରୀ ବିଭାଗ ତରଫରୁ ତୁରନ୍ତ ସ୍ଥାନୀୟ ଅଞ୍ଚଳରେ ଚଢଉ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ଅଙ୍ଗଦାତା ବରଦା ପ୍ରସନ୍ନଙ୍କ ସ୍ମୃତିସଭା

ନିଶ୍ଚିନ୍ତକୋଇଲି,୧୨।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ ଘଣ୍ଟାଳ ଗ୍ରାମର ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବରଦା ପ୍ରସନ୍ନ ଦାସ ତାଙ୍କର ମୁଖ୍ୟ ଅଙ୍ଗଗୁଡିକୁ ଦାନ କରି ଏକ ଉଦାହରଣ ସୃଷ୍ଟି କରିଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କର ସ୍ମୃତିସଭା କରାଯାଉଛି। ତରତସ୍ଥିତ ମା’ ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ଶରତ ଚନ୍ଦ୍ର ଦାଶଙ୍କ ପୌରହିତ୍ୟରେ ଏଥିରେ ଉପସଭାପତି ଅଜୟ ମଲ୍ଲ, ସଂପାଦକ ଧନେଶ୍ୱର ସେଠୀ, ଗୋପୀନାଥ ସିଂ, ମୁରଲୀଧର ବଳ, ଭରତଚନ୍ଦ୍ର ସାହୁ, ମନମୋହନ ଦାସ, ଦିଲ୍ଲୀପ ରଥ, ନିରଞ୍ଜନ ପଣ୍ଡା, ପ୍ରଜ୍ଞାପରମିତା ଦାସ, କବି ବଟକୃଷ୍ଣ ସ୍ୱାଇଁ ଓ କାର୍ତ୍ତିକ ଜେନାଙ୍କ ସମେତ ମଞ୍ଚର ସମସ୍ତ କର୍ମକର୍ତ୍ତା ଯୁବକ ସାମିଲ ହୋଇଥିଲେ।




# ମାଙ୍କଡ଼କୁ ଆକ୍ରମଣ ଅଭିଯୋଗ

ତିଗିରିଆ,୧୨।୪(ସମିସ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତର ଗଡ଼ସାହି ରାମ ମଣ୍ଡପ ପଛପଟେ ଆହତ ହୋଇ ପଡିଥିବା ଗୋଟିଏ ମାଙ୍କଡ଼କୁ ତିଗିରିଆ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ମାଙ୍କଡ଼ର ମୁହଁକୁ କେହି ଦୁର୍ବୃତ୍ତ ଏକ ମୁନିଆ ଅସ୍ତ୍ରରେ ଆକ୍ରମଣ କରିଥିବାର ଜଣାପଡିଛି। ଏଭଳି ଅବସ୍ଥା ଦେଖି ସ୍ଥାନୀୟ ଜନସାଧାରଣ ବନ ବିଭାଗକୁ ସୂଚନା ଦେଇଥିଲେ। ବନପାଳ ପ୍ରଶାନ୍ତ ପରିଡା ଘଟଣାସ୍ଥଳରେ ପହଞ୍ଚି ଆଠଗଡରୁ ଏକ ସ୍ୱତନ୍ତ୍ର ଟିମ ଡକାଇ ମାଙ୍କଡ଼ର ଚିକିତ୍ସା କରାଇଛନ୍ତି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବା ସହ ଘଟଣାର ତଦନ୍ତ କରି ମାଙ୍କଡ଼କୁ ଏଭଳି ଆକ୍ରମଣ କରିଥିବା ବ୍ୟକ୍ତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।



# ଚୋରା ମଦ ଜବତ; ୨ ଗିରଫ

ଚୌଦ୍ୱାର,୧୨।୪(ସମିସ): ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଏହି ଥାନା ଅନ୍ତର୍ଗତ ପଦାଗାଁ ଓ ଗୋଡିପାଟଣା ଅଞ୍ଚଳରେ ଚଢ଼ଉ କରାଯାଇ ୭୫ ଲିଟର ଚୋରା ଦେଶୀମଦ ସହ ମଦ କାରବାରରେ ବ୍ୟବହୃତ ଏକ ସ୍କୁଟି ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଡିପାଟଣାର ସୁକାନ୍ତ ଜେନା ଓ ବିଶ୍ୱନାଥ ସାହୁ। ଅବକାରୀ ଇନସପେକ୍ଟର ମାନସୀ ନାୟକଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନା ଇନସପେକ୍ଟର ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା ଓ ରାଜକୃଷ୍ଣ ବିଶ୍ୱାଳ, ସୁନୀଲ ବଳ, ଗୀତାଞ୍ଜଳି ବେହେରାଙ୍କ ଟିମ୍ ଚଢ଼ଉ କରିଥିଲେ।

# କୃଷକ ନେତାଙ୍କ ପରଲୋକ

ଭଦ୍ରେଶ୍ୱର,୧୨।୪(ସମିସ): ମାହାଙ୍ଗା ବ୍ଲକର ବିଶିଷ୍ଟ କୃଷକ ନେତା ବିଶ୍ୱନାଥ ଜେନାଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଗଭୀର ଶୋକର ଛାୟା ଖେଳିଯାଇଛି। ଶ୍ରୀ ଜେନା ମାହାଙ୍ଗା ବ୍ଲକ ବରାହିପୁର ଗ୍ରାମପଞ୍ଚାୟତ ଦେବରିଓ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମାହାଙ୍ଗାର ପ୍ରାକ୍ତନ ବିଧାୟକ ତଥା ବିଜେଡି ନେତା ସ୍ୱର୍ଗତ ବିକ୍ରମ ବର୍ମାଙ୍କର ଏକାନ୍ତ ଅନୁଗତ ରୂପେ ଶ୍ରୀ ଜେନା ପରିଚିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରାରେ ଦାହ କରାଯାଇଥିଲା। ତାଙ୍କର ପୁତ୍ର ମୁଖାଗ୍ନି ଦେଇଥିଲେ। ମାହାଙ୍ଗାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।



## ବେଲଗାମ୍ ବେସରକାରୀ ସ୍କୁଲ

# ଶିକ୍ଷା ନାଁରେ ଆର୍ଥିକ ଶୋଷଣ, ନାକେଦମ୍ ଅଭିଭାବକ

ସାଲେପୁର,୧୨।୪(ସମିସ): ସାଲେପୁର ଅଞ୍ଚଳରେ ବେସରକାରୀ ସ୍କୁଲଗୁଡ଼ିକର ମନମାନୀ ଏବେ ସବୁ ସୀମା ଅତିକ୍ରମ କରିଛି। ନୂଆ ଶିକ୍ଷା ବର୍ଷ ଆରମ୍ଭ ହେବା ମାତ୍ରେ ଅଭିଭାବକମାନଙ୍କୁ ବିଭିନ୍ନ ବାହାନାରେ ଆର୍ଥିକ ଶୋଷଣ କରାଯାଉଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସୁଛି। ସ୍କୁଲ ଫି’ ବୃଦ୍ଧିଠାରୁ ଆରମ୍ଭ କରି ବହି, ୟୁନିଫର୍ମ ଏବଂ ନାମଲେଖା ଦେୟ ପର୍ଯ୍ୟନ୍ତ ସବୁଥିରେ ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ଲଦି ଦିଆଯାଉଛି, ଯାହା ସାଧାରଣ ଲୋକଙ୍କ ପାଇଁ ଶିକ୍ଷାକୁ ଦୁର୍ଲଭ କରିଦେଇଛି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, କୌଣସି ସରକାରୀ ନିୟମକୁ ନ ମାନି ଅନେକ ସ୍କୁଲ ପ୍ରତିବର୍ଷ ଶତକଡ଼ା ୧୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଫି’ ବୃଦ୍ଧି କରୁଛନ୍ତି। ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅନେକ ସ୍କୁଲ ୧୧ ହଜାରରୁ ଅଧିକ ଟଙ୍କା ଆଦାୟ କରୁଥିବା ବେଳେ, ମାତ୍ର ୪ରୁ ୫ ଖଣ୍ଡ ବହି ପାଇଁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦେବାକୁ ପଡୁଛି। ଏହାସହ ମାସିକ ଦେୟ ମଧ୍ୟ ହଜାରେ ଟଙ୍କାରୁ ଅଧିକ ରହୁଛି। ଉଚ୍ଚ ଶ୍ରେଣୀର ପିଲାମାନଙ୍କ କ୍ଷେତ୍ରରେ ଏହି ଅଙ୍କ ଆହୁରି ଅଧିକ ହେଉଥିବାରୁ ଅଭିଭାବକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିୟମ ଅନୁଯାୟୀ, ଶିକ୍ଷା ଅଧିକାର ଆଇନ ଅନ୍ତର୍ଗତ ୨୫ ପ୍ରତିଶତ ସିଟ୍ ଗରିବ ଓ ମେଧାବୀ ପିଲାଙ୍କ ପାଇଁ ସଂରକ୍ଷିତ ରଖିବା କଥା। ମାତ୍ର ସାଲେପୁରର ଅନେକ ସ୍କୁଲ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଯଦିଓ ସରକାର ଏଥିପାଇଁ ହେଲ୍ପଲାଇନ ନମ୍ବର (୧୮୦୦-୩୪୫୬-୭୨୨) ଜାରି କରିଛନ୍ତି, ତଥାପି ଏହାର ସଠିକ୍ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ସ୍କୁଲର ଶୈକ୍ଷିକ ପରିବେଶ ଏବଂ ଶିକ୍ଷକଙ୍କ ଯୋଗ୍ୟତା ଉପରେ ଯାଞ୍ଚ ହେଲେ ଅନେକ ସଂସ୍ଥାର ବୈଧତା ଉପରେ ପ୍ରଶ୍ନ ଉଠିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କର ବେସରକାରୀ ସ୍କୁଲ ଫି’ ଉପରେ କୌଣସି ପ୍ରତ୍ୟକ୍ଷ ନିୟନ୍ତ୍ରଣ ନ ଥିବାରୁ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଶିକ୍ଷାକୁ ବ୍ୟବସାୟରେ ପରିଣତ କରିଛନ୍ତି। ଏହି ମନମାନୀ ଉପରେ ଲଗାମ ଲଗାଇବା ପାଇଁ ଏକ ସ୍ୱତନ୍ତ୍ର ‘ଫି’ ରେଗୁଲେଟୋରୀ କମିଟି’ ଗଠନ କରିବାକୁ ଅଭିଭାବକମାନେ ଜୋରଦାର ଦାବି କରିଛନ୍ତି। ଯଦି ଶିକ୍ଷା ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦିଏ, ତେବେ ଆଗାମୀ ଦିନରେ ଏହି ଶୋଷଣ ଆହୁରି ଭୟଙ୍କର ରୂପ ଧାରଣ କରିବ।

➤ ସାଲେପୁରରେ ଘରୋଇ ସ୍କୁଲର ମନମାନୀ ଚରମ ସୀମାରେ
➤ ବହି ଓ ୟୁନିଫର୍ମରେ ମୋଟା ଅଙ୍କର ମୁନାଫା
➤ ବାର୍ଷିକ ୧୦ରୁ ୩୦ ପ୍ରତିଶତ ବଢୁଛି ଫି’
➤ ଫି’ ରେଗୁଲେଟୋରୀ କମିଟି’ ଗଠନ ପାଇଁ ଦାବି

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୬୭ ● ପାଉଣ୍ଡ ୧୨୪.୩୯
- ୟୁରୋ ୧୦୮.୩୬ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୧୦୦ (ଭୁବନେଶ୍ୱର)
- ରୁପା: ୨,୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୫୦.୦୦
- ନିଫ୍ଟି ୨୪,୦୫୦.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ତେଲ ଦର ବୃଦ୍ଧି ଭୟରେ ବଢ଼ିଲା ଇଭି ବିକ୍ରି

## ଯୁଦ୍ଧ ଯୋଗୁଁ ଲକ୍‌ଜୁରୀ କାରକୁ ନା ■ ୨୦୨୫-୨୬ରେ ବିକ୍ରିହେଲା ୪୭ ଲକ୍ଷ କାର

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ଅଟୋମୋବାଇଲ ବଜାରରେ ମଧ୍ୟ ଦେଖିବାକୁ ମିଳିଛି ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ। ଯୁଦ୍ଧ ଯୋଗୁ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଆଶଙ୍କା ଗ୍ରାହକଙ୍କ ମନ ପରିବର୍ତ୍ତନ କରିଛି। ଭାରତରେ ଇଭି ସେଗମେଣ୍ଟର ବିକ୍ରି ଏଥର ଜବରଦସ୍ତ ରହିଛି। ପଶ୍ଚିମ ଏସିଆ ସଙ୍କଟ କ୍ରେତାଙ୍କ ଭାବନାକୁ ପ୍ରଭାବିତ କରିଛି, ଯାହା ଫଳରେ ସେମାନେ ଦାମୀ କାର କ୍ରୟ ସ୍ଥଗିତ ରଖିଛନ୍ତି। ହେଲେ ଇରାନ୍ ଯୁଦ୍ଧରେ ତେଲ ଦର ବୃଦ୍ଧି ଭୟରେ ଗ୍ରାହକମାନେ ଇଲେକ୍ଟ୍ରିକ୍ ଯାନ (ଇଭି) ଆଡକୁ ମୁହାଁଇଛନ୍ତି। ଯାହାଫଳରେ ଇଭି ସେଗମେଣ୍ଟରେ ବିକ୍ରି ୨୦୨୫-୨୬ ଆର୍ଥିକବର୍ଷରେ ୮୪% ବୃଦ୍ଧି ହୋଇଛି। ଅପରପକ୍ଷେ ଏହି ଉତ୍ତେଜନାରେ ଯୋଗୁ ବିଳାସପୂର୍ଣ୍ଣ ବା ଲକ୍‌ଜୁରୀ କାର କିଣୁନାହାନ୍ତି ଗ୍ରାହକ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛିଳ ୨୦୨୫-୨୬ ଆର୍ଥିକବର୍ଷ। ଗତ ଆର୍ଥିକବର୍ଷରେ ଯେତେ



ବି କାର୍ ବିକ୍ରି ହୋଇଛି ତା'ର ମାତ୍ର ୧% ହେଉଛି ଲକ୍‌ଜୁରୀ କାର। ୨୦୨୫-୨୬ ଆର୍ଥିକବର୍ଷରେ ଭାରତରେ କାର୍ ବିକ୍ରି ୧୩% ବୃଦ୍ଧି ପାଇ ୪୭ ଲକ୍ଷରେ ପହଞ୍ଚିଛି, ଯାହା ଏକ ରେକର୍ଡ।

ପଶ୍ଚିମ ଏସିଆରେ ଏମିତିକି ସରକାର ସବ୍‌ସିଡି ଦେବା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ସତ୍ତ୍ୱେ ଇଭି ବିକ୍ରି ସେତେଟା ବଢୁ ନ ଥିଲା। ହେଲେ ପଶ୍ଚିମ ଏସିଆ ଯୁଦ୍ଧ କ୍ରେତାଙ୍କ ମନ ପରିବର୍ତ୍ତନ କରିବାରେ ସଫଳ ହୋଇଛି। ଆର୍ଥିକ ବର୍ଷ ୨୦୨୬ରେ ଇଭି ବିକ୍ରି ୨୦ ଲକ୍ଷ ୟୁନିଟ ଅତିକ୍ରମ କରିଛି। ଦୁଇ ଚକିଆ,ତିନି ଚକିଆ ଓ ଇ-କାରର ଅଧିକ ଉତ୍ପାଦନ ଇଭି ବିକ୍ରି ବୃଦ୍ଧିରେ ସହାୟକ ହୋଇଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ନୂଆ ଆକର୍ଷଣୀୟ ମଡେଲ ଏବଂ ମୂଲ୍ୟ ହ୍ରାସ ଇଭି ବିକ୍ରିକୁ ବଳ ଦେଇଛି। ଏ ନେଇ ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା) କହିଛି ଯେ ଆର୍ଥିକବର୍ଷ ୨୦୨୬ରେ ମୋଟ ଇଭି ବିକ୍ରି ପ୍ରାୟ ୨ ଲକ୍ଷ ୟୁନିଟ୍ ଛୁଇଁଛି, ଯାହା ଆର୍ଥିକ ବର୍ଷ ୨୦୨୫ରେ ପ୍ରାୟ ୧.୧ ଲକ୍ଷ ୟୁନିଟ୍ ବିକ୍ରି ରହିଥିଲା। ବାଣିଜ୍ୟିକ ଯାନବାହନରେ ଇଭି ବିକ୍ରି ୧୯,୪୫୪ ୟୁନିଟ୍ ବଢ଼ିଛି। ୨୦୨୫ରେ ଏହା ୮,୮୨୦ ୟୁନିଟ ଥିଲା। ସେହି ତୁଳନାରେ ଏଥିରେ ୧୨୧%ବୃଦ୍ଧି ହୋଇଛି। ଜାନୁଆରୀ-ମାର୍ଚ୍ଚରେ ବିଏମ୍‌ଡବ୍ଲ୍ୟୁର ଇଲେକ୍ଟ୍ରିକ୍ କାର୍ ବିକ୍ରିରେ ୮୩% ବୃଦ୍ଧି ପାଇ ୧୧୮୫ ରେ ପହଞ୍ଚିଛି ଏବଂ ଇଭି ବର୍ତ୍ତମାନ କମ୍ପାନୀର ମୋଟ ବିକ୍ରିର ୨୬%। ୧.୪ କୋଟିରୁ ଅଧିକ ଟଙ୍କା ମୂଲ୍ୟର ମର୍ସିଡିଜ୍ ଇଲେକ୍ଟ୍ରିକ୍ କାର୍ ଚାହିଦା ମଧ୍ୟ ୮୫% ବୃଦ୍ଧି ପାଇଛି। ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆର ସଭାପତି ହରଦୀପ ସିଂହ ବ୍ରାରଙ୍କ ଅନୁଯାୟୀ,ପଶ୍ଚିମ ଏସିଆରେ ଉତ୍ତେଜନା ଗ୍ରାହକଙ୍କ ଭାବନାକୁ ପ୍ରଭାବିତ କରିଛି, ଯାହା ଫଳରେ ସେମାନେ ବିଳାସୟ କାର୍ କ୍ରୟରେ ପଛଘୁଞ୍ଚା ଦେଉଛନ୍ତି। ମର୍ସିଡିଜ୍-ବେଞ୍ଜ୍ ଇଣ୍ଡିଆର ଏମ୍‌ଡି ଏବଂ ସିଇଓ ସନ୍ତୋଷ ଆୟର କହିଛନ୍ତି ଯେ ବିଶ୍ୱ ପରିସ୍ଥିତି ଯୋଗୁ ଚଳିତବର୍ଷ ଲକ୍‌ଜୁ୍ୟରୀ କାର ବଜାର ସ୍ଥିର ରହିପାରେ। ତଥାପି,ମର୍ସିଡିଜ୍-ବେଞ୍ଜ୍ ଇଣ୍ଡିଆ ୨୦୨୫-୨୬ ଆର୍ଥିକ ବର୍ଷରେ ୧୯,୩୬୩ ୟୁନିଟ୍ ବିକ୍ରି କରିଥିଲା,ଯାହା ଗୋଟିଏ ଆର୍ଥିକ ବର୍ଷରେ ଏହାର ସର୍ବାଧିକ ପ୍ରଦର୍ଶନ ରହିଛି। ପୂର୍ବ ବର୍ଷ ୧୮,୯୨୮ ୟୁନିଟ୍ ବିକ୍ରି ହୋଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ଇରାନ୍‌ରେ ଇଣ୍ଟରନେଟ୍ ବ୍ଲାକ୍ ଆଉଟ୍

# ୪୪ଦିନ ଧରି ବିଶ୍ୱରୁ ବିଚ୍ଛିନ୍ନ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ଆମେରିକା ଓ ଇସ୍ରାଏଲ୍ ସହ ଯୁଦ୍ଧରେ ଇରାନ୍‌ର ସବୁ କ୍ଷେତ୍ରର ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇଯାଇଛି। ଏଥିରେ ଇରାନରେ ଇଣ୍ଟରନେଟ୍ ବ୍ଲାକ୍ ଆଉଟ୍‌କୁ ୪୪ ଦିନ ପୁରିଛି। ଏହାକୁ ଏବେ ବିଶ୍ୱର ସବୁଠୁ ଦୀର୍ଘତମ ଇଣ୍ଟରନେଟ୍ ବ୍ଲାକ୍ ଆଉଟ୍ କୁହାଯାଉଛି। ଏହି ମାମଲାରେ ଇରାନ ଏବେ ସୁଦାନର ରେକର୍ଡ ଭାଙ୍ଗିଛି। ୨୦୧୯ରେ ସୁଦାନରେ ୩୭ ଦିନ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ଥିଲା। ଇଣ୍ଟରନେଟ୍ ମନିଟରିଂ ସଂସ୍ଥା 'ନେଟ୍ ବ୍ଲକସ୍' ତଥ୍ୟ ଅନୁସାରେ ଏହା କୌଣସି ଦେଶ ଲାଗି ସବୁଠୁ ଦୀର୍ଘ ରାଷ୍ଟ୍ରବ୍ୟାପୀ ଇଣ୍ଟରନେଟ୍ ସଟ୍‌ଡାଉନ୍ କୁହାଯାଉଛି। ଗତ ୪୪ ଦିନ ଅର୍ଥାତ ୧୦୫୬ ଘଣ୍ଟାରୁ ଅଧିକ ସମୟ ଧରି ଇଣ୍ଟରନେଟ୍ ବନ୍ଦ ପଡିଛି। ଫଳରେ ୯୩ ନିୟୁତ ଲୋକେ ବିଶ୍ୱରୁ ବିଚ୍ଛିନ୍ନ ହୋଇପଡିଛନ୍ତି।

ଏକ୍ସରେ ତଥ୍ୟ ସେୟାର କରିଛି ନେଟ୍ ବ୍ଲକ୍‌ସ କହିଛି ଯେ ନେଟୱାର୍କ ଡାଟାରୁ ଯାହା ଜଣାପଡେ ଇରାନରେ ଇଣ୍ଟରନେଟ୍ ବ୍ଲାକଆଉଟ୍ ଏବେ ୪୪ତମ ଦିନରେ ପହଞ୍ଚିଛି ଓ ଏହା ସପ୍ତମ ସପ୍ତାହରେ ୧୦୩୨ ଘଣ୍ଟାର ସମୟ ପାର କରି ଲାଗାତାର ଜାରି ରହିଛି। ସେନସରସିପ୍‌ର ଏହି ସମୟରେ ମାନବୀୟ ଓ ଆର୍ଥିକ ପ୍ରଭାବ ଲଗାତାର ବଢିବାରେ ଲାଗିଛି। ଜଣେ ଜଣକ ସହ ବାନ୍ଧି ହୋଇ ରହୁଥିବା ସମାଜରେ ଇଣ୍ଟରନେଟ୍ ସଟଡାଉନ ମାମଲାରେ ଏହା ବିଶ୍ୱ ରେକର୍ଡ ଭାଙ୍ଗୁଛି। ଇସ୍ରାଏଲ ଓ ଆମେରିକା ସହିତ ଯୁଦ୍ଧ ଆରମ୍ଭ ହେବା ପରେ ଇରାନ ବୈଶ୍ୱିକ ଇଣ୍ଟରନେଟ୍ କନେକ୍ଟିଭିଟିରୁ ନିଜକୁ ପୃଥକ

**ଭାଙ୍ଗିଲା ସୁଦାନର ୩୭ ଦିନର ରେକର୍ଡ**

କରି ନେଇଥିଲା। ତେବେ ଇରାନର ନ୍ୟାସନାଲ ନେଟୱାର୍କ ଜାରି ରହିଛି। ଇରାନ ଏହି ନିଷ୍ପତ୍ତି ସୁରକ୍ଷା ଚିନ୍ତା କାରଣରୁ ନେଇଛି। ଇରାନ ଇଣ୍ଟରନେଟ୍ ପାଇଁ ସାଟେଲାଇଟ୍ ସଂଯୋଗ ଓ ଭିପିଏନ ଉପରେ ମଧ୍ୟ କଟକଣା ଲଗାଇଛି। ୧୪ ଦିନ ପାଇଁ ଯୁଦ୍ଧ ବିରତି ଘୋଷଣା ପରେ ଇରାନ ଓ ଆମେରିକା ଶାନ୍ତିବାର୍ତ୍ତା ନିମନ୍ତେ ଇସ୍‌ଲାମାବାଦରେ ବୈଠକ କରିଥିଲେ। ହେଲେ ଏହି ବାର୍ତ୍ତା ବିଫଳ ହୋଇଛି। ଏଥିପାଇଁ ଇରାନ ଆମେରିକାକୁ ଦାୟୀ କରିଛି।

# ବଢୁଛି ଧନୀ-ଗରିବ ଦେଶ ଅସମାନତା

## ସଙ୍କଟରେ ବିଶ୍ୱ ଅର୍ଥନୀତି; କମୁଛି ଆର୍ଥିକ ସହାୟତା

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ସମ୍ପ୍ରତି ସାରା ଦୁନିଆରେ ଥିଲା ବାଲା ଆଲ ନ ଥିଲା ବାଲାଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବାରେ ଲାଗିଛି। କାରଣ ବିଶ୍ୱରେ ଲୋକଙ୍କ ମଧ୍ୟରେ ଆୟ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ଜନସଂଖ୍ୟାର ୭୦% ରୁ ଅଧିକ ଲୋକଙ୍କ ମଧ୍ୟରେ ଆୟ ଅସମାନତା ବୃଦ୍ଧି ପାଉଛି, ଯାହା ସାମାଜିକ ବିକାଶକୁ ବାଧା ଦେଉଛି। ବିଶ୍ୱ ସାମାଜିକ ରିପୋର୍ଟ ଅନୁଯାୟୀ, ବିକଶିତ ଏବଂ ବିକାଶଶୀଳ ଉଭୟ ଦେଶରେ ସମ୍ପତ୍ତି, ଲିଙ୍ଗ ଏବଂ ସୁଯୋଗର ବ୍ୟବଧାନ ବୃଦ୍ଧି ପାଉଛି, ଯାହା ଫଳରେ ଚାକିରି ଅସୁରକ୍ଷା ଏବଂ ସାମାଜିକ ଅଶାନ୍ତି ବୃଦ୍ଧି ପାଉଛି। ଜାତିସଂଘର ସଦ୍ୟତମ ରିପୋର୍ଟରେ ବିଶ୍ୱ ଅର୍ଥନୀତିକୁ ନେଇ ଗମ୍ଭୀର ଚେତାବନୀ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଧନୀ ଏବଂ ଗରିବ ଦେଶମାନଙ୍କ ମଧ୍ୟରେ ଅସମାନତା ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଏହା ପଛରେ ତିନୋଟି ପ୍ରମୁଖ କାରଣ ହେଉଛି ଆର୍ଥିକ ସହାୟତାରେ ହ୍ରାସ, ବୃଦ୍ଧି ପାଉଥିବା ଶୁଳ୍କ ଏବଂ ବିଶ୍ୱ ଉତ୍ତେଜନା।

ରିପୋର୍ଟରେ କୁହାଯାଇଛି ଯେ ୨୦୨୫ରେ ୨୫ଟି ଦେଶ ଗରିବ ଦେଶମାନଙ୍କୁ ପ୍ରଦାନ କରିଥିବା ସହାୟତାରେ ହ୍ରାସ ଘଟାଇଛନ୍ତି। ଯାହା ଫଳରେ ମୋଟ ସହାୟତା ପ୍ରଦାନରେ ୨୩ ପ୍ରତିଶତ ହ୍ରାସ ଘଟିଥିଲା। ଗରିବ ରାଷ୍ଟ୍ରଗୁଡିକୁ ଏହା ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ହ୍ରାସ। ଏଥିରେ ସବୁଠାରୁ ବଡ଼ ପ୍ରଭାବ ଥିଲା ଆମେରିକାରୁ ଗରିବ ଦେଶଗୁଡିକୁ ସହାୟତାରେ ହ୍ରାସ, ଯାହା ସିଧାସଳଖ ଦୁର୍ବଳ ଅର୍ଥନୀତି ଉପରେ ଚାପ ବୃଦ୍ଧି କରିଥିଲା। ସହାୟତା ରାଶି ପ୍ରଦାନରେ ଆଉ ଏକ ପ୍ରମୁଖ କାରଣ ହେଉଛି ଶୁଳ୍କ ବୃଦ୍ଧି। ଗରିବ ଦେଶମାନଙ୍କ ଉପରେ ହାରାହାରି ଶୁଳ୍କ ୯ ରୁ ୨୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯେତେବେଳେ କି ଅନ୍ୟ ବିକାଶଶୀଳ ଦେଶମାନଙ୍କ



ପାଇଁ ଏହା ୧୯ ପ୍ରତିଶତକୁ ବୃଦ୍ଧି ହୋଇଛି। ଏହା ଗରିବ ରାଷ୍ଟ୍ରଗୁଡିକର ରପ୍ତାନିକୁ ପ୍ରଭାବିତ କରିଛି ଏବଂ ଆର୍ଥିକ ଅଭିବୃଦ୍ଧିକୁ ମନ୍ଥର କରିଛି। ଏହା ବ୍ୟତୀତ, ଇରାନ ସହିତ ଜଡିତ ଉତ୍ତେଜନା ସମେତ ବଢୁଥିବା ବିଶ୍ୱ ସଂଘର୍ଷ ଏହି ପରିସ୍ଥିତିକୁ ଆହୁରି ଖରାପ କରିଛି। ଆଇଏମ୍‌ଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ମଧ୍ୟ ସ୍ୱୀକାର କରିଛନ୍ତି ଯେ ବିଶ୍ୱ ଅଭିବୃଦ୍ଧି ଆଶା ଦୁର୍ବଳ ହୋଇଯାଇଛି।

**ମୋର୍ଗାନ ଷ୍ଟାନ୍‌ଲି ରିପୋର୍ଟ**

## ଶାନ୍ତି ଆଲୋଚନା ବିଫଳ ଭାରତୀୟ ଅର୍ଥନୀତିକୁ ଦେବ ଝଟ୍‌କା

# ୬.୨%କୁ ଖସିବ ଜିଡିପି ଅଭିବୃଦ୍ଧି

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଚୁକ୍ତି ବିଫଳ ହୋଇଛି। ଦୁଇ ସପ୍ତାହର ଅସ୍ତ୍ରବିରତିର ଭବିଷ୍ୟତ ଏବେ ଅନିଶ୍ଚିତତାରେ ଅଛି। ଆଲୋଚନା ବିଫଳ ହେବା ପାଇଁ ଉଭୟ ପକ୍ଷ ପରସ୍ପରକୁ ଦୋଷ ଦେବାକୁ ଚେଷ୍ଟା କରୁଛନ୍ତି। ଏହି ସମୟରେ ବିଶ୍ୱର ରେଟିଂ ଏଜେନ୍ସି ମୋର୍ଗାନ ଷ୍ଟାନଲିର ଏକ ରିପୋର୍ଟ ଭାରତ ପାଇଁ ନକରାତ୍ମକ ସଙ୍କେତ ଦେଇଛି। ଏହା ଅନୁଯାୟୀ, ଭାରତର ତୃଣମୂଳ ସ୍ତରର ଅର୍ଥନୈତିକ ଦୃଷ୍ଟିକୋଣ ଅଧିକ ସତର୍କ ହେବାରେ ଲାଗିଛି। ଭୂ-ରାଜନୈତିକ ଉତ୍ତେଜନା ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱ ଶକ୍ତି ଆଘାତ ତୈଳ ମୂଲ୍ୟ ବୃଦ୍ଧି କରି ଯୋଗାଣ ଶୃଙ୍ଖଳକୁ କଡ଼ାକଡ଼ି କରିଛି। ଏଭଳି ସ୍ଥିତି ଦେଶର ବାହ୍ୟ ସନ୍ତୁଳନ ଉପରେ ଚାପ ପକାଇଛି।

ଏଜେନ୍ସି ରିପୋର୍ଟ ଅନୁଯାୟୀ, ଏବେ ଆଶା କରୁଛି ଯେ ୨୦୨୬-୨୭ ଆର୍ଥିକବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୨% କୁ ହ୍ରାସ ପାଇବ। ଏହା ପୂର୍ବ ଆକଳନ ଅପେକ୍ଷା କମ୍। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି, ଚାହିଦା ହ୍ରାସ ଏବଂ ଆର୍ଥିକ ପରିସ୍ଥିତି କଠିନ ହେବ। ମଧ୍ୟ ପ୍ରାଚ୍ୟ ସଙ୍କଟର




**ତୈଳ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ବଢ଼ାଇ ବଜାର ଚାହିଦା କମାଇବ**

ପ୍ରଭାବ ସମଗ୍ର ଅର୍ଥନୀତି ଉପରେ ଅନୁଭୂତ ହେଉଛି। ଦେଶର ଶିଳ୍ପ କାର୍ଯ୍ୟକଳାପ ମନ୍ଥର ହେବାର ଆଶଙ୍କା କରାଯାଉଛି। ଏମିତିକି ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ କର୍ପୋରେଟ୍ ମାର୍ଜିନ୍ ଉପରେ ଚାପ ପକାଇବାର ସମ୍ଭାବନା ରହିଛି। ଏଥିଯୋଗୁ ଭାରତର ବାହ୍ୟ ଆର୍ଥିକ ସ୍ଥିତି କଠିନ ହୋଇପାରେ। ଜୁନ୍ ତ୍ରୈମାସିକରେ ଅଭିବୃଦ୍ଧି ସର୍ବନିମ୍ନ ୫.୯% ରେ ପହଞ୍ଚିବ ବୋଲି ଏଜେନ୍ସି ଆକଳନ କରିଛି।

ଉଚ୍ଚ ତୈଳ ଦର ଯୋଗୁ ମୁଦ୍ରାସ୍ଫୀତି ଉପରେ ଚାପ ମଧ୍ୟ ବୃଦ୍ଧି ପାଉଛି। ୨୦୨୬-୨୭ ଆର୍ଥିକବର୍ଷରେ ଉପଭୋକ୍ତା ମୂଲ୍ୟ ସୂଚନୀ ଭିତ୍ତିକ ମୁଦ୍ରାସ୍ଫୀତି ୫.୧% କୁ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଏହା ମୁଖ୍ୟତଃ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ମୁଦ୍ରା ଦୁର୍ବଳତା ଏବଂ ଖାଦ୍ୟ ସମେତ ମୁଖ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ହୋଇଛି। ଲଜିଷ୍ଟିକ୍ସ ଏବଂ ଉତ୍ପାଦନ ଖର୍ଚ୍ଚ ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଭାବ ମୁଦ୍ରାସ୍ଫୀତି ପ୍ରଭାବକୁ ଆହୁରି ବ୍ୟାପକ କରିବାର ସମ୍ଭାବନା ରହିଛି। ବାହ୍ୟ କ୍ଷେତ୍ରରେ, ଚଳନ୍ତି ଆକାଉଣ୍ଟ ନିଅଣ୍ଟ (କ୍ୟାଡ୍) ଜିଡିପି ର ପ୍ରାୟ ୨.୫% କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି, ଯାହା ପୂର୍ବରୁ ପ୍ରାୟ ୧% ଥିଲା। ଏହା ମୁଖ୍ୟତଃ ବର୍ଦ୍ଧିତ ତୈଳ ଆମଦାନୀ ବିଲ୍ ଯୋଗୁଁ ହୋଇପାରେ। ଅସମାନ ପୁଞ୍ଜି ପ୍ରବାହ ଯୋଗୁଁ ପେମେଣ୍ଟ ସନ୍ତୁଳନ (ବିଓପି) ଲଗାତାର ତୃତୀୟ ବର୍ଷ ପାଇଁ ନିଅଣ୍ଟରେ ରହିବ ବୋଲି ଆଶା କରାଯାଉଛି। ଏହା ଟଙ୍କା ଉପରେ ଚାପ ବୃଦ୍ଧି କରିବ।

ତୈଳ ଦର ବୃଦ୍ଧିର ସୁଦୂର ପ୍ରଭାବ ସମସ୍ତ ଅଂଶୀଦାରଙ୍କ ଉପରେ ବ୍ୟାପିବାରେ ଲାଗିଛି। ପରିବାରଗୁଡ଼ିକ ସେମାନଙ୍କର କ୍ରୟ ଶକ୍ତିରେ ହ୍ରାସର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଅଣ-ଅତ୍ୟାବଶ୍ୟକୀୟ ଖର୍ଚ୍ଚ ଥିବା କ୍ଷେତ୍ରଗୁଡ଼ିକରେ ମୁଦ୍ରାସ୍ଫୀତି ସେମାନଙ୍କର ପ୍ରକୃତ ଆୟ ହ୍ରାସ କରୁଛି। ଏହି ସମୟରେ, ସରକାର ବର୍ଦ୍ଧିତ ସବସିଡି ଏବଂ ଟିକସ ସମାଯୋଜନ ମାଧ୍ୟମରେ ଏହି ସଙ୍କଟର କିଛି ଅଂଶ ଗ୍ରହଣ କରିବାର ସମ୍ଭାବନା ଅଛି। ରିପୋର୍ଟରେ ଆକଳନ କରାଯାଇଛି ଯେ ଅଧିକ ସାର ସବସିଡି ଏବଂ କମ୍ ଟିକସ ସଂଗ୍ରହ ଯୋଗୁଁ ଜିଡିପିରେ ୦.୩-୦.୫%ର ସମ୍ଭାବ୍ୟ ଆର୍ଥିକ ହ୍ରାସ ଘଟିବ।

## ନବୋଦୟ ସାହିତ୍ୟ-ସଂସ୍କୃତ ସମିତିର ପ୍ରଥମ ଆଲୋଚନାଚକ୍ର



ଭୁବନେଶ୍ୱର, ୧୨।୪ (ସମିସ): ନବୋଦୟ ସାହିତ୍ୟ-ସଂସ୍କୃତ ସମିତିର ପ୍ରଥମ ଆଲୋଚନାଚକ୍ର ଭୁବନେଶ୍ୱରସ୍ଥିତ ସୁନ୍ଦରପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ପତାକା ଉତ୍ତୋଳନ ସହିତ ଉଦ୍ଘାଟନୀ ଅଧିବେଶନ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଆଲୋଚନା ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀ ସଦସ୍ୟଙ୍କ ମଧ୍ୟରେ ଡ ଅବଦୁଲ ଓସମାନ ଖାନ, ଡ ଚିତ୍ତରଞ୍ଜନ ନାହକ, ଜଗବନ୍ଧୁ ଚୌଧୁରୀ, ମହେଶ୍ୱର ସାହୁ, ଡକ୍ଟର ବିଜୟଲକ୍ଷ୍ମୀ ମହାନ୍ତି, ରାଜକିଶୋର ସେନାପତି, ପ୍ରକାଶଚନ୍ଦ୍ର ଖଟୁଆ, ଲାଲାବାବୁ ଖାନ (ସିରାଜ), ସରୋଜ କୁମାର ମଲ୍ଲିକ, ମୀର ଅବଦୁଲ ମହମ୍ମଦ, ଶୁଭଶ୍ରୀ ଦାସ। ତୃତୀୟ ଅଧିବେଶନରେ ସାଂଗଠନିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସଂଗଠନର ସଭାପତି ଡକ୍ଟର ଅବଦୁଲ ଉସମାନ ଖାନ, ଉପାଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ନାହାକ ଏବଂ ସମ୍ପାଦକ ଏବଂ ପତ୍ରିକା ସମ୍ପାଦନା ଦାୟିତ୍ୱ ପ୍ରତିମା ନଳିନୀ ପତିଙ୍କୁ ଦିଆଯାଇଥିଲା। କମିଟିର ମୁଖପତ୍ର ଭାବରେ 'ନବ ଉତ୍କଳ ଭାରତୀ' ପତ୍ରିକା ପ୍ରକାଶନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏକ ଜାତୀୟ ଆଲୋଚନାଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପତ୍ରିକାର ଉନ୍ମୋଚନ ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। 'ନବ ଉତ୍କଳ ଭାରତୀ' ପତ୍ରିକାର ଲକ୍ଷ୍ୟ ହେଉଛି ଜାତୀୟ ସ୍ୱାର୍ଥରେ ଓଡ଼ିଆ ସାହିତ୍ୟକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବା ଏବଂ ହିନ୍ଦୀ ମାଧ୍ୟମରେ ଏହାର ବ୍ୟାପକ ସ୍ୱୀକୃତି ସୁନିଶ୍ଚିତ କରିବା। ଶେଷରେ, ସୁଧାଂଶୁବାଳା ସାହୁ ଧନ୍ୟବାଦ ଦେଇଥିଲେ।

# ଭାରତ ଭରସାରେ ବାଂଲାଦେଶ

## ରୁଷରୁ ତେଲ କିଣି ଭାରତରେ ବିଶୋଧନ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଦେଖାଦେଇଥିବା ଯୋଗାଣବାଧା ଦେଶଗୁଡିକ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏଭଳି ଶକ୍ତି ସଙ୍କଟ ସମୟରେ ଭାରତୀୟ ବିଶୋଧନାଗାର ବାଂଲାଦେଶ ପାଇଁ ବଡ଼ ଆଶା ସଞ୍ଚାର କରିଛି। ବାଂଲାଦେଶ ଏହାର ଘରୋଇ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ରୁଷରୁ ଅଶୋଧିତ ତୈଳ କ୍ରୟ କରିଥାଏ, କିନ୍ତୁ ପର୍ଯ୍ୟାପ୍ତ ବିଶୋଧନ ସୁବିଧା ଅଭାବରୁ ଦେଶ ବଡ଼ ଆହ୍ୱାନର ସମ୍ମୁଖୀନ ହୁଏ। ବାଂଲାଦେଶ ଏବେ ଖର୍ଚ୍ଚ ଏବଂ ସମୟ ଉଭୟ ବଞ୍ଚାଇବା ପାଇଁ ଭାରତୀୟ ତୈଳ ବିଶୋଧନାଗାର ଭିତ୍ତିଭୂମି ବ୍ୟବହାର କରି ରୁଷୀୟ ଅଶୋଧିତ ତୈଳକୁ ବିଶୋଧନ କରିବାକୁ ଚାହୁଁଛି।

ରିପୋର୍ଟ ଅନୁଯାୟୀ, ଚିଟାଗଙ୍ଗରେ ଥିବା ବାଂଲାଦେଶର ଏକମାତ୍ର ସରକାରୀ ରିଫାଇନାରୀ ରୁଷୀୟ ଅଶୋଧିତ ତୈଳ ବିଶୋଧନ ପାଇଁ ଉପଯୁକ୍ତ ନୁହେଁ। ରୁଷୀୟ ଅଶୋଧିତ ତୈଳ ମୁଖ୍ୟତଃ ଭାରୀ ଗ୍ରେଡ୍, ଯାହା ବାଂଲାଦେଶକୁ ସମ୍ପୂର୍ଣ୍ଣ ଭାବରେ ରିଫାଇନାଇଲ୍ ଇନ୍ଧନ ଆମଦାନୀ ଉପରେ ନିର୍ଭର କରିବାକୁ ବାଧ୍ୟ କରୁଛି। ଏହି ରିଫାଇନାରୀର ବାର୍ଷିକ କ୍ଷମତା ୧.୫ ନିୟୁତ ଟନ୍ କରହିଛି। ଏହା ମୁଖ୍ୟତଃ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଅଶୋଧିତ ତୈଳ ବିଶୋଧନ କରିବା ପାଇଁ ଡିଜାଇନ୍ କରାଯାଇଛି। ଚଳିତ ସପ୍ତାହରେ ବାଂଲାଦେଶର ବୈଦେଶିକ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ ଭାରତରୁ ଡିଜେଲ ଆମଦାନୀ ବୃଦ୍ଧି କରିବା ଏକ ସର୍ବୋଚ୍ଚ ପ୍ରାଥମିକତା ଥିଲା। ଶକ୍ତି କ୍ଷେତ୍ରରେ ବାଂଲାଦେଶର ପୂର୍ବରୁ ଭାରତ ସହିତ ସହଯୋଗ ରହିଛି। ଏଥିପାଇଁ ସିଲିଗୁଡ଼ିରୁ ଦିନାଜପୁରର ପାର୍ବତୀପୁର ପର୍ଯ୍ୟନ୍ତ ଏକ ସୀମାପାର ଡିଜେଲ ପାଇପଲାଇନ ବିଛାଯାଇଛି। ଏହି ପାଇପଲାଇନ ନୁମାଲିଗଡ଼ ରିଫାଇନାରୀ ଲିମିଟେଡ୍‌ରୁ ଡିଜେଲ ଆମଦାନୀ କରିଥାଏ। ଏହି ଆମଦାନୀ ପାଇଁ ୨୦୨୩ରେ ଦୁଇ ଦେଶ ମଧ୍ୟରେ ୧୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ରୁଷିଆନ୍ ତୈଳ ରପ୍ତାନି ଉପରେ ଆମେରିକାର କଟକଣାର ଅସ୍ଥାୟୀ ଛାଡ଼ ବାଂଲାଦେଶକୁ ପରୋକ୍ଷ ଆମଦାନୀ ବିକଳ୍ପ ଅନୁସନ୍ଧାନ କରିବାର ସୀମିତ ସୁଯୋଗ ପ୍ରଦାନ କରିଛି। ଦୁଇ ସପ୍ତାହ ପୂର୍ବେ ରିପୋର୍ଟରେ କୁହାଯାଇଥିଲା ଯେ ବାଂଲାଦେଶ ମଧ୍ୟ ରୁଷରୁ ୬ ଲକ୍ଷ ଟନ୍ ପର୍ଯ୍ୟନ୍ତ ଡିଜେଲ ଆମଦାନୀ କରିବାକୁ ପ୍ରସ୍ତାବ ଦେଉଛି। ବାଂଲାଦେଶରେ ରୁଷର ରାଷ୍ଟ୍ରଦୂତ ଆଲେକଜାଣ୍ଡର ଖୋଜିନ୍ ଶକ୍ତି ଏବଂ ଖଣିଜ ସମ୍ପଦ ମନ୍ତ୍ରୀ ଇକବାଲ ହାସନ ମହମୁଦ ଟୁକୁଙ୍କୁ ଭେଟି ଉଭୟ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଆଲୋଚନା କରିଥିଲେ।

**ଯୁଦ୍ଧ ବନ୍ଦ ବୈଠକ ବିଫଳ**

# ପୁଣି ୧୦୦ ଡଲାର ଟପିଲା ଅଶୋଧିତ ତୈଳ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହୋଇଛି। ଏହାପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ୧୦୦ ଡଲାର ଅତିକ୍ରମ କରିଛି। ଏଭଳି ସ୍ଥିତି ଏବେ ସାରା ଦୁନିଆରେ ତୈଳ ଆମଦାନୀକାରୀଙ୍କ ଚିନ୍ତା ବଢ଼ାଇଦେଇଛି। କାରଣ ଗତ ସପ୍ତାହରେ ନିବେଶକମାନେ ଯୁଦ୍ଧବିରତିକୁ ନିକଟରୁ ଅନୁଧ୍ୟାନ କରିଥିଲେ। ଯାହା ଅନୁମାନ କରାଯାଉଛି, ଶାନ୍ତି ଆଲୋଚନା ବିଫଳ ହେବା ନେଇ ବଜାର ହୁଏତ ଏହା ଅନୁମାନ କରିଥାଇପାରେ। ସେଥିପାଇଁ ବଜାରରେ ଇସ୍‌ଲାମାବାଦ୍ ଆଲୋଚନା ପୂର୍ବରୁ ତେଲ କ୍ରୟ ଜାରି ରହିଥିଲା। ନିବେଶକମାନେ ବିପୁଳ ମାତ୍ରାରେ ତେଲ କିଣିବାରେ ବ୍ୟସ୍ତ ରହିଥିଲେ। ବିଶ୍ୱ ଅଶୋଧିତ ତୈଳ ବାଣିଜ୍ୟର ଏକ ପ୍ରମୁଖ କେନ୍ଦ୍ର ଉତ୍ତର ସାଗରରେ ଯୋଗାଣ ଅପେକ୍ଷା ଚାହିଦା ବହୁ ଅଧିକ ରହିଥିଲା। ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରୁ ଯୋଗାଣ ବାଧା ଯୋଗୁଁ ଏହି ଆକ୍ରମଣାତ୍ମକ କ୍ରୟ ଧାରା ଏହା ସୂଚିତ କରୁଛି ଯେ, ଆଗାମୀ ଦିନରେ ମୂଲ୍ୟ ଆହୁରି ବଢ଼ିପାରେ। ହର୍ମୁଜ ପ୍ରଣାଳୀ ଯେଉଁ ମାର୍ଗ ଦେଇ ବିଶ୍ୱର ୨୦% ଇନ୍ଧନ ପ୍ରବାହିତ ହୋଇଥାଏ ତାକୁ ନେଇ ପୁଣି ଅନିଶ୍ଚିତତା ଉପୁଜିଛି।

ପୂର୍ବରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ଘୋଷଣା ପରେ ଅଶୋଧିତ ତୈଳ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଥିଲା, ଯାହା ବିଶ୍ୱକୁ ଆଶ୍ୱସ୍ତି ଦେଇଥିଲା। ଦୁଇ ସପ୍ତାହର ଯୁଦ୍ଧବିରତି ଘୋଷଣା ଅଶୋଧିତ ତୈଳ ମୂଲ୍ୟ ଉପରେ ପ୍ରଭାବ ପକାଇଥିଲା। ଏହା ଫଳରେ ଏପ୍ରିଲ ୮ରେ ଅଶୋଧିତ ତେଲ ଦରରେ ୧୫% ରୁ ଅଧିକ ହ୍ରାସ ଘଟିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ଜାରି ରହିବା ନେଇ ସନ୍ଦେହ ବୃଦ୍ଧି ପାଇଛି, ଯାହା ଅଶୋଧିତ ତେଲ ମୂଲ୍ୟକୁ ପ୍ରଭାବିତ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରତି ଘୋଷଣା କରିଥିଲେ। ତଥାପି, ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ପୁଣି ଉତ୍ତେଜନାକୁ ବୃଦ୍ଧି କରିଛି, ଯାହା ଦୁଇ ସପ୍ତାହ




ପାଇଁ ଯୁଦ୍ଧବିରତି ଜାରି ରଖିବା ଉପରେ ସନ୍ଦେହ ସୃଷ୍ଟି କରିଛି। ଇରାନୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଲେବାନନ ଉପରେ ଆକ୍ରମଣ ପରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଯାଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବାର ଅର୍ଥ ହେଉଛି ଅଶୋଧିତ ତେଲ ଏବଂ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ରହିବ। ଏହା ବିଶ୍ୱବ୍ୟାପୀ ଇନ୍ଧନ ମୂଲ୍ୟକୁ ଉଚ୍ଚ ରଖିବ। ଅଶୋଧିତ ତେଲ ମୂଲ୍ୟ ବୃଦ୍ଧି ଭାରତ ପାଇଁ ବିଶେଷ ଭାବରେ ଖରାପ

**ଆଲୋଚନା ପୂର୍ବରୁ ବିଶ୍ୱ ବଜାର ଭୟଭୀତ**

**ତେଲ କିଣା ବଢ଼ିଲା**

ଖବର। ଭାରତ ଏହାର ୯୦% ଅଶୋଧିତ ତେଲ ଏବଂ ପ୍ରାୟ ୫୦% ଗ୍ୟାସ ଆବଶ୍ୟକତା ଆମଦାନୀ ମାଧ୍ୟମରେ ପୂରଣ କରେ। ଅଶୋଧିତ ତେଲ ଦର ବୃଦ୍ଧି ସରକାରଙ୍କ ଆମଦାନୀ ବିଲ୍ ବୃଦ୍ଧି କରିଥାଏ। ଭାରତରେ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ଏପର୍ଯ୍ୟନ୍ତ ନିୟମିତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିନାହାଁନ୍ତି। ତଥାପି, ଯଦି ଅଶୋଧିତ ତେଲର ମୂଲ୍ୟ ଦୀର୍ଘ ସମୟ ପାଇଁ ଅଧିକ ରହେ, ତେବେ ଏହି କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ ହୋଇପାରନ୍ତି।

ଅଶୋଧିତ ତୈଳ ମୂଲ୍ୟରେ ନିରନ୍ତର ବୃଦ୍ଧି ଯୋଗୁ ଘରୋଇ ମୁଦ୍ରାସ୍ଫୀତି ଉପରେ ପ୍ରଭାବ ପଡିପାରେ। ଏହା ଦ୍ୱାରା ଭାରତୀୟ ମୁଦ୍ରା ଉପରେ ନିକଟ ଭବିଷ୍ୟତରେ ଚାପ ଓ ଅସ୍ଥିରତା ଦେଖିବାକୁ ମିଳିପାରେ। ତେବେ ବାର୍ତ୍ତା ବିଫଳ ହେବାର ଅର୍ଥ ନୁହେଁ ଯେ କୂଟନୀତିର ଦ୍ୱାର ବନ୍ଦ ହୋଇଯାଇଛି। ହେଲେ ଏହା ଦ୍ୱାରା ସମାଧାନର ସମୟ ସୀମା ବଢି ଯାଇଛି। ଯେଉଁ ପର୍ଯ୍ୟନ୍ତ ୨ ଦେଶଙ୍କ ମଧ୍ୟରେ ସ୍ପଷ୍ଟ ସହମତି ନ ହୋଇଛି ବଜାରରେ ଅସାମଞ୍ଜସ୍ୟ ସ୍ଥିତି ଜାରି ରହିବ ବୋଲି ବିଶେଷଜ୍ଞ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇବେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିପାରେ ।

**ବୃଷ:** ଅପେକ୍ଷାର ଫଳ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି ।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି । ରାଜନେତାଙ୍କ ପାଇଁ ଦିନଟି ଭଲ । ଲୋକସମ୍ପର୍କ ବୃଦ୍ଧି ପାଇବ । ନୂତନ ଯାନବାହନ କିଣିପାରନ୍ତି । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ ।

**କର୍କଟ:** ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଉଧାର ଟଙ୍କା ଫେରି ପାଇବେ । ଯୋଜନା ମୁତାବକ କାମ କରନ୍ତୁ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ । ଘରେ ପୂଜାପାଠ ଆୟୋଜନ କରିବେ । ଆୟର ନୂଆ ଅବସର ପ୍ରାପ୍ତ ହେବ । ଦାନ ଧର୍ମ କରନ୍ତୁ ।

**ତୁଳା:** ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ମାନ ସମ୍ମାନ ବୃଦ୍ଧି ପାଇବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ । ଅଚାନକ ଖୁସି ଖବର ମିଳିପାରେ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ବ୍ୟବସାୟରେ ଲାଭ ମିଳିପାରେ । ଭାଇ –ଭାଇ ମଧ୍ୟରେ କଳହ ଦେଖାଦେବ । ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ମାନ ସମ୍ମାନ ବୃଦ୍ଧି ପାଇବ । ବିବାହ ସମସ୍ୟାର ସମାଧାନ ହେବ । ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ଯାତ୍ରା କରିବେ । ଧାର କରଜରୁ ନିବୃତ୍ତ ରହିବେ ।

## ଆଜିର ଇତିହାସ

- ୧୯୧୯ - ଜେନେରାଲ ଡାୟାର ଅମୃତସରର ଜାଲିଆନାୱାଲାବାଗରେ ନିରୀହ ଜନତା ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ ।
- ୧୯୪୧- ସୋଭିଏତ୍ ସଂଘ ଓ ଜାପାନ ମଧ୍ୟରେ ଶାନ୍ତି ବୁଝାମଣା ।
- ୨୦୦୫- ବିଶ୍ୱନାଥନ୍ ଆନନ୍ଦ ଚତୁର୍ଥ ଥର 'ବିଶ୍ୱ ଚେସ୍ ଚାମ୍ପିଅନ' ହେଲେ ।
- ୨୦୧୩- ପାକିସ୍ତାନ ପେଶୱାରରେ ବୋମା ବିସ୍ଫୋରଣ ଯୋଗୁ ଆଠଜଣଙ୍କ ପ୍ରାଣହାନି ।

# ରାଜଧାନୀ ପ୍ରତିଷ୍ଠା ଦିବସ



ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରର ଆଜି ଜନ୍ମଦିନ । ୭୮ ବର୍ଷରେ ପାଦ ଥାପିଛି ରାଜଧାନୀ ଭୁବନେଶ୍ୱର । ୧୯୪୬ ମସିହାରେ, ରାଜଧାନୀ ଭୁବନେଶ୍ୱରର ଯୋଜନା, ନକ୍ସା, ଡିଜାଇନ୍ ଓ ସହରୀ ସଂରଚନା ପ୍ରସ୍ତୁତ କରିଥିଲେ ପ୍ରଖ୍ୟାତ ଆର୍କିଟେକ୍ଟ ଓଟ୍ଟୋ କୋଏନିଗସ୍‌ବର୍ଗର । ୧୯୪୮ ମସିହା ଏପ୍ରିଲ ୧୩ତାରିଖ ଦିନ ଭୁବନେଶ୍ୱରରେ ନୂଆ ରାଜଧାନୀର ପ୍ରତିଷ୍ଠା ଫଳକ ସ୍ଥାପନ କରିଥିଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ । ସେବେଠାରୁ ପ୍ରତିବର୍ଷ ଆଜିର ଦିନକୁ ରାଜଧାନୀ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି । ୭୮ ବର୍ଷ ତଳେ ରାଜଧାନୀ ସବୁଜିମାରେ ପରିପୂର୍ଣ୍ଣ ଥିଲା । ମନ୍ଦିରମାଳିନୀରୁ ସ୍ମାର୍ଟ ସିଟିର ଏ ଲମ୍ବା ଯାତ୍ରା ଭିତରେ ବଢ଼ିଛି ସହରର କାୟା । ଦିନେ ହାତଗଣତି କେଇଟା କୋଠା ଘର ଥିବା ଏହି ସହରରେ ଆଜି ଯୁଆଡ଼େ ଚାହିଁବ ସିଆଡ଼େ ସୁଉଚ୍ଚ ଅଟ୍ଟାଳିକାମାନ ଦଣ୍ଡାୟମାନ । ମନ୍ଦିରମାଳିନୀ, ପୁଷ୍କରିଣୀମୟ ଓ ଜଙ୍ଗଲାଚ୍ଛାଦିତ ଭୁବନେଶ୍ୱରରେ ସମୟକ୍ରମେ ଦପ୍ତର, ବଜାର ଓ କର୍ପୋରେଟ୍ କରିଡୋର୍‌ମାନ ପ୍ରତିଷ୍ଠିତ ହୋଇଛି । ୭୮ ବର୍ଷର ଏହି ଯାତ୍ରାରେ ଭୁବନେଶ୍ୱର, ଏବେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସ୍ପୋର୍ଟର୍ସର ହବ୍ ଭାବେ ବେଶ୍ ପରିଚିତ । ତେବେ ଭୁବନେଶ୍ୱର ନାମଟି ଶିବଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱର ନାମରୁ ଆସିଅଛି । ଭୁବନେଶ୍ୱରରେ ଥିବା ଶତାଧିକ ମନ୍ଦିର ଏହାକୁ ମନ୍ଦିରମାଳିନୀ ସହର ଭାବେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଆଦି ବହୁ ପୁରାତନ ମନ୍ଦିରମାନ ରହିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ସହର ଭ୍ରମଣ କରିବାକୁ ଆସିଥାନ୍ତି । ଭୁବନେଶ୍ୱରର ଧଉଳିଠାରେ ଥିବା ଶାନ୍ତିସ୍ତୂପ ସହରକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଏହାସହିତ ଭୁବନେଶ୍ୱର ହେଉଛି ସ୍ୱର୍ଣ୍ଣ ତ୍ରିଭୂଜର ଏକ ଅଂଶ । ପୁରୀ, ଭୁବନେଶ୍ୱର ଓ କୋଣାର୍କ ଏହି ତିନୋଟି ସ୍ଥାନକୁ ସ୍ୱର୍ଣ୍ଣ ତ୍ରିଭୂଜ ଆଖ୍ୟା ଦିଆଯାଇଛି । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ସହରର ବିଭିନ୍ନ ସ୍ଥାନକୁ ଆଲୋକମାଳାରେ ସଜ୍ଜିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

## 'ଲଭ୍ ଆଣ୍ଡ ୱାର୍'

# ସଞ୍ଜୟଙ୍କୁ ଲିକ୍ ଭୟ, ବ୍ୟାନ୍ କଲେ ମୋବାଇଲ




ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଳି ଅନେକ ଦିନରୁ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ । ନିୟମିତ ବ୍ୟବଧାନରେ ଏହି ଫିଲ୍ମକୁ ନେଇ ଖବର ଆସୁଛି । ଇତିମଧ୍ୟରେ ସଞ୍ଜୟ ସୁଟିଂ ସେଟ୍‌ରେ ସୁରକ୍ଷାକୁ ଟାଇଟ୍ କରିଦେଇଥିବା କୁହାଯାଉଛି । ସେ ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ଲିକ୍ ହେଉ ବୋଲି ଚାହୁଁନାହାନ୍ତି । ତେଣୁ ସେ ସେଟ୍‌ରେ ମୋବାଇଲ ବ୍ୟାନ୍ କରିଛନ୍ତି । ସେଟ୍‌କୁ ଆସିବା ପୂର୍ବରୁ ସମସ୍ତଙ୍କୁ ଫୋନ୍ ଜମା କରିବାକୁ ପଡୁଛି । କେବଳ 'ଲଭ୍ ଆଣ୍ଡ ୱାର୍' ନୁହେଁ ପୂର୍ବରୁ ଅନେକ ଫିଲ୍ମରେ ଏହି ନିୟମ ଲାଗୁ କରାଯାଇଛି । ରଣବୀର ସଞ୍ଜୟଙ୍କ ଫିଲ୍ମ 'ସାଓଁରିୟା'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । ଏହାପରେ ଏ ଦୁହିଁଙ୍କୁ ଆଉ ଏକାଠି ଦେଖିବାକୁ ମିଳି ନଥିଲା । ଏହି ଫିଲ୍ମରେ ପୁଣି ଥରେ ସଞ୍ଜୟ ଓ ରଣବୀର ଏକାଠି କାମ କରୁଛନ୍ତି । ସେହିଭଳି ଆଲିଆ ଏହାପୂର୍ବରୁ ସଞ୍ଜୟଙ୍କ ସହ 'ଗଙ୍ଗୁବାଈ କାଠିଆୱାଡ଼ି'ରେ ନଜର ଆସିଥିଲେ । 'ଲଭ୍ ଆଣ୍ଡ ୱାର୍' ଏଇବର୍ଷ ଶେଷ ଆଡ଼କୁ କିମ୍ବା ଆସନ୍ତାବର୍ଷ ଆରମ୍ଭରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି ।

# କେଜିଏ ତେଜପତ୍ରର ଦାମ୍ ଚାରି ଲକ୍ଷ




ଭାରତୀୟ ମସଲାରେ ତେଜପତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଭାରତରେ ୧୦-୨୦ ଟଙ୍କାରେ ଏତେ ତେଜପତ୍ର ମିଳିଯାଏ ଯେ, ମାସେ ଦୁଇ ମାସ ପର୍ଯ୍ୟନ୍ତ ଏହାକୁ ଆରାମରେ ବ୍ୟବହାର କରାଯାଇ ପାରିବ । ଆମେରିକାରେ ରହୁଥିବା ଜଣେ ଭାରତୀୟ ଏକ ଛୋଟ ବୋତଲରେ ରଖାଯାଇଥିବା ତେଜପତ୍ରର ଦାମ୍ ସାମ୍ନାକୁ ଆଣି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି । ଏହି ଭାରତୀୟ ଜଣକ ଏହାକୁ ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଆମେରିକାର ଏକ ସୁପରମାର୍କେଟ୍‌ରେ ୪ ଗ୍ରାମ୍ ତେଜପତ୍ରର ଏକ ଛୋଟ ପ୍ୟାକେଟ୍‌କୁ ୧୬୦୦ ଟଙ୍କାରେ ବିକ୍ରି କରାଯାଉଛି । ତେବେ ଯଦି ଜଣେ କେଜିଏ ତେଜପତ୍ର କିଣିବେ ତେବେ ତାଙ୍କୁ ଏବାବଦରେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଏବେ ଏହି ଭିଡିଓ ଦେଖି ଭାରତୀୟମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଆମେରିକା ତେଜପତ୍ର ଆମଦାନୀ କରିଥାଏ । ଭାରତ, ତୁର୍କୀ ଏବଂ ଅନ୍ୟ ଦେଶରୁ ଆସୁଥିବା ତେଜପତ୍ର ସେଠାରେ ମହଙ୍ଗା ହୋଇଥାଏ । କାରଣ ଆମଦାନୀ ଶୁଳ୍କ, ପରିବହନ, ପ୍ୟାକେଜିଂ ଏବଂ ସୁପରମାର୍କେଟ୍ ମାର୍ଜିନ୍ ବହୁତ ଅଧିକ ହୋଇଥାଏ । ଆମେରିକାରେ ମସଲା ସାଧାରଣତଃ ଛୋଟ ପ୍ୟାକେଟ୍‌ରେ ବିକ୍ରି କରାଯାଏ ଏବଂ ଏହାର ମାନ ପରୀକ୍ଷା ମଧ୍ୟ ବେଶ୍ କଡ଼ାକଡ଼ି ଭାବେ ହୋଇଥାଏ । ଭାରତରେ ତେଜପତ୍ର ଅମଳ କରାଯାଉଥିବାରୁ ଏହା ଅପେକ୍ଷାକୃତ ଶସ୍ତା ହୋଇଥାଏ । ତେଣୁ ଅନେକ ଭାରତୀୟ ଆମେରିକାରେ ରହି ମଧ୍ୟ ଭାରତରୁ ମସଲା ମଗାନ୍ତି । ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

## ସ୍ୱସ୍ତି

# ହନୁମାନ ଜୟନ୍ତୀରେ ରାଶି ଅନୁସାରେ ଦାନ



**ହନୁମାନ ଜୟନ୍ତୀରେ ହନୁମାନଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ । ଏହାସହ ହନୁମାନ ଚାଳିଶା ପାଠ କରାଯାଏ । ତେବେ ଏହିଦିନ ରାଶି ଅନୁସାରେ ଦାନ କରିବା ଖୁବ୍ ଲାଭକାରୀ ବୋଲି କୁହାଯାଏ । ଏହା ଦ୍ୱାରା ଜୀବନରୁ କଷ୍ଟ ଦୂର ହେବା ସହ ମନୋକାମନା ପୂରଣ ହୁଏ ।**

**ମେଷ:** ମେଷ ରାଶିଧାରୀ ଏହିଦିନ ନାଲି ଜିନିଷ ଦାନ କରିବା ଶୁଭ । ଡାଳିମ୍ବ, ଗୁଡ଼, ଟମାଟୋ ଆଦି ଦାନ କରିପାରିବେ ।

**ବୃଷ:** ବୃଷ ରାଶି ବ୍ୟକ୍ତି ବିଶେଷ ଚାଉଳ, ଅଟା, ଲୁଣ ଦାନ କରିବା ଭଲ । ସନ୍ଧ୍ୟାରେ ଲୁଣ ଦାନ କରିବା ଅନୁଚିତ ।

**ମିଥୁନ:** ସବୁଜ ରଙ୍ଗ ପୋଷାକ, ସବୁଜ ପନିପରିବା ଭଳି ଅନ୍ୟ କିଛି ସବୁଜ ରଙ୍ଗ ଜିନିଷ ମିଥୁନ ରାଶି ହନୁମାନ ଜୟନ୍ତୀରେ ଦାନ କରିପାରିବା ଶୁଭ ।

**କର୍କଟ:** କର୍କଟ ରାଶି ହନୁମାନ ଜୟନ୍ତୀରେ ଅନ୍ନ, ଚିନି ଆଦି ଧଳା ଜିନିଷ ଦାନ କରିବା ଭଲ ।

**ସିଂହ:** ଏହି ରାଶି ବ୍ୟକ୍ତିବିଶେଷ ହନୁମାନ ଜୟନ୍ତୀରେ ଗରିବ ଲୋକଙ୍କୁ ସେଓ, ଗୁଡ଼, ମସୁର ଡାଲି, ବାଦାମ ଦାନ କରିବା ଉଚିତ ।

**କନ୍ୟା:** ହନୁମାନ ଜୟନ୍ତୀ ଅବସରରେ କନ୍ୟା ରାଶି ଲୋକେ ଗାଈଙ୍କୁ ସବୁଜ ଚାରା ଖାଇବାକୁ ଦିଅନ୍ତୁ । ପନିପରିବା ଦାନ କଲେ ପୁଣ୍ୟ ପ୍ରାପ୍ତି ହୁଏ ।

**ତୁଳା:** ତୁଳା ରାଶି ବ୍ୟକ୍ତି ବିଶେଷ ଧଳା ବସ୍ତ୍ର, ଚିନି ଏବଂ ସୁଗନ୍ଧିତ ଜିନିଷ ହନୁମାନ ଜୟନ୍ତୀରେ ଦାନ କରିବା ଭଲ ।

**ବିଛା:** ବିଛା ରାଶି ବ୍ୟକ୍ତିଙ୍କ ପାଇଁ ନାଲି ଚନ୍ଦନ, ମସୁର ଡାଲି, ତମ୍ବା ବାସନ ଏହି ଦିନ ଦାନ କରିବା ଅତ୍ୟନ୍ତ ଲାଭକାରୀ ।

**ଧନୁ:** ଧନୁ ରାଶି ବ୍ୟକ୍ତି ହନୁମାନ ଜୟନ୍ତୀରେ ଚଣା ଡାଲି ଦାନ କରନ୍ତୁ । ଏହା ସହ ବୁନ୍ଦି ଲଡୁ, ବେସନ ଲଡୁ ହନୁମାନଙ୍କୁ ଅର୍ପଣ କଲେ ଶୁଭ ।

**ମକର:** ହନୁମାନ ଜୟନ୍ତୀରେ ମକର ରାଶି ବ୍ୟକ୍ତି କଳା ରାଶି, କଳା ରଙ୍ଗ କମ୍ବଳ, ଷ୍ଟିଲ ବାସନ ଦାନ ଅତ୍ୟନ୍ତ ପୁଣ୍ୟଦାୟୀ ।

**କୁମ୍ଭ:** ଏହି ରାଶି ବ୍ୟକ୍ତି ବିଶେଷ ହନୁମାନ ଜୟନ୍ତୀରେ ଗରିବଙ୍କୁ ଛତା, କଳା ବସ୍ତ୍ର, ତେଲ ଆଦି ଦାନ କରିବା ଶୁଭ ।

**ମୀନ:** ଏହି ଦିନ ମୀନ ରାଶିଧାରୀ ଅସହାୟ ଗରିବ ଲୋକଙ୍କୁ ଖେଚୁଡ଼ି ଦାନ କରି ପୁଣ୍ୟ ଲାଭ କରିପାରିବେ ।

# ଯଜ୍ଞରେ 'ସ୍ୱାହା'

**ହୋମ-ଯଜ୍ଞ ହିନ୍ଦୁ ସଂସ୍କୃତିର ଅଂଶ । ଯାହାର ବର୍ଣ୍ଣନା ହିନ୍ଦୁ ଧାର୍ମିକ ଗ୍ରନ୍ଥରେ ଦେଖିବାକୁ ମିଳେ । ତେବେ ହୋମରେ 'ସ୍ୱାହା' କହିବାର ବିଧି ଅଛି । କୁହାଯାଏ, ଆହୁତି ଦେବା ସମୟରେ 'ସ୍ୱାହା' ଉଚ୍ଚାରଣ କରା ନ ଗଲେ, ଦେବୀ ଦେବତା ହୋମ ସାମଗ୍ରୀକୁ ସ୍ୱୀକାର କରି ନ ଥାନ୍ତି । ସେଥିପାଇଁ 'ସ୍ୱାହା' ବିନା ହୋମ-ଯଜ୍ଞ ଅଧୁରା ହୋଇଥାଏ । ଅବଶ୍ୟ ଏହା ପଛରେ କିଛି ଧାର୍ମିକ କାରଣ ଅଛି ।**



ହିନ୍ଦୁ ଧର୍ମରେ ହୋମର ବିଶେଷ ମହତ୍ତ୍ୱ ଅଛି । ଗୃହ ପ୍ରବେଶ, ଧାର୍ମିକ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ହୋମ କରାଯାଇଥାଏ । କୁହାଯାଏ, ହୋମ କରିବା ଦ୍ୱାରା ସେହି କାର୍ଯ୍ୟରେ ଦେବୀ ଦେବତାଙ୍କ ଆଶୀର୍ବାଦ ମିଳିଥାଏ ଏବଂ ସୁଖ-ସମୃଦ୍ଧି ପ୍ରାପ୍ତି ହୁଏ । ତେବେ ଏହା କେବଳ ଧାର୍ମିକ ଦୃଷ୍ଟିକୋଣରୁ ମହତ୍ତ୍ୱ ହୋଇ ନ ଥାଏ, ବରଂ ଏହା ଦ୍ୱାରା ପରିବେଶ ମଧ୍ୟ ଶୁଦ୍ଧ ହୋଇଥାଏ । ତେବେ ହୋମ କରିବା ସମୟରେ ସ୍ୱାହା ନିହାତି ଉଚ୍ଚାରଣ କରାଯାଏ ।

ଯଜ୍ଞ ସମୟରେ ହୋମ କୁଣ୍ଡରେ ହୋମ ସାମଗ୍ରୀ ଅର୍ପଣ କରିବା ବେଳେ ସ୍ୱାହା ଶବ୍ଦ ଉଚ୍ଚାରଣ କରାଯାଏ । ଏହାର ଅର୍ଥ ହେଉଛି ଠିକ୍ ରୀତିରେ ପହଞ୍ଚାଇବା । ଧାର୍ମିକ ମାନ୍ୟତାନୁସାରେ, ଅଗ୍ନିଦେବଙ୍କ ପତ୍ନୀଙ୍କ ନାଁ ସ୍ୱାହା ଥିଲା । ସେଥିପାଇଁ ହୋମ କୁଣ୍ଡରେ ଆହୁତି ଦେବା ସମୟରେ ପ୍ରତ୍ୟେକ ମନ୍ତ୍ରର ଉଚ୍ଚାରଣ ପରେ ସ୍ୱାହା କୁହାଯାଏ । ଏହା ଦ୍ୱାରା ଅଗ୍ନିଦେବ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ଅଛି ।

ଧାର୍ମିକ ମାନ୍ୟତାନୁସାରେ, ହୋମ ସାମଗ୍ରୀ ଭୋଗ ଅଗ୍ନିଙ୍କ ମାଧ୍ୟମରେ ଦେବତାଙ୍କ ପାଖରେ ପହଞ୍ଚାଯାଏ । କୁହାଯାଏ, ଯେପର୍ଯ୍ୟନ୍ତ ଦେବୀ ଦେବତା ହୋମ ସାମଗ୍ରୀକୁ ଗ୍ରହଣ ନ କରନ୍ତି, ସେତେ ପର୍ଯ୍ୟନ୍ତ ଯଜ୍ଞ ସଫଳ ହୋଇ ନ ଥାଏ । ସ୍ୱାହା ମାଧ୍ୟମରେ ହୋମ ସାଗ୍ରୀକୁ ଅର୍ପଣ କଲେ, ତାହାକୁ ଦେବୀ ଦେବତା ସ୍ୱୀକାର କରିଥାନ୍ତି ।

# ମନ୍ଦିର ପରିକ୍ରମା

- ମନ୍ଦିରରେ ଠାକୁରଙ୍କ ପରିକ୍ରମା କରିବା ଦ୍ୱାରା ମନ, ଶରୀର ଏବଂ ଚିନ୍ତାଧାରା ଶୁଦ୍ଧ ହୁଏ । ତା' ସହ ସକାରାତ୍ମକ ଶକ୍ତି ମିଳେ । ପରିକ୍ରମା ସମୟରେ ଭକ୍ତ ଭଗବାନଙ୍କ ପ୍ରତି ସମର୍ପଣ ଓ କୃତଜ୍ଞତା ବ୍ୟକ୍ତ କରିଥାନ୍ତି । ତେବେ ମନ୍ଦିର ପରିକ୍ରମା ବୈଜ୍ଞାନିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବି ମହତ୍ତ୍ୱପୂର୍ଣ୍ଣ ।
- ଧର୍ମ ଶାସ୍ତ୍ର ଅନୁସାରେ, ପରିକ୍ରମା ସମୟରେ କେଶ ଓଦା ଥିଲେ ଶକ୍ତି ଗ୍ରହଣ କରିବାର କ୍ଷମତା ବୃଦ୍ଧି ପାଏ । ତେଣୁ ବସ୍ତ୍ର ଓଦା ରହିବା ଆହୁରି ଅଧିକ ଭଲ । ସେହିପରି ସବୁଠୁ ଅଧିକ ଲାଭ ସେତେବେଳେ ମିଳେ, ଯେତେବେଳେ ଜଣେ ଭକ୍ତ ଓଦା ପୋଷାକରେ ମନ୍ଦିର ପରିକ୍ରମା କରନ୍ତି । ଓଦା ପୋଷାକ ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆର୍ଦ୍ର ରଖେ । ଏହା ଦ୍ୱାରା ଶକ୍ତିର ଅବଶୋଷଣ ଭଲ ଭାବେ ହୁଏ ।
- ସେହିପରି ମନ୍ଦିରରେ ବିଭିନ୍ନ ଠାକୁରଙ୍କ ପରିକ୍ରମା କରିବା ସଂଖ୍ୟା ମଧ୍ୟ ଭିନ୍ନ । ଧର୍ମଶାସ୍ତ୍ର ଅନୁସାରେ, ଗଣେଶଙ୍କର ତିନି ଥର, ବିଷ୍ଣୁଙ୍କର ଚାରି ଥର, ଦୁର୍ଗା ମାତାଙ୍କର ଥରେ ଏବଂ ଭଗବାନ ଶିବଙ୍କ ଅଧା ପରିକ୍ରମା କରିବା ପରମ୍ପରା ଅଛି । ଏହି ନିୟମ ଉର୍ଜାର ସନ୍ତୁଳନ ଏବଂ ଭକ୍ତି ଅନୁସାରେ ବଜାୟ ରଖିବା ଉଚିତ ।




# ବାସ୍ତୁ ପିରାମିଡ୍‌ର ମହତ୍ତ୍ୱ

**ବାସ୍ତୁ ଶାସ୍ତ୍ରରେ ବାସ୍ତୁ ପିରାମିଡ୍‌କୁ ଏକ ଶକ୍ତିଶାଳୀ ଉପକରଣ ବୋଲି ବିବେଚନା କରାଯାଏ । ଏହା ଘରେ ନକାରାତ୍ମକତାକୁ ଦୂର କରି ସକାରାତ୍ମକ ଶକ୍ତି ବୃଦ୍ଧି କରେ । ତେବେ ବାସ୍ତୁ ଦୋଷ ଦୂର କରିବା ଲାଗି ବାସ୍ତୁ ପିରାମିଡ୍ ହେଉଛି ଏକ ସରଳ ଏବଂ ପ୍ରଭାବୀ ଉପାୟ ।**



ବାସ୍ତୁ ପିରାମିଡ୍ ଶକ୍ତିକୁ ସନ୍ତୁଳିତ କରିବା କାମ କରେ । ଏହାର ଆକାର ପିରାମିଡ୍ ଭଳି । ଯାହାକି ଘରେ ସକାରାତ୍ମକ ଶକ୍ତି ସଞ୍ଚାର କରେ । ବାସ୍ତୁ ପିରାମିଡ୍ ରଖିବା ଦ୍ୱାରା ଅବସାଦ, ଚିନ୍ତା, ନିଦ୍ରା ସମସ୍ୟା ଦୂର ହୁଏ । ଘରର ଦକ୍ଷିଣ-ପଶ୍ଚିମ ଦିଗରେ ପିରାମିଡ୍ ରଖିବା ଦ୍ୱାରା ଆୟର ନୂଆ ପଥ ଉନ୍ମୁକ୍ତ ହୁଏ । ଅନାବଶ୍ୟକ ଖର୍ଚ୍ଚ ଦୂର ହୁଏ । ପିଲାଙ୍କ ପଢ଼ା ଟେବୁଲରେ ଛୋଟ ପିରାମିଡ୍ ରଖିବା ଦ୍ୱାରା ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି ପାଏ । ବାସ୍ତୁ ଦୋଷ ଦୂର ହେବା ଦ୍ୱାରା ପରିବାର ସଦସ୍ୟଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସେ । ପରିବାରରେ ପ୍ରେମ ଓ ସଦ୍ଭାବ ବଢ଼େ । ବାସ୍ତୁ ପିରାମିଡ୍ ରଖିବାର ଦିଗ ମଧ୍ୟ ଖୁବ୍ ଗୁରୁତ୍ୱ ବହନ କରେ । ଘରର ସୁଖ ଶାନ୍ତି, ଆଧ୍ୟାତ୍ମିକ ଉନ୍ନତି ଲାଗି ଉତ୍ତର-ପୂର୍ବ ଦିଗରେ ଏହାକୁ ରଖିବା ଶୁଭ । ମୁଖ୍ୟ ଦ୍ୱାର ବାସ୍ତୁ ଅନୁସାରେ ନ ହୋଇଥିଲେ କବାଟ ପାଖାପାଖି ଛୋଟ ପିରାମିଡ୍ ଲଗାନ୍ତୁ । କାର୍ଯ୍ୟାଳୟରେ ଦକ୍ଷିଣ-ପଶ୍ଚିମ ଦିଗରେ ପିରାମିଡ୍ ରଖିବା ଦ୍ୱାରା ବରିଷ୍ଠଙ୍କ ସହଯୋଗ ମିଳିବା ସହ ପଦୋନ୍ନତି ହୁଏ । ଏହାକୁ ସ୍ଥାପନ କରିବା ବେଳେ ଘରକୁ ଭଲ ଭାବେ ପରିଷ୍କାର କରନ୍ତୁ । ଶୁକ୍ରବାର ସକାଳେ କିମ୍ବା ସନ୍ଧ୍ୟାରେ ଗଙ୍ଗାଜଳରେ ପିରାମିଡ୍‌କୁ ଶୁଦ୍ଧ କରିବା ଉଚିତ । ସପ୍ତାହକୁ ଥରେ ବାସ୍ତୁ ପିରାମିଡକୁ ସଫା ପାଣିରେ ପରିଷ୍କାର କରନ୍ତୁ ।



## ଆମେରିକା- ଇରାନ ଆଲୋଚନା ବିଫଳ

# ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର ବାଦଲ



ଇସଲାମାବାଦ୍, ୧୨।୪(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସଲାମାବାଦ୍‌ଠାରେ ଅନୁଷ୍ଠିତ ଆମେରିକା- ଇରାନ ଶାନ୍ତି ଆଲୋଚନା ବିଫଳ ହୋଇଛି ଓ ଏଥିରେ କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷ ବାହାରି ପାରିନି। ପ୍ରାୟ ୨୧ ଘଣ୍ଟାର ଦୀର୍ଘ ଆଲୋଚନା ପରେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଥିବା ମତଭେଦ ଦୂର ହୋଇପାରିନାହିଁ। ଏହି ଯୁଦ୍ଧ ଯୋଗୁଁ ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ପ୍ରାଣ ହରାଇଥିବା ବେଳେ, ହର୍ମୁଜ ପ୍ରଣାଳୀ ବନ୍ଦ ହେବା କାରଣରୁ ବିଶ୍ୱ ତୈଳ ବଜାରରେ ତୈଳ ଦର ଆକାଶଛୁଆଁ ହୋଇଛି। ଯଦି ଶୀଘ୍ର ସମାଧାନ ନ ବାହାରେ ତେବେ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ଆଗକୁ କେଉଁ ସ୍ଥିତି ଉପୁଜିପାରେ, ତାହାର ୩ଟି ମୁଖ୍ୟ ଦିଗ ନେଇ ଆଲୋଚନା କରିବା।

### ୧. ଆଲୋଚନା ଜାରି ରହିପାରେ

ଯଦିଓ ବର୍ତ୍ତମାନ ଆଲୋଚନା ସଫଳ ହୋଇଛି, ତଥାପି ପାକିସ୍ତାନର ପ୍ରସ୍ତାବ କ୍ରମେ ଆଉ ଏକ ପର୍ଯ୍ୟାୟ ବୈଠକ ବସିବାର ସମ୍ଭାବନା ରହିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତଭେଦ ଥିଲେ ହେଁ ଅନେକ ବିଷୟରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଛି। ଦୀର୍ଘ ୪୦ ଦିନର ଯୁଦ୍ଧ ଓ ଅବିଶ୍ୱାସ ମଧ୍ୟରେ ଗୋଟିଏ ବୈଠକରେ ସମସ୍ତ ସମସ୍ୟାର ସମାଧାନ ହେବା ସହଜ ନୁହେଁ, ତେଣୁ କୂଟନୈତିକସ୍ତରରେ ଆଲୋଚନା ପୁଣି ଆରମ୍ଭ ହୋଇପାରେ।

### ୨.ଅସ୍ଥାୟୀ ଯୁଦ୍ଧବିରତି ପର୍ଯ୍ୟନ୍ତ ଆଲୋଚନା

ଗତ ଏପ୍ରିଲ ୮ ତାରିଖରୁ ଉଭୟ ଦେଶ ମଧ୍ୟରେ ଦୁଇ ସପ୍ତାହ ପାଇଁ ଏକ ସର୍ତ୍ତମୂଳକ 'ଅସ୍ତ୍ରବିରତି' ଜାରି ରହିଛି। ଆନୁଷ୍ଠାନିକ ଆଲୋଚନା ବିଫଳ ହେଲେ ମଧ୍ୟ ଏହି ସମୟ ମଧ୍ୟରେ ପଛଦ୍ୱାର ଦେଇ କଥାବାର୍ତ୍ତା ଜାରି ରହିପାରେ। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ଆମେରିକା ନିଜର ଶେଷ ଓ ସର୍ବଶ୍ରେଷ୍ଠ ପ୍ରସ୍ତାବ ଦେଇସାରିଛି ଏବଂ ବର୍ତ୍ତମାନ ଇରାନ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

### ୩.ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ

ଏହା ସବୁଠାରୁ ଭୟଙ୍କର ସ୍ଥିତି ହୋଇପାରେ। ଯଦି କୁଟନୈତିକ ଆଲୋଚନା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ, ତେବେ ଆମେରିକା ପୁଣି ଇରାନ ଉପରେ ଆକ୍ରମଣ କରିପାରେ। ଟ୍ରମ୍ପ ପ୍ରଶାସନ ପୂର୍ବରୁ ସୂଚନା ଦେଇଛି ଯେ, ମଧ୍ୟପ୍ରାଚ୍ୟରେ ଆମେରିକା ନିଜର ସାମରିକ ଶକ୍ତି ବୃଦ୍ଧି କରୁଛି। ଯଦି ସମାଧାନ ନ ବାହାରେ, ତେବେ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ସଜ୍ଜିତ ଯୁଦ୍ଧ ଜାହାଜ ମାଧ୍ୟମରେ ଇରାନକୁ ଉଚିତ ଜବାବ ଦିଆଯିବ ବୋଲି ଟ୍ରମ୍ପ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

# ଆମେ ଆମର ଶେଷ, ସର୍ବୋତ୍ତମ ପ୍ରସ୍ତାବ ଦେଇଛୁ: ଆମେରିକା



ଇସଲାମାବାଦ୍, ୧୨।୪(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତିର କେନ୍ଦ୍ରବିନ୍ଦୁ ସାଜିଥିବା ଇସଲାମାବାଦ୍‌ଠାରେ ଆମେରିକା ଓ ଇରାନ ମଧ୍ୟରେ ଅନୁଷ୍ଠିତ ମାରାଥନ ଶାନ୍ତି ଆଲୋଚନା କୌଣସି ସୁଫଳ ପ୍ରଦାନ କରିବାରେ ବିଫଳ ହୋଇଛି। ପ୍ରାୟ ୨୧ ଘଣ୍ଟାର ସଘନ କଥାବାର୍ତ୍ତା ଓ ଆଲୋଚନା ପରେ ମଧ୍ୟ ଉଭୟ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦର ପାଚେରୀ ଅତିକ୍ରମ କରାଯାଇପାରି ନାହିଁ। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ରବିବାର ଏହି ବିଫଳତା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଇରାନ ଆମେରିକାର ପ୍ରସ୍ତାବିତ ସର୍ତ୍ତାବଳୀକୁ ଗ୍ରହଣ କରିବାକୁ ମନା କରିଦେଇଛି। ଭାନ୍ସ ତାଙ୍କ ବୟାନରେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ନିଜର ରେଡ ଲାଇନ ବା ସୀମା ସମ୍ପର୍କରେ ଇରାନକୁ ଅବଗତ କରାଇଥିଲା। ବିଶେଷ କରି ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ପରମାଣୁ ଅସ୍ତ୍ର ନିର୍ମାଣ ନ କରିବା ପାଇଁ ଏକ ଦୀର୍ଘକାଳୀନ ପ୍ରତିଶ୍ରୁତି ଆଦାୟ କରିବା ଆମେରିକାର ମୂଳ ଲକ୍ଷ୍ୟ ଥିଲା। ସେ କହିଛନ୍ତି ଯେ, ଇରାନର ପୂର୍ବ ପରମାଣୁ ଭିତ୍ତିଭୂମି ଓ ସୁବିଧାଗୁଡ଼ିକ ଧ୍ୱଂସ ହୋଇସାରିଥିଲେ ହେଁ, ଭବିଷ୍ୟତରେ ସେମାନେ ଯେ ଏହି ମାରାତ୍ମକ ଅସ୍ତ୍ର ନିର୍ମାଣ କରିବେ ନାହିଁ, ସେ ନେଇ କୌଣସି ଦୃଢ଼ ସଙ୍କଳ୍ପ ସେମାନଙ୍କ ପକ୍ଷରୁ ମିଳିନାହିଁ। ଆଲୋଚନା ସମୟରେ ଇରାନର ଅବରୁଦ୍ଧ ସମ୍ପତ୍ତି ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରସଙ୍ଗ ଉପରେ ମଧ୍ୟ ଗୁରୁତର ଭାବେ ବିଚାର କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକୀୟ ପ୍ରତିନିଧି ଦଳ ଅତ୍ୟନ୍ତ ନମନୀୟତା ପ୍ରଦର୍ଶନ କରିଥିଲେ ହେଁ, ଇରାନର ଜିଦ୍ ଆଗରେ ସବୁ ପ୍ରୟାସ ବିଫଳ ହୋଇଛି। ଆଲୋଚନା ସମୟରେ ଭାନ୍ସ କ୍ରମାଗତ ଭାବେ ରାଷ୍ଟ୍ରପତି ଟ୍ରମ୍ପ ଓ ଜାତୀୟ ସୁରକ୍ଷା ପରିଷଦର ସଦସ୍ୟମାନଙ୍କ ସହ ଯୋଗାଯୋଗ ରକ୍ଷା କରିଥିଲେ। ଆଲୋଚନା ଶେଷରେ ଆମେରିକା ପକ୍ଷରୁ ଏକ ଅନ୍ତିମ ଓ ସର୍ବଶ୍ରେଷ୍ଠ ପ୍ରସ୍ତାବ ଇରାନ ନିକଟରେ ରଖାଯାଇଛି। ତେବେ ଏହି ପ୍ରସ୍ତାବକୁ ଇରାନ ଗ୍ରହଣ କରୁଛି କି ନା, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଭାନ୍ସଙ୍କ ଅନୁସାରେ ଏହି ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ନ ହେବା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ କ୍ଷତିକାରକ ହେବ। ସାମ୍ପ୍ରତିକ ପରିସ୍ଥିତିରେ ଆମେରିକା ଓ ଇରାନ ମଧ୍ୟରେ ସୃଷ୍ଟି ଏହି ଅସ୍ଥିରତା ବିଶ୍ୱ ଶାନ୍ତି ପାଇଁ ଏକ ଆହ୍ୱାନ ଭାବେ ଉଭା ହୋଇଛି।

# ଆମେରିକା ଅଯୌକ୍ତିକ ଦାବି ଉପସ୍ଥାପନ କରୁଛି: ଇରାନ

ତେହରାନ, ୧୨।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧର ସମାଧାନ ପାଇଁ ପାକିସ୍ତାନର ଇସଲାମାବାଦ୍‌ଠାରେ ଅନୁଷ୍ଠିତ ଆମେରିକା-ଇରାନ ଐତିହାସିକ ଶାନ୍ତି ଆଲୋଚନା ଅମୀମାଂସିତ ଭାବେ ଶେଷ ହୋଇଛି। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ବୟାନ ପରେ ଇରାନ ମଧ୍ୟ ଏହାର ଜବାବ ରଖିଛି। ଆମେରିକାର ଅଯୌକ୍ତିକ ଏବଂ ଅତ୍ୟଧିକ ଦାବି ଯୋଗୁଁ ହିଁ ଏହି ଆଲୋଚନା ବିଫଳ ହୋଇଛି ଓ କୌଣସି ନିଷ୍କର୍ଷ ବାହାରି ପାରିନାହିଁ ବୋଲି ଇରାନ କହିଛି। ଇରାନର ସରକାରୀ ପ୍ରସାରଣକାରୀ ସଂସ୍ଥା 'ଆଇଆରଆଇବି' ଅନୁଯାୟୀ, ଇରାନର ପ୍ରତିନିଧି ଦଳ ନିଜ ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ପ୍ରାୟ ୨୧ ଘଣ୍ଟା ଧରି ନିରନ୍ତର ଓ ଗଭୀର ଆଲୋଚନା କରିଥିଲେ। ଇରାନ ପକ୍ଷରୁ ଅନେକ ନୂତନ ପ୍ରସ୍ତାବ ଓ ପଦକ୍ଷେପ ରଖାଯାଇଥିଲେ ହେଁ, ଆମେରିକାର କଠୋର ଆଭିମୁଖ୍ୟ ପ୍ରଗତି ପଥରେ ବାଧା ସୃଷ୍ଟି କରିଥିଲା। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସ୍‌ମାଇଲ ବାକାୟୀ କହିଛନ୍ତି ଯେ, ମାତ୍ର ଗୋଟିଏ ବୈଠକରେ ଦଶନ୍ଧି ଦଶନ୍ଧି ଧରି ଥିବା ମତଭେଦ ଦୂର ହୋଇ ବୁଝାମଣା ହେବ ବୋଲି କେହି ଆଶା କରିବା ଉଚିତ ନୁହେଁ। ଅନ୍ୟପଟେ ଜେଡି ଭାନ୍ସ ଆଲୋଚନାର ଏହି ବିଫଳତାକୁ ଇରାନ ପାଇଁ ଖରାପ ଖବର ବୋଲି ଅଭିହିତ କରିଛନ୍ତି। ସୂଚନାଯୋଗ୍ୟ, ୧୯୭୯ର ଇସଲାମିକ ବିପ୍ଳବ ପରେ ଏହାଥିଲା ଉଭୟ ଦେଶ ମଧ୍ୟରେ ସବୁଠାରୁ ଉଚ୍ଚସ୍ତରୀୟ ଓ ପ୍ରତ୍ୟକ୍ଷ ଆଲୋଚନା। ଯଦିଓ ବର୍ତ୍ତମାନ ଆଲୋଚନା ବିଫଳ ହୋଇଛି, ତଥାପି ପାକିସ୍ତାନ ଓ ଅନ୍ୟ ଅଞ୍ଚଳର ବନ୍ଧୁ ରାଷ୍ଟ୍ରମାନଙ୍କ ମାଧ୍ୟମରେ ଯୋଗାଯୋଗ ଜାରି ରହିବ ବୋଲି ଇରାନ ଆଶା ବ୍ୟକ୍ତ କରିଛି। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଭୟାବହ ଯୁଦ୍ଧରେ ହଜାର ହଜାର ଜୀବନ ଯାଇସାରିଥିବା ବେଳେ, ଶାନ୍ତି ସ୍ଥାପନ ପାଇଁ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନେତନ୍ୟାହୁଙ୍କ ବିରୋଧରେ ତୁର୍କୀରେ ମାମଲା



### ୪୬୦୦ ବର୍ଷ ଜେଲ ଦଣ୍ଡ ପାଇଁ ଦାବି

ଆଙ୍କାରା, ୧୨।୪(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତିରେ ଏକ ଚାଞ୍ଚଲ୍ୟକର ଘଟଣାକ୍ରମରେ, ତୁର୍କୀ ସରକାର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସମେତ ୩୫ ଜଣଙ୍କ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିଛନ୍ତି। ଗାଜାକୁ ଯାଉଥିବା ମାନବୀୟ ସହାୟତା ମିଶନ ଉପରେ ଆକ୍ରମଣ କରିବା ଅଭିଯୋଗରେ ଇସ୍ତାନବୁଲର ମୁଖ୍ୟ ସରକାରୀ ଓକିଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଅଭିଯୁକ୍ତମାନେଙ୍କ ପାଇଁ ସର୍ବାଧିକ ୪, ୫୯୬ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଦାବି କରାଯାଇଛି। ଏହି ସମସ୍ତ ବିବାଦ ଗତ ବର୍ଷ ସେପ୍ଟେମ୍ବର ମାସରେ ଘଟିଥିବା 'ସୁମୁଦ ଫ୍ଲୋଟିଲା' ଘଟଣା ସହିତ ଜଡ଼ିତ। ଗାଜାର ଅସହାୟ ନାଗରିକଙ୍କ ପାଇଁ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ନେଇ ଯାଉଥିବା ଏହି ଜାହାଜଗୁଡ଼ିକୁ ଇସ୍ରାଏଲ ନୌସେନା ଅଟକାଇଥିବା ଅଭିଯୋଗ ହୋଇଥିଲା। ଇସ୍ରାଏଲ ସୈନ୍ୟମାନେ ଜୋରଜବରଦସ୍ତ ଜାହାଜ ମଧ୍ୟକୁ ପ୍ରବେଶ କରି ସେଠାରେ ଥିବା ସମାଜସେବୀଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ସେମାନଙ୍କୁ ବେଆଇନ ଭାବେ ଅଟକ ରଖିଥିଲେ। ତୁର୍କୀର ଯୁକ୍ତି ଅନୁସାରେ, ଏହି କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ରୂପେ ଅନ୍ତର୍ଜାତୀୟ ଆଇନ୍‌ର ଉଲ୍ଲଂଘନ। ତେଣୁ ନେତନ୍ୟାହୁ ଓ ଅନ୍ୟ ଅଧିକାରୀଙ୍କୁ ଏଥିପାଇଁ ଦଣ୍ଡ ମିଳିବା ଉଚିତ ବୋଲି କୁହାଯାଇଛି।

## ଜୁଲାଇ ୩ରୁ ଅମରନାଥ ଯାତ୍ରା

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ପବିତ୍ର ଅମରନାଥ ଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ଜୁଲାଇ ୩ରୁ ଏଥର ଅମରନାଥ ଯାତ୍ରା ଆରମ୍ଭ ହେବ ଓ ଏହା ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ ଏହି ପବିତ୍ର ଯାତ୍ରା ମୋଟ୍ ୫୭ ଦିନ ଧରି ଚାଲିବ। ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା ରବିବାର ଚଳିତ ବର୍ଷର ଯାତ୍ରା ସୂଚୀ ଘୋଷଣା କରିଛନ୍ତି। ଯାତ୍ରା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଏପ୍ରିଲ ୧୫ରୁ ଆରମ୍ଭ ହେବ। ୧୩ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ଯେକୌଣସି ବ୍ୟକ୍ତି ଏହି ଯାତ୍ରା ପାଇଁ ଆବେଦନ କରିପାରିବେ। ଜୁନ୍ ୧୯ ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ଗୁମ୍ଫା ମଧ୍ୟରେ ପ୍ରଥମ ପୂଜାର ଆୟୋଜନ ହେବ। ଶ୍ରଦ୍ଧାଳୁମାନେ ଦେଶର ୫୫୬ଟି ବ୍ୟାଙ୍କ ଶାଖା ମାଧ୍ୟମରେ ଅଫଲାଇନ୍ କିମ୍ବା ମନ୍ଦିର ବୋର୍ଡର ୱେବସାଇଟ୍ ଜରିଆରେ ଅନଲାଇନ ପଞ୍ଜୀକରଣ କରିପାରିବେ। ଚଳିତ ବର୍ଷ ତୀର୍ଥଯାତ୍ରୀଙ୍କ ପାଇଁ ଦୁର୍ଘଟଣା ବିମା ରାଶିକୁ ୫ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ଓ ଗତିବିଧି ଉପରେ ନଜର ରଖିବା ପାଇଁ ଆରଏଫ୍‌ଆଇଡି କାର୍ଡ ବ୍ୟବହାର କରାଯିବ।



**୫୭ ଦିନ ଚାଲିବ**
**ଏପ୍ରିଲ ୧୫ରୁ ପଞ୍ଜୀକରଣ**


## ନାଇଜେରିଆ ବିମାନ ଆକ୍ରମଣ: ୨୦୦ରୁ ଅଧିକ ମୃତ୍ୟୁ ଆଶଙ୍କା

ଅବୁଜା, ୧୨।୪(ଏଜେନ୍ସି): ନାଇଜେରିଆର ଉତ୍ତର-ପୂର୍ବାଞ୍ଚଳରେ ଥିବା ୟୋବେରେ ଏକ ଭୟଙ୍କର ସାମରିକ ବିମାନ ଆକ୍ରମଣ କରାଯାଇଛି। ବୋକୋ ହାରାମର ଇସଲାମିକ ଆତଙ୍କବାଦୀଙ୍କୁ ପିଛା କରୁଥିବା ସମୟରେ ନାଇଜେରିଆ ସେନାର ଯୁଦ୍ଧ ବିମାନ ଏକ ଗ୍ରାମୀଣ ବଜାର ଉପରେ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ଯେଉଁଥିରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଶନିବାର ବିଳମ୍ବିତ ରାତିରେ ଏହି ଆକ୍ରମଣ ଘଟିଥିବା କୁହାଯାଇଛି। ୟୋବେର ଗେଇଡାମ ଅଞ୍ଚଳରେ ଥିବା ଜିଲ୍ଲି ବଜାରରେ ଏହି ଆକ୍ରମଣ ହୋଇଛି। ସ୍ଥାନୀୟ କାଉନସିଲର ଏହି ଘଟଣାକୁ ଅତ୍ୟନ୍ତ ମର୍ମନ୍ତୁଦ ବୋଲି ବର୍ଣ୍ଣନା କରିଛନ୍ତି। ନାଇଜେରିଆ ବାୟୁସେନା ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ସେମାନେ ବୋର୍ଣ୍ଣୋ ରାଜ୍ୟର ଜିଲ୍ଲି ଠାରେ ବୋକୋ ହାରାମ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ତେବେ ଏହି କାର୍ଯ୍ୟାନୁଷ୍ଠାନ ସମୟରେ କୌଣସି ବଜାର ଉପରେ ଆକ୍ରମଣ କରାଯାଇଥିବା ନେଇ ସେନା ସ୍ପଷ୍ଟ କରିନାହିଁ କିମ୍ବା ଏ ସମ୍ପର୍କରେ ଅଧିକ ପ୍ରଶ୍ନର ଉତ୍ତର ଦେଇନାହିଁ।

# ପୁଣି ଚର୍ଚ୍ଚାରେ ବସୁନ୍ଧରା ରାଜେ

ଜୟପୁର, ୧୨।୪(ଏଜେନ୍ସି): ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତ୍ରୀ ବସୁନ୍ଧରା ରାଜେ ପୁଣି ଥରେ ଗଣମାଧ୍ୟମର ଶିରୋନାମା ପାଲଟିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀର ଏକ ଜନସମ୍ପର୍କ ଯାତ୍ରା ସମୟରେ ସେ ଦେଇଥିବା ଏକ ଭାବପ୍ରବଣ ମନ୍ତବ୍ୟକୁ ନେଇ ରାଜନୈତିକ ମହଲରେ ତର୍କ ବିତର୍କର ଝଡ଼ ସୃଷ୍ଟି ହୋଇଛି। ଯଦିଓ ସେ ଏହାକୁ ଏକ ବ୍ୟକ୍ତିଗତ ପ୍ରସଙ୍ଗ ବୋଲି କହିଛନ୍ତି, କିନ୍ତୁ ବିରୋଧୀ ଓ ସାମାଜିକ ଗଣମାଧ୍ୟମରେ ଏହାକୁ ମୁଖ୍ୟମନ୍ତ୍ରୀ ପଦ ନପାଇବାର କ୍ଷୋଭ ବୋଲି ଚିତ୍ରଣ କରାଯାଇଛି। ଗୁରୁବାର ମନୋହର ଥାନା ଅଞ୍ଚଳରେ ଜନସଭାକୁ ସମ୍ବୋଧିତ କରି ବସୁନ୍ଧରା କହିଥିଲେ, ମୁଁ ନିଜ ପାଇଁ କିଛି କରିପାରିଲି ନାହିଁ, ନିଜକୁ (ନିଜର ଘରକୁ) ବଞ୍ଚାଇ ପାରିଲି ନାହିଁ। ଏହି କଥାଟି ଭାଇରାଲ ହେବା ପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ଅଶୋକ ଗେହଲଟଙ୍କ ଭଳି ନେତାମାନେ ବସୁନ୍ଧରା ସପକ୍ଷରେ ମନ୍ତବ୍ୟ ଦେଇ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଚେଷ୍ଟା କରିଛନ୍ତି। ଅନ୍ୟପଟେ, ରାଜସ୍ଥାନ ବିଜେପି ସଭାପତି ମଦନ ରାଠୋର ଏକ ମାରୱାଡ଼ି ଶ୍ଳୋକ ମାଧ୍ୟମରେ କଟାକ୍ଷ କରି କହିଥିଲେ ଯେ, କେହି ସବୁବେଳେ ମୁଖ୍ୟମନ୍ତ୍ରୀ ହୋଇ ରୁହନ୍ତି ନାହିଁ। ଏହି ବିବାଦ ବଢ଼ିବା ପରେ ବସୁନ୍ଧରା ଏକ ସ୍ପଷ୍ଟୀକରଣ ଜାରି କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ କଥାକୁ ଭୁଲ ଭାବେ ଉପସ୍ଥାପନ କରିବା ଏକ ଷଡ଼ଯନ୍ତ୍ର। ପ୍ରକୃତରେ ସେ ତାଙ୍କ ନିର୍ବାଚନୀ ମଣ୍ଡଳୀ ଦେଇ ଯାଉଥିବା ଜାତୀୟ ରାଜପଥ ନିର୍ମାଣ ବିଷୟରେ କହୁଥିଲେ। ରାସ୍ତା ସମ୍ପ୍ରସାରଣ ସମୟରେ ତାଙ୍କ ନିଜର ଧୋଲପୁର ବାସଭବନର ପାଚେରୀ ମଧ୍ୟ ଭଙ୍ଗାଯାଇଥିଲା। ସରକାରୀ ନିୟମରେ ସେ ନିଜକୁ ଅସହାୟ ମନେ କରିଥିଲେ, ଯାହାର ଉଦାହରଣ ସେ ସାଧାରଣ ଜନତାଙ୍କୁ ଦେଉଥିଲେ। ବସୁନ୍ଧରାଙ୍କ ମତରେ ଜନସାଧାରଣଙ୍କ ଭଲ ପାଇବା ହିଁ ସବୁଠାରୁ ବଡ଼ ପଦବୀ। ତେବେ ଏହି ଘଟଣାଟି ରାଜସ୍ଥାନ ବିଜେପି ମଧ୍ୟରେ ଥିବା ପୁରୁଣା ଓ ନୂଆ ନେତୃତ୍ୱ ମଧ୍ୟରେ ଥିବା ଦୂରତାକୁ ପଦାରେ ପକାଇଛି।

**ଏକ ସାଧାରଣ ମନ୍ତବ୍ୟକୁ ନେଇ ରାଜସ୍ଥାନ ରାଜନୀତିରେ ହଟଚମଟ**



# ଭୋଟ୍ ଦେବା, ନିର୍ବାଚନ ଲଢ଼ିବା ମୌଳିକ ଅଧିକାର ନୁହେଁ: ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଶନିବାର ଏକ ବଡ଼ ଓ ଐତିହାସିକ ରାୟ ଦେଇଛନ୍ତି। ଭୋଟ ଦେବା ଏବଂ ନିର୍ବାଚନ ଲଢ଼ିବାର ଅଧିକାର ସମ୍ବିଧାନ ଦ୍ୱାରା ପ୍ରଦତ୍ତ କୌଣସି ମୌଳିକ ଅଧିକାର ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ବରଂ ଏହା ଏକ ବୈଧାନିକ ଅଧିକାର, ଯାହା ସଂସଦ କିମ୍ବା ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ବା ନିୟମାବଳୀ ଅନୁସାରେ ନିୟନ୍ତ୍ରିତ ହୋଇଥାଏ। ଜଷ୍ଟିସ ଭିବି ନାଗରତ୍ନ ଓ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଶନିବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟଙ୍କ କହିବା ଅନୁସାରେ, ଏହି ଅଧିକାରଗୁଡ଼ିକ କେବଳ ସେତିକି ପରିମାଣରେ ଉପଲବ୍ଧ ହେବ, ଯେତିକି ଆଇନ ଦ୍ୱାରା ନିର୍ଦ୍ଧାରିତ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ମାମଲାଟି ରାଜସ୍ଥାନର 'ଜିଲ୍ଲା ଦୁଗ୍ଧ ଉତ୍ପାଦକ ସମବାୟ ସଂଘ'ର ନିର୍ବାଚନ ସମ୍ପର୍କିତ ଥିଲା। ରାଜସ୍ଥାନ ସମବାୟ ସମିତି ଅଧିନିୟମ, ୨୦୦୧ ଅଧୀନରେ କିଛି ନୂଆ - ଉପନିୟମ ପ୍ରଣୟନ ହୋଇଥିଲା। ଏଥିରେ ପ୍ରାର୍ଥୀ ହେବା ପାଇଁ କିଛି ସର୍ତ୍ତ ରଖାଯାଇଥିଲା, ଯେପରିକି ପ୍ରାର୍ଥୀ ଜଣକ ନିର୍ଦ୍ଧାରିତ ଦିନ ପର୍ଯ୍ୟନ୍ତ କ୍ଷୀର ଯୋଗାଣ କରିଥିବା ଆବଶ୍ୟକ। ତେବେ କିଛି ପ୍ରାଥମିକ ସମବାୟ ସମିତି ଏହି ନିୟମକୁ ଚ୍ୟାଲେଞ୍ଜ୍ କରିଥିଲେ। ୨୦୧୫ରେ ରାଜସ୍ଥାନ ହାଇକୋର୍ଟ ଏହି ନିୟମକୁ ଅନ୍ୟାୟ ଦର୍ଶାଇ ରଦ୍ଦ କରିଥିଲେ, ଯାହାକୁ ୨୦୨୨ରେ ଏକ ଡିଭିଜନ ବେଞ୍ଚ୍ ମଧ୍ୟ କାଏମ ରଖିଥିଲେ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ କିଛି ଜିଲ୍ଲା ଦୁଗ୍ଧ ସଂଘର ଅଧ୍ୟକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ ସହ ଅସହମତି ପ୍ରକାଶ କରି ଏହି ରାୟ ପ୍ରଦାନ କରିଛନ୍ତି। ଏହି ରାୟ ପରେ ସ୍ପଷ୍ଟ ହୋଇଛି ଯେ, ଯଦି କୌଣସି ନିର୍ବାଚନ ପାଇଁ ଆଇନ୍ ଅନୁସାରେ ଯୋଗ୍ୟତା କିମ୍ବା ଅଯୋଗ୍ୟତାର ମାପଦଣ୍ଡ ରଖାଯାଏ, ତେବେ ଜଣେ ନାଗରିକ ଏହାକୁ ମୌଳିକ ଅଧିକାର କହି କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ନାହିଁ। ଯଦି ନିୟମଗୁଡ଼ିକ ସମ୍ବିଧାନର ସମାନତା ନୀତିର ବିରୋଧ କରୁଥାଏ, ତେବେ ଯାଇ କୋର୍ଟ ଏଥିରେ ହସ୍ତକ୍ଷେପ କରିବେ। ଏହି ରାୟ ଆଗାମୀ ଦିନରେ ନିର୍ବାଚନୀ ବିବାଦର ସମାଧାନ ପାଇଁ ଏକ ମାର୍ଗଦର୍ଶିକା ସାଜିବ ବୋଲି କୁହାଯାଉଛି।

## ଇସ୍ରାଏଲ ବିସ୍ଫୋରଣରେ ଲେବାନନର ଗ୍ରାମଗୁଡ଼ିକ ନିଶ୍ଚିହ୍ନ

ବେରୁଟ, ୧୨।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଭୟାବହ ମୋଡ଼ ନେବାକୁ ଯାଉଥିବା ସମୟରେ, ଅନ୍ୟପଟେ ଇସ୍ରାଏଲ ଦକ୍ଷିଣ ଲେବାନନ୍‌ର ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ଯୋଜନାବଦ୍ଧ ଭାବେ ଧ୍ୱଂସ କରିବାରେ ଲାଗିଛି। 'ଦି ଗାର୍ଡିଆନ'ର ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ସେନା ଲେବାନନ୍‌ର ଘରଗୁଡ଼ିକରେ ବିସ୍ଫୋରକ ଖଞ୍ଜି ରିମୋଟ କଣ୍ଟ୍ରୋଲ ସାହାଯ୍ୟରେ ସମ୍ପୂର୍ଣ୍ଣ ଗ୍ରାମଗୁଡ଼ିକୁ ଉଡ଼ାଇ ଦେଉଛି। ଲେବାନନର ସୀମାବର୍ତ୍ତୀ ଗ୍ରାମ ଯଥା ତାଏବ, ନାକୁରା ଓ ଡେର ସେରିୟାନରେ ଥିବା ଘରଗୁଡ଼ିକୁ ନଷ୍ଟ କରାଯାଇଛି। କିନ୍ତୁ ଇସ୍ରାଏଲ ସେନା ଦାବି କରିଛି ଯେ ସାଧାରଣ ଘର ଭିତରେ ଲୁଚି ରହିଥିବା ହିଜବୁଲ୍ଲାର ସୁଡ଼ଙ୍ଗ ଏବଂ ସାମରିକ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଏହି ପଦକ୍ଷେପ ନେଇଛି। ଇସ୍ରାଏଲ ଲିଟାନି ନଦୀ ପର୍ଯ୍ୟନ୍ତ ଅଞ୍ଚଳକୁ ନିଜ ଦଖଲକୁ ନେଇ ଏକ ସୁରକ୍ଷା ବଳୟ ଗଠନ କରିବାକୁ ଘୋଷଣା କରିଛି। ଶନିବାର ହୋଇଥିବା ଆକ୍ରମଣରେ ପ୍ରାୟ ୧୮ ଜଣ ପ୍ରାଣ ହରାଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଲେବାନନ୍‌ରେ ମୋଟ୍ ମୃତ୍ୟୁ ସଂଖ୍ୟା ୨, ୦୦୦ ଟପି ସାରିଛି।

## ହାଇତିରେ ଦଳାଚକଟା; ୩୦ ମୃତ

ପୋର୍ଟ-ଅଉ- ପ୍ରିନ୍ସ, ୧୨।୪(ଏଜେନ୍ସି): କାରିବିୟାନ ଦେଶ ହାଇତିର ଐତିହାସିକ ସିଟାଡେଲ ଲାଫେରିଏର ଦୁର୍ଗରେ ଏକ ବାର୍ଷିକ ସମାରୋହ ସମୟରେ ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଛି। ଭୟାବହ ଦଳଚକଟା ଯୋଗୁଁ ଅନ୍ୟୂନ ୩୦ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ ଅନେକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଅଘଟଣ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ଭାବେ ମାନ୍ୟତା ପାଇଥିବା ଏହି ୧୯ଶ ଶତାବ୍ଦୀର ଦୁର୍ଗରେ ବହୁ ସଂଖ୍ୟାରେ ଛାତ୍ର ଓ ପର୍ଯ୍ୟଟକ ଏକତ୍ରିତ ହୋଇଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ଗର ପ୍ରବେଶ ଦ୍ୱାର ନିକଟରେ ଅତ୍ୟଧିକ ଭିଡ଼ ଜମା ହୋଇଥିବା ବେଳେ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଏକ ସମୟରେ ବାହାରକୁ ଆସିବାକୁ ଚେଷ୍ଟା କରିବାରୁ ସ୍ଥିତି ଅନିୟନ୍ତ୍ରିତ ହୋଇପଡ଼ିଥିଲା। ଫଳରେ ଏହି ଘଟଣା ଘଟିଥିଲା। ହାଇତିର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଏଲିକ୍ସ ଡିଡିଅଲ ଫିଲ୍ସ-ଏମେ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ନିୟୋଜିତ ଅଛନ୍ତି ଏବଂ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


### ବିହାରରେ ନୂଆ ସରକାର ଗଠନ ପ୍ରକ୍ରିୟା

## ଶିବରାଜଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ବିହାର ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ପାଇଁ ପଥ ପରିଷ୍କାର ହୋଇଛି। ବିଜେପି ରବିବାର କେନ୍ଦ୍ର କୃଷି ତଥା କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ବିହାର ବିଧାୟକ ଦଳର ନେତା ନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ଏହି ନିଷ୍ପତ୍ତି ପରେ ରାଜ୍ୟରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବାର ମାର୍ଗ ପ୍ରଶସ୍ତ ହୋଇଛି। ବିଜେପି ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂଙ୍କ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ଦଳର ସଂସଦୀୟ ବୋର୍ଡ ଚୌହାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଗତ ଏପ୍ରିଲ ୧୦ରେ ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। ଭାରତର ସମସ୍ତ ୪ଟି ସଂସଦୀୟ ତଥା ବିଧାନସଭା ଗୃହ ବିଧାନସଭା, ବିଧାନ ପରିଷଦ, ଲୋକସଭା ଓ ରାଜ୍ୟସଭାରେ ସେବା କରିବାର ତାଙ୍କର ଦୀର୍ଘଦିନର ଅଭିଳାଷ ଏହି ପଦକ୍ଷେପ ଦ୍ୱାରା ପୂରଣ ହୋଇଛି।

# ଅଢ଼େଇ କୋଟି ୟୁଟ୍ୟୁବ୍ ଚ୍ୟାନେଲ, ମାତ୍ର ୩୦ ଲକ୍ଷ ପ୍ରଫେସନାଲ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ଭାରତରେ ମୋଟ୍ ଅଢ଼େଇ କୋଟି ସକ୍ରିୟ ୟୁଟ୍ୟୁବ ଚ୍ୟାନେଲ ରହିଛି ବୋଲି ଇନଫ୍ଲୁଏନ୍ସ ଟ୍ରଷ୍ଟ ରିପୋର୍ଟ ତରଫରୁ ତଥ୍ୟ ପ୍ରକାଶିତ ହୋଇଛି। ଆଧୁନିକ ଯୁଗରେ ସୂଚନା ଓ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ସାଜିଥିବା ୟୁଟ୍ୟୁବ ବର୍ତ୍ତମାନ ସମାଜ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ୨.୫ କୋଟି ଚ୍ୟାନେଲ ମଧ୍ୟରୁ ମାତ୍ର ୩୦ ଲକ୍ଷ ବୃତ୍ତିଗତ ଭାବେ କାର୍ଯ୍ୟ କରୁଥିବା ବେଳେ, ବାକି କୋଟି କୋଟି ଚ୍ୟାନେଲ କୌଣସି ନିୟନ୍ତ୍ରଣ ବାହାରେ ରହି ମିଥ୍ୟା ପରାମର୍ଶ ଓ ନକଲି ବିଷୟବସ୍ତୁ ପରିବେଷଣ କରୁଛନ୍ତି। ଇନଫ୍ଲୁଏନ୍ସ ଟ୍ରଷ୍ଟ ରିପୋର୍ଟ ଅନୁଯାୟୀ, ଦେଶର ୭୦ ପ୍ରତିଶତ ଲୋକ ୟୁଟ୍ୟୁବର ପରାମର୍ଶକୁ ବିନା ଯାଞ୍ଚରେ ବିଶ୍ୱାସ କରୁଥିବା ଏକ ଚିନ୍ତାଜନକ ବିଷୟ। ଅନେକ ସମୟରେ ୟୁଟ୍ୟୁବରଙ୍କ ଭୁଲ ପରାମର୍ଶ ମାନବ ଜୀବନ ପାଇଁ ଘାତକ ସାବ୍ୟସ୍ତ ହେଉଛି। ତାମିଲନାଡୁରେ ଜଣେ ମହିଳା ୟୁଟ୍ୟୁବ ଦେଖି ପ୍ରସବ କରିବା ପ୍ରୟାସରେ ପ୍ରାଣ ହରାଇବା ଏବଂ ସେୟାର ବଜାରରେ ଭୁଲ ପରାମର୍ଶ ଦେଇ ନିବେଶକଙ୍କୁ କୋଟି କୋଟି ଟଙ୍କାର କ୍ଷତି ପହଞ୍ଚାଇବା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ପରିପ୍ରେକ୍ଷୀରେ ମାଡ୍ରାସ ହାଇକୋର୍ଟ ଚେତାବନୀ ଦେଇ କହିଛନ୍ତି ଯେ, କେବଳ ଭ୍ୟୁ ଓ ସବସ୍କ୍ରାଇବର ବଢ଼ାଇବା ପାଇଁ ପରିବେଷଣ କରାଯାଉଥିବା ସାମଗ୍ରୀ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ରୋକିବା ପାଇଁ କଠୋର ଆଇନ ଲାଗୁ କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଚ୍ୟାନେଲଗୁଡ଼ିକୁ ଟ୍ୟାକ୍ସ ପେୟର ଭାବେ ପଞ୍ଜିକୃତ କରାଯିବା, ଭାରତୀୟ ଡାଟା ବ୍ୟବହାର କରି ବିଜ୍ଞାପନରୁ ରୋଜଗାର କରୁଥିବା କମ୍ପାନୀଙ୍କ ଉପରେ ଜିଏସ୍‌ଟି ଲାଗୁ କରିବା ଓ ଆଇଟି ନିୟମ ଅନୁଯାୟୀ, ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ୟୁଟ୍ୟୁବ ବର୍ତ୍ତମାନ କେବଳ ମନୋରଞ୍ଜନର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଡାକ୍ତରୀଠାରୁ ଆରମ୍ଭ କରି ଆଇନଗତ ପରାମର୍ଶ ପର୍ଯ୍ୟନ୍ତ ସବୁ କିଛି ପରିବେଷଣ କରୁଛି। ଏହି ପରିପ୍ରେକ୍ଷୀରେ, ସରକାରୀ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସତର୍କତା ହିଁ ଏହି 'ଡିଜିଟାଲ ବିଷ'ରୁ ସମାଜକୁ ରକ୍ଷା କରିପାରିବ।




**ମାତ୍ର ୩୦ ଲକ୍ଷ ହେଉଛି ପେସାଦାର, ବାକି ଚ୍ୟାନେଲଗୁଡ଼ିକ ପରସୁଛନ୍ତି ଭ୍ରମାତ୍ମକ ତଥ୍ୟ**

ସକାଳ
THE SAKALA
www.sakalaepaper.com

## ୪ ହଜାର ରନ ପୂରଣରେ ଗିଲ୍ ସର୍ବକନିଷ୍ଠ

ଲକ୍ଷ୍ନୌ, ୧୨।୪ (ଏଜେନ୍ସି): ଆଇପିଏଲ୍ ଇତିହାସରେ ସର୍ବକନିଷ୍ଠ ବ୍ୟାଟର୍ ଭାବେ ଗୁଜରାଟ ଟାଇଟାନ୍ସର ଅଧିନାୟକ ଶୁବମାନ ଗିଲ୍ ୪୦୦୦ ରନ ପୂରଣ କରିଛନ୍ତି। ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ଅବସରରେ ଗିଲ୍ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମ୍ୟାଚରେ ଗିଲ୍ ୪୦ ବଲରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏଥିସହ ଗିଲ୍‌ଙ୍କ ରନ ସଂଖ୍ୟା ୪୦୩୧ରେ ପହଞ୍ଚିଛି। ୪୦୦୦ ରନ ମାଇଲଖୁଣ୍ଟ ହାସଲ କରିବା ସମୟରେ ଗିଲ୍‌ଙ୍କୁ ୨୬ ବର୍ଷ ୨୧୬ ଦିନ ହୋଇଥିଲା। ପୂର୍ବରୁ ସର୍ବକନିଷ୍ଠ ବ୍ୟାଟର ଭାବେ ୪ ହଜାର ଆଇପିଏଲ୍ ରନ କରିବାର ରେକର୍ଡ ବିରାଟ କୋହଲିଙ୍କ ନାମରେ ରହିଥିଲା। ଆରସିବି ତାରକା କୋହଲି ୨୦୧୬ ମସିହାରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ସେତେବେଳେ କୋହଲିଙ୍କୁ ୨୭ ବର୍ଷ ୧୯୫ ଦିନ ବୟସ ହୋଇଥିଲା।

● ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

## ଫାଇନାଲରେ ଝୁଣ୍ଟିଲେ ଆୟୁଷ; ରୌପ୍ୟରେ ସନ୍ତୁଷ୍ଟ



ନିଙ୍ଗବୋ, ୧୨।୪ (ଏଜେନ୍ସି): ଚାଇନାରେ ଶେଷ ହୋଇଥିବା ୪୩ତମ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ଭାରତର ଆୟୁଷ ସେଟ୍ଟୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଉଚ୍ଚ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ହରାଇ ଏକାଧିକ ବିପର୍ଯ୍ୟୟ ଘଟାଇଥିବା ଆୟୁଷ ଫାଇନାଲରେ ୮-୨୧, ୧୦-୨୧ ସିଧାସଳଖ ଗେମରେ ବିଶ୍ୱର ୨ ନମ୍ବର ଖେଳାଳି ଚାଇନାର ଶି ୟୁକି'ଙ୍କ ନିକଟରୁ ହାରିଯାଇଥିଲେ। ୨୦ ବର୍ଷୀୟ ଆୟୁଷ ଷଷ୍ଠ ଭାରତୀୟ ପୁରୁଷ ଖେଳାଳି ଭାବେ ସମ୍ମାନଜନକ ଏହି ମହାଦେଶୀୟ ପ୍ରତିଯୋଗିତାରେ ପଦକ ଜିତିଛନ୍ତି। ପୂର୍ବରୁ ଦୀନେଶ ଖାନ୍ନା (୧୯୬୫ରେ ସ୍ୱର୍ଣ୍ଣ ଓ ୧୯୬୯ରେ କାଂସ୍ୟ), ସୁରେଶ ଗୋଏଲ (୧୯୬୫ରେ କାଂସ୍ୟ), ପ୍ରକାଶ ପାଦୁକୋନ (୧୯୭୬ରେ କାଂସ୍ୟ), ପୁଲେଲା ଗୋପୀଚାନ୍ଦ (୨୦୦୦ରେ କାଂସ୍ୟ), ଅରୂପ ଶ୍ରୀଧର (୨୦୦୭ରେ କାଂସ୍ୟ) ଓ ଏଚଏସ୍ ପ୍ରଣୟ (୨୦୧୮ରେ କାଂସ୍ୟ) ଏହି ପ୍ରତିଯୋଗିତାରେ ପୋଡିୟମ ଫିନିଶ କରିଥିଲେ। ତେବେ ଦୀନେଶଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ୬୧ ବର୍ଷର ବ୍ୟବଧାନରେ ଫାଇନାଲ ଖେଳିଥିବା ଆୟୁଷ ଫାଇନାଲରେ ତାଙ୍କ ବିଜୟଧାରାକୁ ବଜାୟ ରଖିବାରେ ବିଫଳ ହୋଇଥିଲେ। ସେମିଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି କୁନଲାଭଟ ଭିତିଦର୍ଶନ ଓ କ୍ୱାର୍ଟରରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଜୋନାଥନ କ୍ରିଷ୍ଟିଙ୍କୁ ହରାଇ ଆୟୁଷ ବିପର୍ଯ୍ୟୟ ଘଟାଇଥିଲେ।

## ୪୮ ବର୍ଷର ଜାତୀୟ ମାରାଥନ ରେକର୍ଡ ଭାଙ୍ଗିଲେ ସାୱନ

ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି): ହିମାଚଳ ପ୍ରଦେଶର ଧାବକ ସାୱନ ବରୱାଲ ରବିବାର ଇତିହାସ ରଚିଛନ୍ତି। ସାୱନ ପୁରୁଷ ମାରାଥନରେ ୪୮ ବର୍ଷ ତଳର ରେକର୍ଡକୁ ଭାଙ୍ଗିଛନ୍ତି। ନେଦରଲାଣ୍ଡସର ରୋଟ୍ଟରଡାମରେ ରବିବାର ଅନୁଷ୍ଠିତ ଏନଏନ୍ ମାରାଥନ (୪୨.୧୯୫ କିମି)କୁ ସାୱନ ୨ ଘଣ୍ଟା ୧୧ ମିନିଟ୍ ୫୮ ସେକେଣ୍ଡରେ ଫିନିଶ କରି ୨୦ତମ ସ୍ଥାନରେ ରହିଥିଲେ।



ପୂର୍ବରୁ ପୁରୁଷ ମାରାଥନରେ ଭାରତର ଜାତୀୟ ରେକର୍ଡ ଶିବନାଥ ସିଂହଙ୍କ ନାମରେ ରହିଥିଲା। ୧୯୭୮ରେ ଶିବନାଥ ୨ ଘଣ୍ଟା ୧୨ ମିନିଟ୍‌ରେ ମାରାଥନ ଶେଷ କରି ୪୮ ବର୍ଷ ହେଲା ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ସେନା ଚାକିରି କରିଥିବା ୨୮ ବର୍ଷୀୟ ସାୱନଙ୍କ କ୍ୟାରିୟରର ଏହା ପ୍ରଥମ ଅଫିସିଆଲ୍ ମାରାଥନ ଥିଲା।

## ସଲ୍ଟ ଓ ପାଟିଦାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଆର୍‌ସିବିର ଦମ୍‌ଦାର ବିଜୟ





ୱାଙ୍ଖେଡେ, ୧୨।୪ (ଏଜେନ୍ସି): ଓପନର ଫିଲ୍ ସଲ୍ଟ (୭୮), ଅଧିନାୟକ ରଜତ ପାଟିଦାର (୫୩) ଓ ବିରାଟ କୋହଲି (୫୦)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୨୦ତମ ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୮ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୪୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ସମାନ ସଂଖ୍ୟକ ୨୦ ଓଭରରେ ୫ୱିକେଟ ହରାଇ ୨୨୨ ରନ୍ କରିଥିଲା। ଦଳ ପକ୍ଷରୁ କେହି ଏତେ ବଡ଼ ସ୍କୋରକୁ ଚେଜ୍ କରିବା ଲାଗି ୱିକେଟରେ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଦଳ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୨ବଲ୍‌ରେ ୪୦, ରିୟାନ ରିକେଲଟନ ୨୨ ବଲ୍‌ରେ ୩୭ ଓ ସୂର୍ଯ୍ୟକୁମାର ଯାଦବ ୨୨ ବଲ୍‌ରେ ୩୩ ରନ୍ କରିଥିଲେ ମଧ୍ୟ ଏହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ଶେଷଭାଗରେ ଶେରଫାନ ରଦରଫୋର୍ଡ ୩୧ ବଲ୍‌ରେ ୧ଚୌକା ଓ ୯ଛକା ସହ ଅପରାଜିତ ୭୧ ରନ୍ କରିଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ଆର୍‌ସିବି ପକ୍ଷରୁ ସ୍ପିନର ସୂୟାଶ ଶର୍ମା ଗୋଟିଏ ଓଭରରେ ରିକେଲଟନ ଓ ତିଲକ ବର୍ମାଙ୍କୁ ଆଉଟ କରି ମ୍ୟାଚ୍‌ର ଗତିପଥ ବଦଳାଇଦେଇଥିଲେ। ଏହି ବିଜୟ ପରେ ଆର୍‌ସିବି ୪ଟି ମୁକାବିଲାରୁ ୩ୟ ବିଜୟ ହାସଲ କରି ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ୪ର୍ଥ ମୁକାବିଲାରୁ ତୃତୀୟ ପରାଜୟ ବରଣ କରିଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଆର୍‌ସିବି ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ। ବିଶେଷ କରି ଓପନର ଫିଲ୍ ସଲ୍ଟ ଓ ଅଧିନାୟକ ରଜତ ପାଟିଦାରଙ୍କ ବ୍ୟାଟିଂ ବେଶ ଆକର୍ଷଣୀୟ ହୋଇଥିଲା। ଫଳରେ ପ୍ରଥମ ୱିକେଟରେ ସଲ୍ଟ ଓ କୋହଲି ୬୫ ବଲ୍‌ରୁ ୧୨୦ ଏବଂ ଦ୍ୱିତୀୟ ୱିକେଟରେ କୋହଲି ଓ ପାଟିଦାର ୨୩ବଲ୍‌ରୁ ୬୫ରନ୍ ସଂଗ୍ରହ କରିଥିଲେ। ସଲ୍ଟ ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୩୬ବଲ୍‌ରୁ ୬ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୭୮ ଓ କୋହଲି ୩୮ ବଲ୍‌ରେ ୫ଚୌକା ଓ ୧ଛକା ସହ ଠିକ୍ ୫୦ ରନ୍ କରିଥିଲେ। ଅତ୍ୟନ୍ତ ବିସ୍ଫୋରକ ବ୍ୟାଟିଂ କରି ପାଟିଦାର ୧୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୨୩ ବଲ୍‌ରୁ ୪ଚୌକା ଓ ୫ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ଶେଷ ଭାଗରେ ଟିମ୍ ଡେଭିଡ୍ ୧୬ ବଲ୍‌ରେ ଅପରାଜିତ ୩୪ ରନ୍ କରିବା ଫଳରେ ବେଙ୍ଗାଲୁରୁ ଏକ ବିରାଟ ସ୍କୋର କରିବାରେ ସମର୍ଥ ହୋଇଛି। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ବିଫଳ ହୋଇଥିଲାବେଳେ କ୍ରମାଗତ ୫ଟି ଆଇପିଏଲ୍ ମ୍ୟାଚ୍‌ରେ ୱିକେଟ ପାଇବାରେ ବିଫଳ ହୋଇଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**
ହାଇଦରାବାଦ ବନାମ ରାଜସ୍ଥାନ
ଭେନ୍ୟୁ - ହାଇଦରାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ପ୍ରସିଦ୍ଧଙ୍କ ଘାତକ ବୋଲିଂ, ଟି-୨୦ରେ ବଟ୍ଲରଙ୍କ ୧୦୦ତମ ଅର୍ଦ୍ଧଶତକ

# ଲକ୍ଷ୍ନୌରେ ଏଲ୍‌ଏସ୍‌ଜିର ଷଷ୍ଠ ପରାଜୟ





ଲକ୍ଷ୍ନୌ, ୧୨।୪ (ଏଜେନ୍ସି): ସ୍ଥାନୀୟ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନ କ୍ରିକେଟ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୧୯ତମ ଲିଗ୍ ମ୍ୟାଚ୍‌ରେ ଭ୍ରମଣକାରୀ ଗୁଜରାଟ ଟାଇଟନ୍ସ ୭ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ଫଳରେ ଗୁଜରାଟ ୪ଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ଦୁଇଟି ମ୍ୟାଚରେ ପରାଜିତ ହୋଇଥିବା ଗୁଜରାଟ ତୃତୀୟ ମ୍ୟାଚ୍‌କୁ ୧ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଘରୋଇ ମାଟିରେ ଏଲ୍‌ଏସ୍‌ଜି କ୍ରମାଗତ ଷଷ୍ଠ ପରାଜୟ ବରଣ କରିଛି। ଏହି ମୁକାବିଲାରେ ୪ ଓଭର ବୋଲିଂ କରି ୨୮ ରନ୍‌ରେ ୪ଟି ୱିକେଟ ପାଇଥିବା ବିଜୟୀ ଗୁଜରାଟ ଜାଏଣ୍ଟସର ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ଆରମ୍ଭରୁ ଶେଷଯାଏ ପ୍ରତିପକ୍ଷ ଗୁଜରାଟ ବୋଲିଂର ଉଚିତ ମୁକାବିଲା କରି ପାରି ନ ଥିଲା। ତାରକା ଖଚିତ ଖେଳାଳିଙ୍କୁ ନେଇ ଗଠିତ ଏଲ୍‌ଏସ୍‌ଜି ପକ୍ଷରୁ ୮ଜଣ ଖେଳାଳି ଡବଲ ଫିଗର ଛୁଇଁ ଥିଲେ। ବେଳେ ଓପନର ଆଇଡେନ୍ ମାରକ୍ରମ ସର୍ବାଧିକ ୩୦ ରନ୍ କରିଥିଲେ। ନିକୋଲସ ପୂରନ ୧୯ ରନ୍‌ରେ ଦ୍ୱିତୀୟ ଟପ୍ ସ୍କୋରର, ଅଧିନାୟକ ଋଷଭ ପନ୍ତ, ଅବ୍‌ଦୁଲ ସମଦ ଓ ଦଳର ନୂଆ ଯୁବ ତାରକା ମୁକୁଲ ଚୌଧୁରୀ ୧୮ ରନ୍ ଲେଖାଏଁ କରିଥିଲେ। ଯାହା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୪ ରନ୍ କରିଥିଲା। ପ୍ରତିପକ୍ଷ ଦଳର ପ୍ରସିଦ୍ଧଙ୍କୁ ୪ଟି ଓ ଯୁବ ଖେଳାଳି ଅଶୋକ ଶର୍ମାଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ୧୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ଗୁଜରାଟ ମାତ୍ର ୩ ୱିକେଟ ହରାଇ ୧୮.୪ ଓଭରରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ଜୋଶ ବଟ୍ଲର ୩୭ ବଲ୍‌ରେ ୧୧ ଚୌକା ସହ ୬୦ ଓ ଅଧିନାୟକ ଶୁବମନ ଗିଲ୍ ୪୦ ବଲ୍‌ରେ ୬ ଚୌକା ଓ ୧ ଛକା ସହ ୫୬ ରନ୍ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଟି-୨୦ କ୍ରିକେଟରେ ବଟ୍ଲର ଏଠାରେ ୧୦୦ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଗୁଜରାଟ ଇନିଂସ ଆରମ୍ଭରେ ପରାଜିତ ଏଲ୍‌ଏସ୍‌ଜିର ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି (୧/୩୬) ଓ ପ୍ରିନ୍ସ ଯାଦବ (୧/୩୧) ଆହତ ହେବା ଫଳରେ ଦଳକୁ ଭଲ ଫଳ ମିଳି ନ ଥିଲା।

■ ଇଣ୍ଡିଆନ ଓପନ୍ ଆଥ୍‌ଲେଟିକ୍ସ

## ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୨।୪ (ସମିସ): ନୂଆଦିଲ୍ଲୀ ଓ ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଯଥାକ୍ରମେ ଇଣ୍ଡିଆନ ଓପନ୍ ଆଥ୍‌ଲେଟିକ୍ସ ସିରିଜ-୩ ଓ ସିରିଜ-୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଆଥ୍‌ଲେଟ୍ ପ୍ରଭାବୀ ପ୍ରଦର୍ଶନ କରି ଏକାଧିକ ଇଭେଣ୍ଟରେ ପୋଡିୟମ ଫିନିଶ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ସିରିଜ-







୩ରେ ଅମୀୟ କୁମାର ମଲ୍ଲିକ (୧୦.୫୮ ସେକେଣ୍ଡ) ପୁରୁଷ ୧୦୦ ମିଟର ରେସ-ଏ'ରେ ପ୍ରଥମ, ୧୦୦ ମିଟର ରେସ-ବି'ରେ ଅବିନାଶ ସାହୁ (୧୦.୮୦ ସେକେଣ୍ଡ) ଓ ୨୦ ବର୍ଷରୁ କମ୍ ୪୦୦ ମିଟରରେ ଅସତିକ ପ୍ରଧାନ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ରାଞ୍ଚିରେ ଅନୁଷ୍ଠିତ ସିରିଜ-୪ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୬୨ ସେକେଣ୍ଡ) ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ, ପୁରୁଷ ଲଙ୍ଗ ଜମ୍ପରେ ସରୁନ ପାୟାସିଂ (୭.୪୮ ମିଟର) ପ୍ରଥମ, ୨୦୦ ମିଟରରେ ମହେନ୍ଦ୍ର ସାନ୍ତା (୨୧.୯୬ ସେକେଣ୍ଡ) ପ୍ରଥମ ଓ ଆର୍ଯ୍ୟନ ବ୍ରାହ୍ମିନ (୨୨.୮୦ ସେକେଣ୍ଡ) ୩ୟ, ପୁରୁଷ ୪୦୦ ମିଟରରେ ମଳୟ ବାରିକ (୪୯.୩୩ ସେକେଣ୍ଡ) ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

# ଜାତୀୟ ସବ୍‌ଜୁନିଅର ବାଳିକା ହକି: ଓଡ଼ିଶାକୁ କାଂସ୍ୟ ପଦକ



ଭୁବନେଶ୍ୱର, ୧୨।୪ (ସମିସ): ଝାଡ଼ଖଣ୍ଡର ରାଞ୍ଚିରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୬ତମ ସଂସ୍କରଣରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଛି। ରବିବାର ୩ୟ-୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୪-୨ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଓଡ଼ିଶା ୪ଟି ଯାକ ଗୋଲ୍ ଦେଇଥିଲା। ପ୍ରିୟଙ୍କା ମିଞ୍ଜ ସର୍ବାଧିକ ୨ଟି (୮ମ ଓ ୧୮ତମ ମିନିଟ) ଏବଂ ପ୍ରିନ୍ସେସ ପ୍ରିୟା ଏକ୍କା ଓ ଅର୍ଚ୍ଚନା କୁଜୁରଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ପ୍ରତିପକ୍ଷ ଉତ୍ତରପ୍ରଦେଶର ଆରିକା କୁମାରୀ ଓ ମମତା କୁମାରୀ ଗୋଟିଏ ଲେଖାଏ ଗୋଲ୍ ଶୁଝିଥିଲେ। ଅପରପକ୍ଷରେ ଫାଇନାଲରେ ଝାଡ଼ଖଣ୍ଡ ୨-୧ ଗୋଲରେ ମଧ୍ୟପ୍ରଦେଶକୁ ହରାଇ ଚାମ୍ପିଅନ ହୋଇଛି। ରୁବିନା ବକ୍ସଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୧-୨ ଗୋଲରେ ମଧ୍ୟପ୍ରଦେଶ ନିକଟରୁ ହାରି ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ସେହିଭଳି ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ ହାରି ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିଲା।

■ ଦକ୍ଷିଣ ଏସୀୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍

## ଅନୁପମାଙ୍କୁ ଡବଲ, ଓଡ଼ିଶାକୁ ୪ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୨।୪ (ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ଦକ୍ଷିଣ ଏସୀୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ସହ ୭ଟି ପଦକ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ଅନୁପମା ସ୍ୱାଇଁଙ୍କୁ କେବଳ ୨ଟି ସ୍ୱର୍ଣ୍ଣପଦକ ମିଳିଛି। ସେ ଦ୍ୱିତୀୟ ଦିନରେ ୫୨ କେଜି ବରିଷ୍ଠ ମହିଳା ଫାଇଟିଙ୍ଗ ସିଷ୍ଟମରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତକାଲି ସେ ନେୱାଜାରେ ପ୍ରଥମ ସ୍ୱର୍ଣ୍ଣ ହାସଲ କରିଥିଲେ। ତାଙ୍କ ବ୍ୟତୀତ ପ୍ରଥମ ଦିନରେ ପୁରୁଷ ୬୯ କେଜିରେ ସ୍ୱରାଜ ଜାନି ଓ ୫୬ କେଜିରେ ଅମରେଶ୍ୱର ସ୍ୱାଇଁ ଅନ୍ୟ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ପୁରୁଷ ୭୭ କେଜିରେ ସନ୍ତୋଷ ସିଂ ଓ ଆଜି ଅନୁଷ୍ଠିତ ଫାଇଟିଙ୍ଗ ବିଭାଗରେ ସ୍ୱରାଜ ଜାନି ଓ ଅମରେଶ୍ୱର ସ୍ୱାଇଁ ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାରୁ ଏହି ୪ଜଣ ପ୍ରତିଯୋଗୀ ୭ଟି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଖେଳାଳିମାନଙ୍କ ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ ଜୁ ଜିତ୍‌ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ରେଡ୍‌ଷ୍ଟାର୍‌କୁ ହରାଇ ପାରାମାଉଣ୍ଟ ଚାମ୍ପିଅନ




ଭୁବନେଶ୍ୱର, ୧୨।୪ (ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ହାଇଟେକ୍ ମେଡିକାଲ କଲେଜ୍ ପଡ଼ିଆରେ ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାରାମାଉଣ୍ଟ ଭୁବନେଶ୍ୱରର ଅନ୍ୟତମ ଦଳ କ୍ଲବ୍ ଦି ରେଡ୍‌ଷ୍ଟାରକୁ ୪ ୱିକେଟରେ ହରାଇ ଟ୍ରଫି ଓ ଟାଇଟଲ ହାସଲ କରିଛି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରେଡ୍‌ଷ୍ଟାର ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୧୬୮ ରନ୍ କରିଥିଲା। ଦଳର ପ୍ରତିକ ନାୟକ ୮୫ ଓ ଶ୍ରେୟାଂଶ ବିଧାର ୩୫ ରନ୍ କରିଥିଲେ। ଜବାବରେ ପାରାମାଉଣ୍ଟ ୨୯.୨ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। କ୍ରିଷ୍ଣା ସାସ୍‌ମଲ ୫୨ ଓ ସ୍ୱାଗତ ମିଶ୍ର ୩୭ ରନ୍ କରିଥିଲାବେଳେ ପରାଜିତ ଦଳର କ୍ଷୀରୋଦ ଭୂୟାଁଙ୍କ ୨ଟି ୱିକେଟ ମିଳିଥିଲା। ରେଡ୍‌ଷ୍ଟାର ଇନିଂସରେ ୫ ଓଭର ବୋଲିଂ କରି ୨୫ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ପାରାମାଉଣ୍ଟର ଶୁଭମ ପରିଡ଼ାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବିଜୟୀ ଦଳର ସ୍ୱାଗତ ମିଶ୍ରଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ଦିଆଯାଇଛି।

ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡଃ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ତପନ ପାଢ଼ୀ ଓ ସୁରେଶ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନର ଉପସଭାପତି ବହ୍ଲବ ଚରଣ ସାହୁ ଓ ଯୁଗ୍ମ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ପ୍ରଦୀପ ଜେନା ଓ ପ୍ରମୋଦ ଦାଶ ପରିଚାଳନା କରିଥିଲେ। ଅଭିଷେକ ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ।

● ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍

## କୌସ୍ତୁଭ ଟାଇଟଲ୍ ବିଜୟୀ

ଭୁବନେଶ୍ୱର, ୧୨।୪ (ସମିସ): ଭୁବନେଶ୍ୱରର କୌସ୍ତୁଭ ଦାଶ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। କେଶୁରା ପବ୍ଲିକ୍ ସ୍କୁଲ ପରିସରରେ ଅରାତି ୬୪ ସ୍କୋୟାର ଫାଉଣ୍ଡେସନ ଏବଂ ଓଡ଼ିଶା ରାଜ୍ୟ ଚେସ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ୭ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୁରୀର ରାଜେଶ ନାୟକ ରନର୍ସଅପ୍ ହୋଇଥିଲେ। ଏମାନଙ୍କ ପରେ ଭୁବନେଶ୍ୱରର ଭେଟେରାନ କୋଚ୍ ରାଜେନ୍ଦ୍ର ସାହୁ ତୃତୀୟ, ଓମ୍ ଆଦିତ୍ୟ ଖାଡଙ୍ଗା ଚତୁର୍ଥ, ତନ୍ମୟ ତ୍ରିପାଠୀ ପଞ୍ଚମ, ସ୍ୱପ୍ନିଳ ପ୍ରିୟଦର୍ଶୀ ଷଷ୍ଠ, କେନ୍ଦ୍ରପଡ଼ାର ଲବ୍ୟଜ୍ୟୋତି ରାଉତରାୟ ୭ମ ଓ ଜଟଣୀର ସ୍ଥିତପ୍ରଜ୍ଞ ସାହୁ ୮ମ ସ୍ଥାନ ଅଧିକାର କରିଥିଲେ। ତୃତୀୟରୁ ଅଷ୍ଟମ ସ୍ଥାନିତ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଖେଳ ଶେଷରେ ଅରାତି ୬୪ ସ୍କୋୟାର ଫାଉଣ୍ଡେସନର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ଦାସ, ଅଲଓଡ଼ିଶା ଚେସ ସଂଘ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଟ୍ଟ, ଉପଦେଷ୍ଟା ଅସିତ ମୁଖାର୍ଜୀ, ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ଓ ଓଡ଼ିଶା ରାଜ୍ୟ ଚେସ ସଂଘ (ଓଏସ୍‌ସିଏ)ର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରଞ୍ଜିତା ଭଟ୍ଟାଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟ ସଂଯୋଜକ ରହିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS